
ବର୍ଷ-୨୫, ସଂଖ୍ୟା-୨୪୫
ଭୁବନେଶ୍ୱର
୧୨, ସେପ୍ଟେମ୍ବର, ୨୦୨୫ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 245
Bhubaneswar
12, September, 2025 Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଐଶ୍ୱର୍ଯ୍ୟାଙ୍କୁ ମିଳିଲା ହାଇକୋର୍ଟରୁ ଆଶ୍ୱସ୍ତି

# ମହାନଦୀ ନଦୀତଟ ବିକାଶ ଯୋଜନାକୁ ମଞ୍ଜୁରୀ





- ୩ ବର୍ଷରେ ଖର୍ଚ୍ଚ ହେବ ୨୪୦ କୋଟି
- ମନ୍ଦଲିଆରୁ ଚଉଁରପୁର ପର୍ଯ୍ୟନ୍ତ ୧୬୦ କୋଟି
- କୂଆଖାଇ ଓ କୁଶଭଦ୍ରା ନଦୀରେ ନଦୀତଟ ପାଇଁ ୮୦ କୋଟି

**ଭୁବନେଶ୍ୱର,୧୧।୯(ମହାଭାରତ):** ବହୁ ଆକାଂକ୍ଷିତ ମହାନଦୀ ନଦୀତଟ ବିକାଶ ଯୋଜନାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ମଞ୍ଜୁରୀ ଦେଇଛନ୍ତି। ଏହି ଯୋଜନା ୨୦୨୫-୨୬ରୁ ୨୦୨୭-୨୮ ମଧ୍ୟରେ କାର୍ଯ୍ୟକାରୀ ହେବ ଏବଂ ତିନି ବର୍ଷରେ ଖର୍ଚ୍ଚ ହେବ ୨୪୦ କୋଟି ଟଙ୍କା। ଜଳ ସମ୍ପଦ ବିକାଶ ବିଭାଗ ଦ୍ୱାରା ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ଏହି ଅର୍ଥ ଖର୍ଚ୍ଚ ହେବ। ଯୋଜନାକୁ ମଞ୍ଜୁରୀଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ମହାନଦୀ ହେଉଛି ଓଡିଶାର ଜୀବନରେଖା। ମହାନଦୀର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ପରିବେଶ, ସାଂସ୍କୃତିକ ତଥା ଆଧ୍ୟାତ୍ମିକ ପର୍ଯ୍ୟଟନର ପ୍ରମୁଖ କେନ୍ଦ୍ରରେ ପରିଣତ କରାଯିବ। ଏହି ପର୍ଯ୍ୟଟନ ସ୍ଥଳୀ ଗୁଡିକ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଯୋଜନାର ପ୍ରମୁଖ ଉଦ୍ଦେଶ୍ୟ ଗୁଡିକ ହେଉଛି, ନଦୀ କୂଳରେ ସହର ପାଇଁ ସାମାଜିକ, ସାଂସ୍କୃତିକ ସୁବିଧା ଯୋଗାଇଦେବା, ଘରୋଇ ସହଭାଗିତା ମାଧ୍ୟମରେ ଜଳକ୍ରୀଡା, ମନୋରଞ୍ଜନ ପାର୍କ, ବିଜ୍ଞାନ ପାର୍କ, ହର୍ବାଲ ଉଦ୍ୟାନ ଆଦିର ବିକାଶ ପାଇଁ ମୌଳିକ ଭିତିଭୂମି ନିର୍ମାଣ, ନଦୀତଟ କ୍ଷୟ ତଥା ନଦୀ ସଂରଚନାର ନିୟନ୍ତ୍ରଣ, ଆବର୍ଜନା ନିଷ୍କାସନ ପଥ ପରିବର୍ତନ କରି ନଦୀଜଳ ସଫା ରଖିବା, ଜଳ ସଂରକ୍ଷଣ ଦ୍ୱାରା ଜଳାଭାବ ସମୟରେ ନିକଟସ୍ଥ ଅଞ୍ଚଳକୁ ପାନୀୟଜଳ ଯୋଗାଣ ଏବଂ ସମ୍ବଲର ସ୍ଥାୟୀ ବିକାଶ ସହିତ ପାରିପାର୍ଶ୍ୱିକ କ୍ଷେତ୍ରକୁ ପୁନର୍ଜୀବିତ କରିବା।

ଏହି ଯୋଜନାରେ ଦୁଇଟି ସ୍ଥାନରେ ନଦୀତଟର ବିକାଶ କରାଯିବ। ପ୍ରଥମଟି ହେଉଛି ସମ୍ବଲପୁରର ମନ୍ଦଲିଆରୁ ଚଉଁରପୁର ପର୍ଯ୍ୟନ୍ତ ମହାନଦୀରେ ନଦୀକୂଳ ବିକାଶ। ଏଥିରେ ପାର୍କିଂ ସ୍ଥାନ, ଜଗିଙ୍ଗ୍ ପାର୍କ, ସେଲ୍ଫି ପଏଂଟ, ପାର୍କ, ଖୋଲା ଜିମ୍, ଘାଟର ଉନ୍ନତିକରଣ, ସ୍ନାନ ଘାଟ ନିର୍ମାଣ, ଆରତୀ ଘାଟ, ଥିମ୍ ପ୍ଲାଜା, ସପିଂ କମ୍ପ୍ଲେକ୍ସ, ଶୌଚାଳୟ ଆଦିର ବିକାଶ କରାଯିବ। ଏଥିପାଇଁ ୧୬୦ କୋଟି ଟଙ୍କା ବିନିଯୋଗ ହେବ।

ଦ୍ୱିତୀୟଟି ହେଉଛି, ଭୁବନେଶ୍ୱର ପାଣ୍ଡରା ନିକଟ କୂଆଖାଇ ଓ କୁଶଭଦ୍ରା ନଦୀରେ ନଦୀତଟ ବିକାଶ। ଏଥିରେ ସୁରକ୍ଷା କାର୍ଯ୍ୟ ସହିତ ନଦୀକୂଳ ଘାଟର ବିକାଶ, ରିଙ୍ଗ୍ ରୋଡ ସହିତ ଦୃଶ୍ୟ ପଏଂଟ ବିକାଶ, ଭାସ୍ ମାନ ଜେଟି, ଲକ୍‌ଗେଟ୍, ସେତୁ, ପାର୍କିଂ, କାଫେଟେରିଆ, ଶୌଚାଳୟ, ନଦୀପଥ ସହିତ ଆଭ୍ୟନ୍ତରୀଣ ପାଦଚଲା ରାସ୍ତା ନିର୍ମାଣ କରାଯିବ। ଏଥିପାଇଁ ୮୦ କୋଟି ଟଙ୍କା ବିନିଯୋଗ କରାଯିବ।

# ବଡ଼ଧରଣର ମାଓ ଅପରେସନ

## ମାଓ ନେତା ବାଲକ୍ରିଷ୍ଣା ସହ ୧୦ ନିପାତ୍

**ଭୁବନେଶ୍ୱର,୧୧।୯(ମହାଭାରତ):** ୨୦୨୬ ଏପ୍ରିଲ୍ ସୁଦ୍ଧା ଦେଶରୁ ନକ୍ସଲ ମୂଳପୋଛ ଲକ୍ଷ୍ୟ ନେଇ ପୁଣି ଥରେ ସୁରକ୍ଷାବାହିନୀ ପକ୍ଷରୁ ଅପରେସନ୍ ଆରମ୍ଭ କରାଯାଇଛି। ସୁରକ୍ଷା ବାହିନୀର ଯବାନମାନେ ଓଡ଼ିଶା-ଛତିଶଗଡ଼ ସୀମାରେ ଏକ ବଡ଼ଧରଣର ଏନ୍‌କାଉଣ୍ଟର କରିଛନ୍ତି। ଏଥିରେ ୧୦ ଜଣ ନକ୍ସଲ ନିହତ ହୋଇଛନ୍ତି। ତେବେ ଏହାକୁ ବଡ ଏନକାଉଣ୍ଟର ବୋଲି ପୁଲିସ କହିଛି। ତେବେ ଏହାକୁ ବଡ ଏନକାଉଣ୍ଟର ବୋଲି ପୁଲିସ କହିଛି। କାରଣ ନୂଆପଡ଼ା ଜିଲ୍ଲା ସୀମାନ୍ତ ମହାସମୁନ୍ଦ ଜିଲ୍ଲା ଗରିଆବନ୍ଧ ଜଙ୍ଗଲରେ ଯବାନମାନେ ମୋଡେମ୍ ବାଲକ୍ରିଷ୍ଣାକୁ ନିପାତ କରିଛନ୍ତି। ଏ ନେଇ ଛତିଶଗଡ଼ ପୁଲିସ୍ ପକ୍ଷରୁ ନିଶ୍ଚିତ କରାଯାଇଛି। ଓଡ଼ିଶାରେ ମଧ ମୋଷ୍ଟ୍ୱାଣ୍ଟେଡ ମାଓବାଦୀ ରହିଥିଲେ। ଏକାଧିକ ନକ୍ସଲ ହିଂସାକାଣ୍ଡରେ ମନୋଜ ସାମିଲ ଥିଲା। ତାକୁ ବିଭିନ୍ନ ରାଜ୍ୟର ପୁଲିସ୍ ଖୋଜୁ ଥିବା ବେଳେ ଏବେ ତାର ଖେଳ ଖତମ ହୋଇଛି। ନିହତ ମାଓବାଦୀଙ୍କ ମୃତଦେହଗୁଡ଼ିକୁ ବେସ୍ କ୍ୟାମ୍ପକୁ ଅଣାଯାଉଛି। ଏହାପରେ ସ୍ୱତନ୍ତ୍ର ଭାବେ ସେମାନଙ୍କ ପରିଚୟ ଓ ଜବତ ହୋଇଥିବା ଅସ୍ତ୍ରଶସ୍ତ୍ର ସମ୍ପର୍କରେ ସୂଚନା ଦିଆଯିବ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି। ମୋଡେମ ବାଲକ୍ରୀଷ୍ଣା ଏକାଧିକ ନାମରେ ଜଣାଶୁଣା ମନୋଜ, ଭାସ୍କର, ବାଲାନ୍ନା, ରାମଚନ୍ଦ୍ର ଆଦି ନାଁରେ ସେ ପରିଚିତ ତେଲେଙ୍ଗାନାର ହାଇଦ୍ରାବାଦ୍ ନିବାସୀ ମେଡେମ ବାଲକ୍ରୀଷ୍ଣା ପ୍ରାୟ ୩ ଦଶକ ଧରି ମାଓ ସଙ୍ଗଠନ ସହ ଜଡ଼ିତ ରହିଥିଲା। କେନ୍ଦ୍ରୀୟ କମିଟି ଓ ସେଣ୍ଟ୍ରାଲ ରିଜିଓନାଲ ବ୍ୟୁରୋ ସଦସ୍ୟ ଥିଲା। ଓଡ଼ିଶା ରାଜ୍ୟ କମିଟିର ମୁଖ୍ୟ ଥିଲା। ଓଡ଼ିଶା-ଛତିଶଗଡ଼ ସୀମାରେ ସକ୍ରିୟ ଥିଲା। ତା ନାଁରେ କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ପୁରସ୍କାର ଥିଲା। କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ନୟାଗଡ ଅଂଚଳରେ ସକ୍ରିୟ ଥିଲା। ଓଡିଶା ସୀମାରେ ଅବସ୍ଥିତ ଗରିଆବନ୍ଧର ମୈନପୁର ଜଂଗଲରେ ମାଓବାଦୀ ଏକ ବଡକ୍ୟାମ୍ପ କରି ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ଯୋଜନା କରୁଥିବା ବେଳେ ଜିଲ୍ଲା ପୁଲିସ, ଡିଆରଜି ଏବଂ ଏସଟିଏଫ ଯବାନ ଚଢାଉ କରିଥିଲେ। ଆଜି ସକାଳରୁ ହିଁ ଗୁଳିବିନିମୟ ଜାରି ରହିଛି। ଏବେ ମଧ ରହି ରହି ଗୁଳିବିନିମୟ ହେଉଥିବା ଏସପି ନିଖିଲ ରାଖେଚ଼ ପ୍ରକାଶ କରିଛନ୍ତି ଘଟଣାସ୍ଥଳରେ ବହୁ ମାଓବାଦୀଙ୍କ ଶବ ପଡିଥିବା ଏସପି କହିଛନ୍ତି। ଏଥିସହ ଅତ୍ୟାଧୁନିକ ବନ୍ଧୁକ ସହ ମାଓ ସାମଗ୍ରୀ ପଡିଛି ଯବାନ ଘଟଣାସ୍ଥଳରେ ସର୍ଚ୍ଚ ଅପରେସନ କରୁଛନ୍ତି ବୋଲି ପୁଲିସ କହିଛି ଯବାନ ଫେରିବା ପରେ ହିଁ ସବିଶେଷ ବିବରଣୀ ପ୍ରଦାନ କରାଯାଇପାରିବ ବୋଲି କୁହାଯାଇଛି।



# ଭାରତ-ୟୁଏଇ ଶିକ୍ଷାକ୍ଷେତ୍ରରେ ଗୌରବମୟ ଅଧ୍ୟାୟ : ଧର୍ମେନ୍ଦ୍ର



**ଦୁବାଇ,୧୧।୯(ମହାଭାରତ):** ଦୁଇଦିନିଆ ୟୁଏଇ ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ୟୁଏଇର ଉଚ୍ଚଶିକ୍ଷା ମନ୍ତ୍ରୀ ଡକ୍ଟର ଅବଦୁଲ ରେହମାନ ଅଲ ଆୱାରଙ୍କ ଉପସ୍ଥିତିରେ ଦୁବାଇର ଯୁବରାଜ ଶେଖ୍ ହମଦାନ୍ ବିନ୍ ମହମ୍ମଦ ବିନ୍ ରସିଦ୍ ଅଲ୍ ମକତୁମ୍‌ଙ୍କ କରକମଳରେ ଆଇଆଇଏମ, ଅହମ୍ମଦବାଦର ଦୁବାଇ କ୍ୟାମ୍ପସ ଉଦଘାଟନ ହୋଇଯାଇଛି। ଏହିପ୍ରସଙ୍ଗରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପରିକଳ୍ପିତ ଭାରତର ଶିକ୍ଷାର ଅନ୍ତର୍ଜାତୀୟକରଣ ଦିଗରେ ଏହା ଆଉ ଏକ ବଡ଼ପଦକ୍ଷେପ। ଏହି ନୂଆ କ୍ୟାମ୍ପସ ବିଶ୍ୱକୁ ଭାରତର ନୂଆ ପରିଚୟ ପ୍ରଦାନ କରିବ। ଏହି ଅନ୍ତର୍ଜାତୀୟ କ୍ୟାମ୍ପସ୍ ଜାତୀୟ ଶିକ୍ଷା ନୀତିରେ କଳ୍ପନା କରାଯାଇଥିବା 'ଆତ୍ମାରେ ଭାରତୀୟ, ଆଉଟଲୁକରେ ବିଶ୍ୱ' ନୀତିକୁ ଏକ ସର୍ବୋତ୍ତମ ଲଞ୍ଚପ୍ୟାଡ୍ ପ୍ରଦାନ କରିଛି। ଏହି କ୍ୟାମ୍ପସ ଭାରତ-ୟୁଏଇ ଶିକ୍ଷା ସମ୍ପର୍କରେ ଏକ ଗୌରବମୟ ଅଧ୍ୟାୟ ଯୋଡିହୋଇଛି। ଏହି ଅବସରରେ କ୍ୟାମ୍ପସରେ ପ୍ରଥମ ଏମବିଏ କାର୍ଯ୍ୟକ୍ରମର ଶୁଭାରମ୍ଭ ହେବା ଅବସରରେ ମଧ ଶ୍ରୀ ପ୍ରଧାନ ଶୁଭେଚ୍ଛା ଜଣାଇଥିଲେ। ଏହା ପୂର୍ବରୁ ଶ୍ରୀ ପ୍ରଧାନ ୟୁଏଇର ଉଚ୍ଚଶିକ୍ଷା ଏବଂ ବୈଜ୍ଞାନିକ ଗବେଷଣା ମନ୍ତ୍ରୀ ଡକ୍ଟର ଅବଦୁଲ ରେହମାନ ଅଲ ଆୱାରଙ୍କ ସହିତ ଏକ ସାକ୍ଷାତ୍ ଆଲୋଚନା କରିଥିଲେ।

# ଉତ୍ତରାଖଣ୍ଡ ବନ୍ୟା ମୁକାବିଲା ପାଇଁ ୧୨୦୦ କୋଟିର ଆର୍ଥିକ ସହାୟତା

**ନୂଆଦିଲ୍ଲୀ,୧୧।୯(ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଡେରାଡୁନ ଗସ୍ତ କରି, ଉତ୍ତରାଖଣ୍ଡର ପ୍ରଭାବିତ ଅଞ୍ଚଳରେ ବନ୍ୟା, ବାଦଲଫଟା ବର୍ଷା ଏବଂ ଭୂସ୍ଖଳନରେ ସୃଷ୍ଟିତ କ୍ଷୟକ୍ଷତିର ସ୍ଥିତି ସମୀକ୍ଷା କରିଛନ୍ତି। ପ୍ରଧାନମନ୍ତ୍ରୀ ଡେରାଡୁନରେ ଏକ ସରକାରୀ ବୈଠକ କରିଥିଲେ, ଯାହାଦ୍ୱାରା ଉତ୍ତରାଖଣ୍ଡରେ ହୋଇଥିବା କ୍ଷୟକ୍ଷତିର ଆକଳନ କରିବା ସହିତ ରିଲିଫ୍ ଏବଂ ପୁନର୍ବାସ ପଦକ୍ଷେପର ସମୀକ୍ଷା କରାଯାଇଥିଲା। ସେ ଉତ୍ତରାଖଣ୍ଡ ପାଇଁ ୧୨୦୦ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି।




ପ୍ରଧାନମନ୍ତ୍ରୀ ସମଗ୍ର ଅଞ୍ଚଳ ଏବଂ ଏହାର ଲୋକମାନଙ୍କୁ ପୁନରୁଦ୍ଧାର କରିବାରେ ସାହାଯ୍ୟ କରିବା ପାଇଁ, ଏକ ବହୁମୁଖୀ ପଦ୍ଧତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ଘର ପୁନଃନିର୍ମାଣ, ଜାତୀୟ ରାଜପଥ ପୁନରୁଦ୍ଧାର, ବିଦ୍ୟାଳୟ ପୁନଃନିର୍ମାଣ, ପ୍ରଧାନମନ୍ତ୍ରୀ ଏନଆରଏଫ ମାଧ୍ୟମରେ ରିଲିଫ୍ ପ୍ରଦାନ ଏବଂ ପଶୁପାଳନ ପାଇଁ ମିନି କିଟ୍ ବଣ୍ଟନ ଭଳି ପଦକ୍ଷେପ ଅନ୍ତର୍ଭୁକ୍ତ ହେବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା – ଗ୍ରାମୀଣ ଅଧୀନରେ, ଗ୍ରାମାଞ୍ଚଳରେ ଘର ପୁନଃନିର୍ମାଣ ପାଇଁ ଉତ୍ତରାଖଣ୍ଡ ସରକାରଙ୍କ ଦ୍ୱାରା ଦାଖଲ କରାଯାଇଥିବା ସ୍ୱତନ୍ତ୍ର ପ୍ରକଳ୍ପ ଅଧୀନରେ ଆର୍ଥିକ ସହାୟତା ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଯୋଗ୍ୟ ପରିବାରକୁ ପ୍ରଦାନ କରାଯିବ। କେନ୍ଦ୍ର ସରକାର ପୂର୍ବରୁ ଆନ୍ତଃମନ୍ତ୍ରାଳୟ କେନ୍ଦ୍ରୀୟ ଦଳଗୁଡ଼ିକୁ ଉତ୍ତରାଖଣ୍ଡ ଗସ୍ତ କରି, ରାଜ୍ୟଗୁଡ଼ିକୁ କ୍ଷୟକ୍ଷତିର ପରିମାଣ ଆକଳନ କରିବା ପାଇଁ ପଠାଇଛନ୍ତି ସେମାନଙ୍କ ବିସ୍ତୃତ ରିପୋର୍ଟ ଆଧାରରେ ଆହୁରି ସହାୟତା ପ୍ରଦାନ କରାଯିବା ବିଷୟରେ ବିଚାର କରାଯିବ। ପ୍ରଧାନମନ୍ତ୍ରୀ ପ୍ରାକୃତିକ ବିପର୍ଯ୍ୟୟରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ସଦସ୍ୟଙ୍କ ପ୍ରତି ସମବେଦନା ପ୍ରକାଶ କରିଛନ୍ତି କହିଛନ୍ତି ଯେ କେନ୍ଦ୍ର ସରକାର ଏହି କଷ୍ଟକର ସମୟରେ ରାଜ୍ୟ ସରକାରଙ୍କ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିବେ ଏବଂ ସମସ୍ତ ପ୍ରକାରର ସହାୟତା ପ୍ରଦାନ କରିବେ। ପ୍ରଧାନମନ୍ତ୍ରୀ ଉତ୍ତରାଖଣ୍ଡର ପରିବାରମାନଙ୍କୁ ଭେଟିଛନ୍ତି ଯେଉଁମାନେ ଭୂସ୍ଖଳନ ଏବଂ ବନ୍ୟା ସମେତ ସମ୍ପ୍ରତି ପ୍ରାକୃତିକ ବିପର୍ଯ୍ୟୟରେ ପ୍ରଭାବିତ ହୋଇଛନ୍ତି ସେ ସମସ୍ତ କ୍ଷତିଗ୍ରସ୍ତ ଲୋକଙ୍କ ପ୍ରତି ନିଜର ସମବେଦନା ଜଣାଇଛନ୍ତି ଏବଂ ସେମାନଙ୍କ ପ୍ରିୟଜନଙ୍କୁ ହରାଇଥିବା ପରିବାର ପ୍ରତି ଗଭୀର ସମବେଦନା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ବନ୍ୟା ଏବଂ ସମ୍ବନ୍ଧୀୟ ବିପର୍ଯ୍ୟୟରେ ଗୁରୁତର ଆହତଙ୍କ ପାଇଁ ୨ ଲକ୍ଷ ଟଙ୍କା ଏବଂ ବନ୍ୟା ଏବଂ ସମ୍ଭାବ୍ୟ ବିପର୍ଯ୍ୟୟରେ ଗୁରୁତର ଆହତଙ୍କ ପାଇଁ ୫୦,୦୦୦ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରିଛନ୍ତି।

ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି ଯେ ସମ୍ପ୍ରତି ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ଅନାଥ ହୋଇଥିବା ପିଲାମାନେ ପ୍ରଧାନମନ୍ତ୍ରୀ ଶିଶୁ ଯତ୍ନ ଯୋଜନା ମାଧ୍ୟମରେ ସହାୟତା ପାଇବେ, ଯାହା ସେମାନଙ୍କର ଦୀର୍ଘକାଳୀନ ଯତ୍ନ ଏବଂ କଲ୍ୟାଣକୁ ସୁନିଶ୍ଚିତ କରିବ।

# ଟ୍ରମ୍ପଙ୍କ ନିକଟତମ ଚାର୍ଲି କିର୍କଙ୍କୁ ହତ୍ୟା

**ୱାଶିଂଟନ,୧୧।୯(ମହାଭାରତ):** ରାଷ୍ଟ୍ରପତି ଡୋନାଲ୍ଡ ଜେ. ଟ୍ରମ୍ପଙ୍କ ଘନିଷ୍ଠ ସହଯୋଗୀ ଏବଂ ଦକ୍ଷିଣପନ୍ଥୀ ଯୁବ କାର୍ଯ୍ୟକର୍ତ୍ତା ଚାର୍ଲି କିର୍କଙ୍କ ହତ୍ୟା ଦେଶକୁ ଦୋହଲାଇ ଦେଇଛି। ଦଳୀୟ ଭାବନାରୁ ଉପରକୁ ଉଠି ଶୋକରେ ବୁଡ଼ିଥିବା ଦେଶରେ ପୁଣିଥରେ ଗୁଳି ହିଂସା ବିରୋଧରେ ସ୍ୱର ଉଠିବା ଆରମ୍ଭ ହୋଇଛି। କିଛି ଲୋକ ଏହାକୁ ରାଜନୈତିକ ହତ୍ୟା ବୋଲି କହୁଛନ୍ତି। ଚାର୍ଲି କିର୍କଙ୍କୁ ବୁଧବାର ଦ୍ୱିପ୍ରହର ୟୁଟା ଭ୍ୟାଲି ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଟର୍ନିଂ ପଏଣ୍ଟ ୟୁଏସଏ କାର୍ଯ୍ୟକ୍ରମ ସମୟରେ ଗୁଳି କରାଯାଇଥିଲା। ରକ୍ତରେ ଜୁଡୁବୁଡୁ ଚାର୍ଲିଙ୍କୁ ବଞ୍ଚାଯାଇପାରିନି। ହସ୍ପିଟାଲକୁ ନେବା ସମୟରେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା।



ଯୁକ୍ତରାଷ୍ଟ୍ର ଅମେରିକାର ଛୋଟ ବଡ଼ ସମସ୍ତ ସୂଚନା ଓ ସଞ୍ଚାର ମାଧ୍ୟମରେ ଚାର୍ଲି କିର୍କଙ୍କ ମୃତ୍ୟୁକୁ ବଡ଼ ଗୁରୁତ୍ୱ ଦିଆଯାଇଛି। ଦ ନ୍ୟୁୟର୍କ ଟାଇମ୍ସ ଓ ଏନ୍‌ବିସି ନ୍ୟୁଜ୍ ରିପୋର୍ଟ ଅନୁଯାୟୀ, ଚାର୍ଲିଙ୍କ ମୃତ୍ୟୁ ସମ୍ବନ୍ଧୀୟ ସୂଚନା ମିଳିବା ମାତ୍ରେ ରାଷ୍ଟ୍ରପତି ଟ୍ରମ୍ପ ଆବାକ୍ ହୋଇଯାଇଥିଲେ।

ସମ୍ପୂର୍ଣ୍ଣ ତଦନ୍ତ ପରେ ସେ ଦ୍ୱିପ୍ରହର ପରେ ଟ୍ରୁଥ ସୋସିଆଲ୍ ମାଧ୍ୟମରେ ତାଙ୍କ ଦେହାନ୍ତ ସଂପର୍କରେ ସୂଚନା ଦେଇଥିଲେ। ଟ୍ରମ୍ପ ଚାର୍ଲିଙ୍କୁ ମହାନ ଭାବେ ବର୍ଣ୍ଣନା କରି ଲେଖିଛନ୍ତି ଯେ, ଆମେରିକାରେ ଯୁବକମାନେ କ'ଣ ଚାହାନ୍ତି ଏହି କଥା ଚାର୍ଲିଙ୍କ ଠାରୁ ଭଲରେ କେହି ବୁଝିପାରୁନଥିଲେ। ସମସ୍ତେ ତାଙ୍କୁ ଭଲପାଉଥିଲେ।'ସେ କହିଛନ୍ତି ଯେ ସେ କେବେ ବି ଚାର୍ଲିଙ୍କୁ ଭୁଲିପାରିବେ ନାହିଁ।

# ରତ୍ନଭଣ୍ଡାର ମରାମତି ସରିଲା

**ପୁରୀ,୧୧।୯(ମହାଭାରତ):** ରତ୍ନଭଣ୍ଡାର ମରାମତି କାମ ସମ୍ପୂର୍ଣ୍ଣ ହୋଇଛି। ଏବେ ଗଣତି ମଣତି ପ୍ରକ୍ରିୟା ଆରମ୍ଭ ହେବ। ଅକ୍ଟୋବର ମଧ୍ୟରେ ଶେଷ ହେବ ଗଣତି ମଣତି ଓ ହୁଣ୍ଡି ଶିଫ୍ଟିଂ ଧାଡ଼ି ଦର୍ଶନ ପୂର୍ବରୁ ହୁଣ୍ଡି ଶିଫ୍ଟିଂ ପାଇଁ ଏକ ରିଜଲ୍ୟୁସନ ଆସିବ। ପରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଲାଗିବ ଏବଂ ତୁରନ୍ତ ହୁଣ୍ଡି ଶିଫ୍ଟ ହୋଇ ଧାଡ଼ି ଦର୍ଶନ ଆରମ୍ଭ ହେବ ବୋଲି କହିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।



ଆଜି ଚାରି ଘଣ୍ଟା ଧରି ହୋଇଛି ଶ୍ରୀମନ୍ଦିର ସମୀକ୍ଷା ବୈଠକ। ଶ୍ରୀମନ୍ଦିର ପରିକ୍ରମା ସମେତ ଏହି ବୈଠକରେ ବିଭିନ୍ନ ଯୋଜନାର ଏକ ସବିଶେଷ ସମୀକ୍ଷା ହୋଇଛି। ପ୍ରକଳ୍ପ ଗୁଡିକର ସ୍ଥିତି କେମିତି ରହିଛି ସେ ସମ୍ପର୍କରେ ଆଲୋଚନା ହୋଇଛି। ବିଭିନ୍ନ ପ୍ରକଳ୍ପର ବାକି ଥିବା କାମ ସାରିବାକୁ ସମୟସୀମା ଦିଆଯାଇଛି। ତେବେ ସରକାର ଯୋଜନା କରିଥିବା ପୁରୀର ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରାଯାଇଛି।

ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଲେଯେ ଶ୍ରୀଜଗନ୍ନାଥ ମନ୍ଦିର ଓ ପୁରୀ ସହର ସାରା ବିଶ୍ୱରେ ପରିଚିତ ଏହି ସ୍ଥାନକୁ ଆସିବା ପାଇଁ ଅନେକ ରାଜ୍ୟ ତଥା ଦେଶବାସୀଙ୍କ ସ୍ୱପ୍ନ ରହି ଆସିଛି। ତେଣୁ ପୁରୀ ସହରକୁ ସବୁ ଦୃଷ୍ଟିରୁ ସରସ ସୁନ୍ଦର କରି ଗଢି ତୋଳିବା ପାଇଁ ସରକରୀ ଓ ସାଧାରଣ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ ତେଣୁ ପୁରୀ ସହର ତଥା ଜିଲ୍ଲାର ବିକାଶ ପ୍ରକ୍ରିୟାକୁ ତ୍ୱରିତ ବେଗରେ ଆଗେଇ ନେବା ପାଇଁ ସେ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥଲେ। ସେହିପରି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଲେ ଯେ ବିକାଶ ପ୍ରକ୍ରିୟାକୁ ଆଗେଇ ନେବା ସମୟରେ ଅନେକ ସମସ୍ୟା ଆସିଥାଏ, ତେବେ ଦୃଢ ଇଚ୍ଛାଶକ୍ତି ଓ ସଠିକ ଯୋଜନା ଦ୍ୱାରା ସଫଳତା ଆସିଥାଏ। ତେଣୁ ଯୋଜନାବଦ୍ଧ ଭାବେ ପୁରୀ ସହରର ବିକାଶ ପ୍ରକ୍ରିୟାକୁ ଧାର୍ଯ୍ୟ ସମୟ ମଧ୍ୟରେ ସାରିବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ ଶ୍ରୀଗୁଣ୍ଡିଚା ମନ୍ଦିରର ପାରିପାର୍ଶ୍ୱିକ ବିକାଶ, ପ୍ରମୋଦ ଉଦ୍ୟାନର ଉନ୍ନତିକରଣ, ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳମର ନିର୍ମାଣ ସମ୍ପର୍କିତ ଜମି ଅଧିଗ୍ରହଣ, ସେବାୟତ ହାଉସିଙ୍ଗ ପ୍ରକଳ୍ପ, ବିଶ୍ୱସ୍ତରୀୟ ରଘୁନନ୍ଦନ ପାଠାଗାର ଓ ଶ୍ରୀଜଗନ୍ନାଥ ଗବେଷଣା କେନ୍ଦ୍ର ନିର୍ମାଣ , ପୁରୁଣା ପୋଲିସ ଷ୍ଟେସନ ଠାରେ ଭକ୍ତ ନିବାସ ନିର୍ମାଣ, ଅଠରନଳାର ବିକାଶ ସହ ପୁରୀ ସହରର ବିଭିନ୍ନ ଉନ୍ନତି କରଣ ପ୍ରକଳ୍ପର କାର୍ଯ୍ୟକାରିତା ନେଇ ବୈଠକରେ ଆଲୋଚନା ହୋଇଥିଲା। ଏଥିସହିତ ନୂତନ ଭିତିଭୂମି ନିର୍ମାଣ ସମୟରେ ଓଡ଼ିଶାର ବାସ୍ତୁକଳାକୁ ଉପଯୋଗ କରିବା, ବିପଦସଙ୍କୁଳ ତଥା ଶ୍ରୀମନ୍ଦିର ପ୍ରତି ବିପଦ ସୃଷ୍ଟି କରୁଥିବା ସମସ୍ତ ନିର୍ମାଣକୁ ଭାଙ୍ଗିବା, ଭିତିଭୂମି ଗୁଡିକରେ ଅତ୍ୟାଧୁନିକ ଉପକରଣର ବ୍ୟବହାର ଏବଂ ନିର୍ମାଣ ସମୟରେ ଜାତୀୟ ଐତିହ୍ୟ ପ୍ରାଧିକରଣ ମାଗଦର୍ଶୀକାର ଅନୁପାଳନ ଓ ପୁରୀ କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅନୁମୋଦନ ନେବା ଉପରେ ଆଲୋଚନ ହୋଇଥିଲା।

ଏହି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୟ କୁମାର ସିଂହ, ପୁରୀ ଜିଲପାଳ ଦିବ୍ୟଜ୍ୟୋତି ପରିଡ଼ା, ଓବିସିସି ପରିଚାଳନା ନିର୍ଦ୍ଦେଶକ ସମୀର ହୋତା, ଇଆଇସି (ସିଭିଲ) ସତ୍ୟବ୍ରତ ବେହେରା, ପୂର୍ତ୍ତବିଭାଗ ଉପଦେଷ୍ଟା ଜୟକୃଷ୍ଣ ଦାସଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ସାର ଯୋଗାଣ ସ୍ଥିତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୧।୯(ମହାଭାରତ):** ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ସାର ଯୋଗାଣ ସ୍ଥିତିର ସମୀକ୍ଷା କରି ସମସ୍ତ ଜିଲ୍ଲାରେ ଥିବା ପ୍ୟାକ୍ସ ଏବଂ ଲ୍ୟାମ୍ପସ୍ ଜରିଆରେ ସାର ଆବଂଟନ କାର୍ଯ୍ୟକୁ ଠିକ ଭାବରେ ତଦାରଖ (ମନିଟରିଂ) କରିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ଜିଲ୍ଲାପାଳଙ୍କୁ କଡାକଡି ନିର୍ଦ୍ଦେଶ ଦେଇଛନ୍ତି। କୌଣସି ପ୍ରକାର କଳାବଜାରୀ କିମ୍ବା ଗଚ୍ଛିତ କିମ୍ବା ନକଲି ସାରର ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯାଞ୍ଚ ସ୍ଥାନରେ ସାରକୁ ଜବତ ନକରି ସେହି ସାରକୁ ନିକଟସ୍ଥ ପ୍ୟାକ୍ସ କିମ୍ବା ଲ୍ୟାମ୍ପସ୍ କୁ ସ୍ଥାନାନ୍ତରିତ କରି ଚାଷୀଙ୍କୁ ଆବଂଟନ କରିବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।



ବୈଠକର ଆଲୋଚନାରୁ ଜଣାଯାଇଛି ଯେ, ରାଜ୍ୟରେ ସାରର କୌଣସି ଅଭାବ ନାହିଁ। ସମସ୍ତ ଜିଲ୍ଲାରେ ଆବଶ୍ୟକତା ଅନୁଯାୟୀ ସାର ଆବଂଟନ କାର୍ଯ୍ୟ ସୁରୁଖୁରରେ ଚାଲିଛି। ସୂଚନା ଅନୁଯାୟୀ, ୨୦୨୫ ଖରିଫ ଋତୁରେ ସେପ୍ଟେମ୍ବର ୩୦ ସୁଦ୍ଧା ସମୁଦାୟ ୯,୫୫,୦୦୦ ମେଟ୍ରିକ ଟନ ସାର ଆବଶ୍ୟକ ଥିବାବେଳେ କେନ୍ଦ୍ର ସରକାର ଏହି ପରିମାଣର ସାର ଆବଂଟନ କରିଛନ୍ତି। ଆବଶ୍ୟକ ହେଲେ ଅଧିକ ସାର ପାଇଁ ଅନୁରୋଧ କରାଯିବ। ବର୍ତମାନ ସୁଦ୍ଧା ରାଜ୍ୟ ସରକାରଙ୍କ ପାଖରେ ସମୁଦାୟ ମହଜୁଦ ଥିବା ୧୧,୬୬,୭୩୩ ମେଟ୍ରିକ ଟନ ସାର ମଧ୍ୟରୁ ୯,୮୫,୯୬୭ ମେଟ୍ରିକଟନ ସାର ବିକ୍ରି ହୋଇସାରିଛି। ବୈଠକରେ, ଜିଲ୍ଲାରେ ସାରର ଷ୍ଟକ ସ୍ଥିତି ଏବଂ ଆବଶ୍ୟକତା ଅନୁସାରେ ପ୍ୟାକ୍ସ ଏବଂ ଲ୍ୟାମ୍ପସ୍ କୁ ବିଭିନ୍ନ ଗ୍ରେଡ଼ର ସାର ଯୋଗାଇଦେବା ପାଇଁ କୃଷି ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି, ମାର୍କଫେଡ୍ ର ଅଧିକାରୀ ମାନଙ୍କୁ ସାରଯୋଗାଣ ତ୍ୱରାନ୍ୱିତ କରିବାକୁ ମଧ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଜିଲ୍ଲା ଏବଂ ବ୍ଲକ ସ୍ତରରେ ନିୟମିତ ଭାବରେ ବେଆଇନ କାର୍ଯ୍ୟକଳାପ ଉପରେ ଯାଞ୍ଚ କରିବା, କଳାବଜାରୀ ରୋକିବା ପାଇଁ ଏନଫୋର୍ସମେଂଟକୁ ଅଧିକ କଡାକଡି କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରତ୍ୟେକ ଜିଲ୍ଲାରେ କ୍ରପ୍ ଡାଇଭର୍ସିଫିକେସନ୍ ଏବଂ ଇଂଟିଗ୍ରେଟେଡ୍ ଫାର୍ମିଂ ସିଷ୍ଟମ୍ କୁ ଅଧିକ ଗୁରୁତ୍ୱ ଦେବା, ତୈଳବୀଜ ଏବଂ ଡାଲି ଜାତୀୟ ଫସଲ କରିବା ପାଇଁ ପ୍ରୋତ୍ସାହନ ଦେବାପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଏଣୁ, ସମୃଦ୍ଧ କୃଷକ ଯୋଜନା ମାଧ୍ୟମରେ ଚାଷ କାର୍ଯ୍ୟକୁ ବହୁଗୁଣିତ କରିବା ପାଇଁ ଆମର ଯେଉଁ ଲକ୍ଷ୍ୟ ଅଛି, ତାହା ସଫଳ ହୋଇ ପାରିବ। ବନ୍ୟାଂଚଳରେ କ୍ଷୟକ୍ଷତି ଆକଳନ କରି ସେଠାରେ ଚାଷୀ ମାନଙ୍କୁ ଯଥା ସୁବିଧା ଯୋଗାଇ ଦିଆ ଯାଉଛି ଏବଂ ଯେପରି ସେହି ଅଂଚଳରେ ଚାଷୀ ମାନେ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେ ବିଷୟରେ ଧ୍ୟାନ ଦିଆଯିବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ଅବସରରେ ଆଭାସୀ ମାଧ୍ୟମରେ ଯୋଡି ହୋଇଥିବା ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କ ସହ ମୁଖ୍ୟମନ୍ତ୍ରୀ କଥା ହୋଇ, ପ୍ରତ୍ୟେକ ଜିଲ୍ଲାରେ ସାର ବଂଟନ କାର୍ଯ୍ୟକଳାପ ବିଷୟରେ ପଚାରି ବୁଝି ଥିଲେ ଏବଂ କୌଣସି ସ୍ଥାନରେ ଚାଷୀ ମାନଙ୍କ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗନେଇଥିଲେ।







## ବେବିକର୍ଣ୍ଣ ଚିଲି

**ବେବିକର୍ଣ୍ଣ :** ୨୦୦ଗ୍ରାମ, ମଇଦା: ୨୫ଗ୍ରାମ, ଆରାରୁଟ ପାଉଡ଼ର: ୨୫ଗ୍ରାମ, ତେଲ: ୫୦୦ ମିଲି, ଲଙ୍କା: ୨ଟି , ପିଆଜ: ୨ଟି , ଲୁଣ: ସ୍ୱାଦ ଅନୁସାରେ, ତେଲ: ଆବଶ୍ୟକତା ଅନୁସାରେ, ସିମଲା ଲଙ୍କା: ୧୦୦ଗ୍ରାମ, ଚିଲି ସସ୍: ୩ ଛୋଟୋ ଚାମଚ, ଅଦାରସୁଣ ପେଷ୍ଟ: ୧ ଚାମଚ, ରାଶି: ଅଳ୍ପ

**ପ୍ରସ୍ତୁତ ପ୍ରଣାଳୀ:** ବେବିକର୍ଣ୍ଣକୁ ଛୋଟ ଛୋଟ କରି କାଟି ଦିଅନ୍ତୁ । ସେଥିରେ ମଇଦା ଓ ଲୁଣ ପକାଇ ଗୋଳାନ୍ତୁ । ଏହା ପରେ ପିଆଜ ଓ ସିମଲା ଲଙ୍କା, ଲଙ୍କା ଛୋଟ ଛୋଟ କାଟି ଏକ ପାତ୍ରରେ ରଖନ୍ତୁ । ଗ୍ୟାସ ଅନ୍ କରି ଏକ କଢେଇରେ ତେଲ ଗରମ କରି ସେଥିରେ ଗୋଳା ହୋଇଥିବା ବେବିକର୍ଣ୍ଣକୁ ଛାଣି ଦିଅନ୍ତୁ । ଗୋଲ୍ଡେନ ବ୍ରାଉନ ହେବା ଯାଏଁ ଛାଣନ୍ତୁ । ଏହାପରେ ପୁଣି କଢେଇ ବସାଇ ସେଥିରେ ଅଳ୍ପ ତେଲ ଗରମ କରନ୍ତୁ । ସେଥିରେ ଅଦାରସୁଣ ପେଷ୍ଟ ପକାଇ ଭାଜିବା ପରେ ପିଆଜ, ସିମଲା ଲଙ୍କା ଓ ଲଙ୍କାକୁ ପକାଇ ଅଳ୍ପ ଭାଜନ୍ତୁ । ଏହାପରେ ସେଥିରେ ଏକ କପ ପାଣି ପକାନ୍ତୁ । ସେଥିରେ ସବୁ ସସ ପକାଇ ଫୁଟିବା ପରେ ଲୁଣ ପକାନ୍ତୁ । ସେଥିରେ ବେବିକର୍ଣ୍ଣ ପକାନ୍ତୁ । ବେବିକର୍ଣ୍ଣରେ ସବୁ ସସ୍ ଲାଗିବା ପରେ ପାଣି ଶୁଖେଇ ଦିଅନ୍ତୁ । ସେଥିରେ ରାଶି ପକାଇ ଗୋଳାଇ ଦିଅନ୍ତୁ । ଏହାପରେ ଗ୍ୟାସ ବନ୍ଦ କରି ଏକ ପାତ୍ରକୁ ବାହାର କରିନିଅନ୍ତୁ ଚଟପଟା ବେବିକର୍ଣ୍ଣ ଚିଲି ।



..... ଖବର .....

## ଶ୍ରେଷ୍ଠ ୧୦ଟି ଆୟକାରୀ ତାଲିକାରେ ସ୍ଥାନ ପାଇଛି ଟାଇଗରଙ୍କ ଫିଲ୍ମ 'ବାଗି ୪'



ଟାଇଗର ଶ୍ରଫଙ୍କ ଫିଲ୍ମ 'ବାଗି ୪' ଏବେ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ୧୦ଟି ଆୟକାରୀ ତାଲିକାରେ ସ୍ଥାନ ପାଇଛି । ତାଙ୍କ କ୍ୟାରିୟରର ୮ମ ସର୍ବାଧିକ ଆୟକାରୀ ଫିଲ୍ମ 'ଏ ଫ୍ଲାଇଂ ଜାଟ୍'କୁ ହଟାଇ ଦେଇଛି, ଯାହା ୩୮.୫୭ କୋଟି ଟଙ୍କା ଆୟ କରିଥିଲା ।ବଲିଉଡ୍ ଜଗତରେ ଏବେ ସିନେମା ଘରେ ରାଜ୍ କରୁଛି ଫିଲ୍ମ ବାଗି । ହର୍ଷଙ୍କ ନିର୍ଦ୍ଦେଶନରେ ଟାଇଗର ଶ୍ରଫ,ସଞ୍ଜୟ ଦତ୍ତ,ସୋନମ ବାଜବା, ଏବଂ ହରନାଜ ସନ୍ଧୁ ଷ୍ଟାର ବାଗି ୪ ବକ୍ସ ଅଫିସରେ ଏହାର ଗତି ଧୀର ହେଉଛି । ଧୀର ଗତିରେ ଏହି ଫ୍ଲିମ୍ କାମ କରୁଛି । ତେବେ ଏହି ଫିଲ୍ମ ଟି ୬ ଦିନରେ କେତେ ରୋଜଗାର କରିଛି ଆସନ୍ତୁ ଜାଣିବାଲୋକପ୍ରିୟ ବାଗି ୪ ବକ୍ସ ଅଫିସରେ ଚମତ୍କାର ପ୍ରଦର୍ଶନ କରିଛି । ଏକ ରିପୋର୍ଟ ଅନୁସାରେ ବାଗି ୪ ଘରୋଇ ବକ୍ସ ଅଫିସରେ ୬ଷ୍ଠ ଦିନରେ ୦.୫୪ କୋଟି ଆୟ କରିଛି । ଏହାପରେ ଏହାର ସର୍ବମୋଟ ଆୟ ୪୦.୨୯ କୋଟି ହୋଇଛି । ଏହି ଫିଲ୍ମ ରିଲିଜ ଦିନ ୧୨ କୋଟି ଟଙ୍କା ଆୟ କରିଥିଲା । ସବୁଦିନ ଫିଲ୍ମର ଆୟ ଧୀମା ହୋଇ ଯାଉଛି । ଯାହାକି ଫିଲ୍ମ ର୍ନିମାଣକାରୀଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି ।ବାଗି ୪ ବକ୍ସ ଅଫିସ୍ ରେ ପ୍ରଥମ ଦିନରେ ଆୟ କରିଛି ୧୨ କୋଟି । ଦ୍ୱିତୀୟ ଦିନରେ ୯.୨୫ କୋଟି ଆୟ କରିଛି ।□ ଦିନରେ ୧୦ କୋଟି ଆୟ କରିଛି । ଚତୁର୍ଥ ଦିନରେ ୦.୦୩ କୋଟି ଓ ପଞ୍ଚମ ଦିନରେ ୪ କୋଟି,ଷଷ୍ଠ ଦିନରେ ୦.୫୪ କୋଟି ଟଙ୍କା ଆୟ କରିବାରେ ସଫଳ ହୋଇଛି ।ବାଗି ୪ ( ଟାଇଗର ) ନାମକ ଏକ ବକ୍ତିର କାହାଣୀ ଅଟେ । ଯିଏକି ଏକ ଟ୍ରେନ ଦୁର୍ଘଟଣାରୁ ରକ୍ଷା ପାଇଯାଇଛନ୍ତି । ଏହି ସମୟରେ ସେ ଭ୍ରମର ଶିକାର ହୋଇଯାଇଛନ୍ତି । ତାଙ୍କୁ ସବୁବେଳେ ସବୁ ସମୟରେ ହରନାଜ୍ ଦେଖା ଯାଇଛନ୍ତି ।ସେ ସମସ୍ତଙ୍କୁ କହୁଛନ୍ତି ସେ ତାଙ୍କୁ ଖୁବ ଭଲ ପାଉଛନ୍ତି । ଏହାପରେ ସେ ସଞ୍ଜୟଙ୍କୁ ଭେଟନ୍ତି । ଏହି କାହାଣୀ ଟି ୨୦୨୩ ରେ ହୋଇଥିବା ତାମିଲ୍ ଫିଲ୍ମ ଅୟୁଥ ଅୟୁଥ ଅୟୁଥ ଫିଲ୍ମ ସହ ମିଶି ଯାଉଛି । ସପ୍ତାହର କାମଗୁଡ଼ିକ ଫିଲ୍ମ ପାଇଁ ଦୁର୍ଭାଗ୍ୟଜନକ ହୋଇଗଲା କାରଣ ଏହା ସୋମବାର ଏବଂ ମଙ୍ଗଳବାର ଦିନ ୪.୫ କୋଟି ଏବଂ ୪ କୋଟି ଟଙ୍କା ଆୟ କରିଥିଲା । ବୁଧବାରର ପ୍ରାରମ୍ଭିକ ଆକଳନ ଅନୁଯାୟୀ ଫିଲ୍ମଟି ୨.୨୫ କୋଟି ଟଙ୍କା ଆୟ କରିଛି, ଯାହା ମୋଟ ସ୍କୋର ୪୨ କୋଟି ଟଙ୍କାକୁ ନେଇଛି ।

## ଧୈର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ




ଥରେ ମହାତ୍ମା ବୁଦ୍ଧ ଏକ ସଭାରେ କିଛି ନକହି ଚାଲିଗଲେ । ସେହି ସଭାକୁ ଶତାଧିକ ଲୋକ ଆସିଥିଲେ । ଦ୍ୱିତୀୟ ଦିନ କମ୍ ଲୋକ ଆସିଲେ । ତୃତୀୟ ଦିନ ଶ୍ରୋତାଙ୍କ ସଂଖ୍ୟା ଖୁବ୍ କମ୍ ହୋଇଗଲା । ଚତୁର୍ଥ ଦିନରେ କେବଳ ୫୦ ଜଣ ଲୋକ ପହଞ୍ଚିଲେ । ମହାତ୍ମା ବୁଦ୍ଧ ସେଠାକୁ ଆସିଲେ । ସେ ଚାରିଆଡ଼କୁ ଚାହିଁଲେ । ମାତ୍ର କିଛି ନକହି ଫେରିଗଲେ । ଏହିପରି ସମୟ ବିତି ଚାଲିଲା । ତଥାଗତ ଆସୁଥିଲେ ଏବଂ ଚାଲିଯାଉଥିଲେ । ଶେଷରେ ଦିନେ ତଥାଗତ ପହଞ୍ଚିଲା ବେଳକୁ ଜଣେ ମାତ୍ର ଲୋକ ପ୍ରବଚନ ଶୁଣିବା ଲାଗି ବସିଥିଲା । ତଥାଗତ ପଚାରିଲେ, ଏଠାରେ ତୁମେ କାହିଁକି ବସିଛ ? ସେ କହିଲା, ଧୈର୍ଯ୍ୟ ଯୋଗୁ । ତଥାଗତ ସେହି ଅନ୍ତିମ ବ୍ୟକ୍ତିକୁ ଜ୍ଞାନ ପ୍ରଦାନ କଲେ । ଧୈର୍ଯ୍ୟ ଏପରି ଏକ ଭାବ ଯାହାଦ୍ୱାରା ବଡ଼ରୁ ବଡ଼ କାମ ହୋଇପାରିଥାଏ । ବିଷମ ପରିସ୍ଥିତିରେ ମନୁଷ୍ୟ ଅନେକ ସମସ୍ୟା ଭୋଗିଥାଏ । ତେଣୁ କେବେହେଲେ ଧୈର୍ଯ୍ୟ ହରାଇବା ଉଚିତ୍ ନୁହେଁ ।

## ସାମାଜିକ ଜୀବନରେ ସ୍ୱଚ୍ଛତା



ସାଧାରଣତଃ ଆମେ ଚାରିପ୍ରକାରର ଜୀବନ ବଞ୍ଚିଥାଉ । ସାମାଜିକ ଜୀବନ, ପେସାଦାର ଜୀବନ, ପାରିବାରିକ ଜୀବନ ଏବଂ ବ୍ୟକ୍ତିଗତ ଜୀବନ । ସାମାଜିକ ଜୀବନ ପାରଦର୍ଶିତା, ପେସାଦାର ଜୀବନ ପରିଶ୍ରମ, ପାରିବାରିକ ଜୀବନ ପ୍ରେମ ଏବଂ ବ୍ୟକ୍ତିଗତ ଜୀବନ ପବିତ୍ରତା ଉପରେ ଆଧାରିତ । ଜୀବନର ଏହି ୪ଟି ଭାଗ ଶ୍ରୀମଦ୍ ଭାଗବତରେ ପରିଲକ୍ଷିତ ହୋଇଥାଏ । ସାମାଜିକ ଜୀବନରେ ପାରଦର୍ଶିତା ବା ସ୍ୱଚ୍ଛତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ମହାଭାରତରେ ଯେତେଜଣ ଚରିତ୍ରଙ୍କ ବିଷୟରେ ବର୍ଣ୍ଣନା କରାଯାଇଛି, ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ସାମାଜିକ ଜୀବନରୁ ସ୍ୱଚ୍ଛତା ଦୂର ହୋଇଯାଇଥିଲା । ଦୁର୍ଯ୍ୟୋଧନ କାହିଁକି ଦୁର୍ଯ୍ୟୋଧନ(କୁଟୀଳ) ହୋଇଥିଲା, ସେ ସମ୍ପର୍କରେ ଭାଗବତରେ ବର୍ଣ୍ଣନା କରାଯାଇଛି । ଏହାର କାରଣ ହେଉଛି ଜନ୍ମ ନେବା ପରେ ଦୁର୍ଯ୍ୟୋଧନକୁ ତା'ର କୌଣସି ପ୍ରଶ୍ନର ସଠିକ୍ ଉତ୍ତର ମିଳିନଥିଲା । ବଡ଼ ହେବା ପରେ ଦୁର୍ଯ୍ୟୋଧନ ପ୍ରଥମେ ପଚାରିଲା, ମୋ ମା' ଅନ୍ଧ କାହିଁକି ହୋଇଛି ? ରାଜମହଲରେ ତା'କୁ କେହି ଉତ୍ତର ଦେଲେ ନାହିଁ । କାରଣ ସମସ୍ତେ ଜାଣିଥିଲେ ଯେ ଗାନ୍ଧାରୀ ନିଜ ଶ୍ୱଶୁର ଭୀଷ୍ମଙ୍କ କାରଣରୁ ପଟି ବାନ୍ଧିଛନ୍ତି । ଭୀଷ୍ମ ଚାପ ପ୍ରୟୋଗ କରି ଗାନ୍ଧାରୀଙ୍କ ବିବାହ ଧୃତରାଷ୍ଟ୍ରଙ୍କ ସହ କରାଇଥିଲେ । ଭୀଷ୍ମ ଭାବିଥିଲେ ଯେ ଅନ୍ଧ ଧୃତରାଷ୍ଟ୍ରଙ୍କୁ ଯଦି ଜଣେ ଯୋଗ୍ୟ ଯୁବତୀଙ୍କ ସହ ବାହାଘର କରିଦିଆଯାଏ, ତେବେ ହସ୍ତିନାପୁରର ରାଜ ସିଂହାସନ ଭଲରେ ଚାଲିବ । ମାତ୍ର ପତି ଅନ୍ଧ ବୋଲି ଜାଣିବା କ୍ଷଣି ଗାନ୍ଧାରୀ ଆଜୀବନ ସ୍ୱେଚ୍ଛାରେ ଅନ୍ଧତ୍ୱ ସ୍ୱୀକାର କରିନେଇଥିଲେ । କିନ୍ତୁ ଦୁର୍ଯ୍ୟୋଧନ ଭାବିଲା- ମୋ ମା' ପ୍ରତି ଅନ୍ୟାୟ ହୋଇଥିବାରୁ ସେ ଆଖିରେ ପଟି ବାନ୍ଧିବା ଲାଗି କାର୍ଯ୍ୟ କଲେ । ତେଣୁ ସାମାଜିକ ଜୀବନରେ ପାରଦର୍ଶିତା ଜରୁରି । ଭୀଷ୍ମଙ୍କ ଭାବନା ବିଷୟରେ ଅବଗତ ହୋଇଥିଲେ, ଦୁର୍ଯ୍ୟୋଧନ ମନରେ ଏତେମାତ୍ରାରେ ଘୃଣା ଉତ୍ପନ୍ନ ହୋଇନଥାଏ ।

## ପୂଜାପାଠ ଓ ମନ୍ତ୍ର ଜପ କରିବା ସମୟରେ ରେଶମ ଆସନର ପ୍ରୟୋଗ କରିବା ଶୁଭ





ଶାସ୍ତ୍ର ଅନୁଯାୟୀ ପୂଜାପାଠ ଓ ମନ୍ତ୍ର ଜପ କରିବା ସମୟରେ ସର୍ବଦା ଆସନର ପ୍ରୟୋଗ କରିବା ଉଚିତ । ଆସନ ବିନା ଭୂମିରେ ପୂଜାପାଠ କରିବା ଦ୍ୱାରା ଦୁଃଖ ପ୍ରାପ୍ତି ହୋଇଥାଏ । ଧାର୍ମିକ କାର୍ଯ୍ୟ ପୂଜାପାଠ, ଯଜ୍ଞ, ପ୍ରାର୍ଥନା ଆଦି କରିବା ସମୟରେ ଆସନର ପ୍ରୟୋଗ କରାଯାଇଥାଏ । ପୂଜାପାଠ ମନ୍ଦିରରେ ହେଉ ଅଥବା ଗୃହରେ ବସିବା ଅବସ୍ଥାରେ ପୂଜା କରିବା ସମୟରେ ଆମକୁ ଆସନର ବ୍ୟବହାର କରିବାକୁ ପଡ଼େ । ଶାସ୍ତ୍ରରେ ଏପରି କରିବାର କାରଣ ବିଷୟରେ ମଧ୍ୟ ବର୍ଣ୍ଣନା କରାଯାଇଛି । ପ୍ରତିଦିନ ପୂଜା କରିବା ସମୟରେ କିଭଳି ଆସନ ବ୍ୟବହାର କରିବା ଉଚିତ, ତାହା ମଧ୍ୟ ଜାଣିବା ଆବଶ୍ୟକ । ପୂଜାପାଠ ଓ ମନ୍ତ୍ର ଜପ କରିବା ସମୟରେ ସର୍ବଦା ରେଶମ ଓ ତାଳପତ୍ରରେ ପ୍ରସ୍ତୁତ ଆସନର ପ୍ରୟୋଗ କରିବା ଖୁବ ଶୁଭ ବୋଲି ଶାସ୍ତ୍ରରେ ମାନ୍ୟତା ରହିଛି । ଏପରି କରିବା ଦ୍ୱାରା ଭଗବାନଙ୍କ ଆଶୀର୍ବାଦ, ଜୀବନରେ ସୁଖଶାନ୍ତି ପ୍ରାପ୍ତି ହେବା ସହ ବାଧାବିଘ୍ନ ଦୂର ହୋଇଥାଏ । ସେଭଳି ବାଉଁଶରେ ର୍ନିମିତ ଆସନରେ ବସି ପୂଜାପାଠ କିମ୍ବା ମନ୍ତ୍ର ଜପ କରିବା ଉଚିତ ନୁହେଁ । ଏପରି କରିବା ଦ୍ୱାରା ଦରିଦ୍ରତା ଆସିଥାଏ ।

ପଥର କିମ୍ବା ଇଟାରେ ବସି ପୂଜାର୍ଚ୍ଚନା ଓ ମନ୍ତ୍ର ଜପ କରିବା ଦ୍ୱାରା ରୋଗ ଲାଗି ରହିଥାଏ । କାଠରେ ର୍ନିମିତ ଆସନ ପ୍ରୟୋଗ କରିବା ଦ୍ୱାରା ଦୁର୍ଭାଗ୍ୟ ପ୍ରାପ୍ତି ହୋଇଥାଏ ।

ଘାସର ଆସନରେ ପୂଜାର୍ଚ୍ଚନା କରିବା ଦ୍ୱାରା ଯଶ କିର୍ତି ନଷ୍ଟ ହୋଇଥାଏ ।

ପତ୍ରରେ ପ୍ରସ୍ତୁତ ଆସନରେ ପୂଜା ଓ ପ୍ରାର୍ଥନା କରିବା ଦ୍ୱାରା ମନ ବ୍ୟସ୍ତ ରହିଥାଏୟ



## ପେଟ ପାଇଁ ଲାଭଦାୟକ ଏସବୁ ଜିନିଷ



ସୁସ୍ଥ ଏବଂ ଫିଟ୍ ରହିବା ପାଇଁ ପେଟ ଠିକ ଭାବେ କାମ କରିବା ଅତ୍ୟନ୍ତ ଜରୁରୀ ହୋଇଥାଏ । ଲିଭରକୁ ସୁସ୍ଥ ରଖିବା ପାଇଁ ଖାଦ୍ୟପେୟ ପ୍ରତି ବିଶେଷ ଧ୍ୟାନ ରଖିବା ନିହାତି ଜରୁରୀ । ଆଜିର ସମୟରେ ଅସ୍ୱାସ୍ଥ୍ୟକର ଖାଦ୍ୟପେୟ ଅଭ୍ୟାସ ଏବଂ ପରିବର୍ତ୍ତିତ ଜୀବନଶୈଳୀ ଯୋଗୁଁ ପେଟ ସମ୍ବନ୍ଧିତ ସମସ୍ୟାର ଆଶଙ୍କା ଅଧିକ ରହିଥାଏ । ଆଜି ଆମେ ଜାଣିବା ଲିଭରକୁ ସୁସ୍ଥ ଏବଂ ଫିଟ୍ ରଖିବା ପାଇଁ ଡାଏଟରେ କେଉଁ ଜିନିଷ ସାମିଲ କରିବା ଉଚିତ୍ । ଏହି ଜିନିଷ ଗୁଡ଼ିକୁ ଡାଏଟରେ ସାମିଲ କରିବା ଦ୍ୱାରା ଆପଣ ରୋଗମୁକ୍ତ ରହିବେ ।

୧. ବିଟ୍ : ବିଟ୍ ସେବନ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ଲିଭରକୁ ସୁସ୍ଥ ଏବଂ ଫିଟ୍ ରଖିବା ପାଇଁ ଡାଏଟରେ ବିଟକୁ ସାମିଲ କରନ୍ତୁ । ବିଟରେ ଆଣ୍ଟି ଅକ୍ସିଡାଣ୍ଟ, ମିନେରାଲ୍ସ ଏବଂ ଭିଟାମିନ୍ ପ୍ରଚୁର ମାତ୍ରାରେ ଥାଏ । ଏହା ଲିଭରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ ।


୨. କୋଳି : କୋଳିରେ ଏନ୍ଥୋସାୟନିନ ଥାଏ ଯାହା ଲିଭରକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ । ପେଟ ସମ୍ବନ୍ଧିତ ସମସ୍ୟା ଥିବା ରୋଗୀଙ୍କ ଡାଏଟରେ କୋଳି ସାମିଲ କରିବା ଉଚିତ୍ । କୋଳି ସେବନ କରିବା ଦ୍ୱରା ଆପଣ ସୁସ୍ଥ ଏବଂ ଫିଟ୍ ରହିବେ ।

୩. ଟଭା ଲେମ୍ବୁ: ପେଟ ପାଇଁ ଟଭା ଲେମ୍ବୁ ସେବନ ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ଟଭାଲେମ୍ବୁରେ ଆଣ୍ଟି ଅକ୍ସିଡାଣ୍ଟ ରହିଥାଏ ଯାହା ପେଟର କୋଶିକାଗୁଡ଼ିକ ରକ୍ଷା କରିବାରେ ସହାୟକ ହୋଇଥାଏ ।

୪. ଚେର-ମୂଳି ଜାତୀୟ ଖାଦ୍ୟ : ଚେର-ମୂଳି ଜାତୀୟ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ଯଥେଷ୍ଟ ଲାଭଦାୟକ ହୋଇଥାଏ । ପେଟ ସମ୍ବନ୍ଧିତ ସମସ୍ୟା ଥିବା ରୋଗୀଙ୍କ ଡାଏଟରେ ଚେର-ମୂଳି ଜାତୀୟ ଖାଦ୍ୟ ସାମିଲ କରିବା ଉଚିତ୍ ।

୫. କଫି : ସୀମିତ ମାତ୍ରାରେ କଫି ସେବନ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ । କଫି ସେବନ କରିବା ଦ୍ୱାରା ପେଟ ସମ୍ବନ୍ଧିତ ସମସ୍ୟାରୁ ସୁରକ୍ଷିତ ରହିହେବ ।

# ସାଇବର ଠକେଇ ସମନ୍ୱୟ କମିଟି ବୈଠକ



**ଭୁବନେଶ୍ୱର,୧୧।୯ (ମହାଭାରତ):** ଓଡ଼ିଶାରେ ସାଇବର ଠକେଇ ସଂପର୍କରେ କାର୍ଯ୍ୟାନୁଷ୍ଠାନ ନେଇ ୩୪ତମ ରାଜ୍ୟସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଜି ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରସ୍ଥିତ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ଠାରେ ଆୟୋଜିତ ହୋଇଥିଲା। ଆରବିଆଇ, ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶକ ଡ଼ଃ. ଶାରଦା ପ୍ରସନ୍ନ ମହାନ୍ତିଙ୍କ ଆବାହନରେ ଆୟୋଜିତ ଏହି ବୈଠକରେ ଓଡ଼ିଶା ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର, ପୋଲିସ୍ ମହା ନିର୍ଦ୍ଦେଶକ, ସିଆଇଡି, କ୍ରାଇମବ୍ରାଞ୍ଚ ବିନୟତୋଷ ମିଶ୍ର, ଗୃହ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ରାଧା କ୍ରିଷ୍ଣ ଶର୍ମା, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ସ୍ୱତନ୍ତ୍ର ପ୍ରତିନିଧି ଭାବେ ସିଜିଏମ୍, ସେଣ୍ଟ୍ରାଲ ଅଫିସ, ମୁମ୍ବାଇରୁ ଶ୍ରୀମତୀ ପୁଷ୍ପଲତା ସାହୁ ଏବଂ ଲିଗାଲ ସେଲ୍, କୋଲକାତାରୁ ଡେପୁଟୀ ଆଇନ୍ ପରାମର୍ଶଦାତା ସଂକେତ ତ୍ୟାଗୀଙ୍କ ସମେତ ଓଡ଼ିଶା ରାଜ୍ୟ ସରକାରଙ୍କ ଅର୍ଥ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ସମବାୟ ବିଭାଗ, ଆଇନ ବିଭାଗ, ପୁଲିସ କମିସନରେଟ, ସାଇବର କ୍ରାଇମ ସେବି(ଏସ୍‌ଇବିଆଇ)ର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

ସମ୍ମିଳନୀର ପୂର୍ବରୁ ଓଡ଼ିଶାରେ ସାଇବର ଠକେଇ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ସାଇବର ଠକେଇକୁ ଦୃଢ଼ ଭାବରେ ମୁକାବିଲା କରିବା ପାଇଁ ବ୍ୟାଙ୍କର ଅଧିକାରୀ ତଥା କର୍ତ୍ତୃପକ୍ଷମାନଙ୍କୁ ପାଇଁ ଆଇନ୍ ପ୍ରବର୍ତ୍ତନ ସଂସ୍ଥାମାନଙ୍କୁ ପୂର୍ଣ୍ଣମାତ୍ରାରେ ସହଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ସଭାରେ ଡିଜିପି, କ୍ରାଇମ ଜଣାଇ ଥିଲେ ଯେ, ଓଡିଶାରେ ବ୍ୟବସାୟରେ ନିବେଶରେ ଠକେଇ, ଟ୍ରେଡିଂ ସ୍କାମ, ଡିଜିଟାଲ ଆରେଷ୍ଟ ଭଳି ଠକେଇ, ନିଯୁକ୍ତିରେ ଠକେଇ, ୱାର୍କ ଫ୍ରମ୍ ହୋମ୍ ପ୍ରସ୍ତାବ, ଠକ ୱେବସାଇଟ୍ ଏବଂ ହୋଟେଲ୍ ବୁକିଂ, ସୋସିଆଲ୍ ମିଡିଆ ଆଦି ଠକବାଜୀ ସବୁଠାରୁ ଅଧିକ ରିପୋର୍ଟ ହେଉଥିବା ଦୃଷ୍ଟିକୁ ଆସୁଛି। ବେଆଇନ୍ (ମ୍ୟୁଲ) ଆକାଉଣ୍ଟ ଗୁଡିକ ସାଇବର ଠକେଇ କାର୍ଯ୍ୟକଳାପଙ୍କର ମୁଖ୍ୟ ଆୟୁଧ ହୋଇଥିବାରୁ, ବ୍ୟାଙ୍କଗୁଡିକୁ ଜରୁରୀ କାର୍ଯ୍ୟାନୁଷ୍ଠାନ ନେବାକୁ ସୁପାରିଶ କରାଯାଇଛି। ମୁଖ୍ୟ ସାଧାରଣ ପରିଚାଳକ, ଆରବିଆଇକହିଥିଲେ ଯେ, ସାଇବର ଠକେଇ ଓ ମ୍ୟୁଲ୍ ଖାତାଗୁଡିକ ପ୍ରତି ଆଗୁଆ ପଦକ୍ଷେପ ଏବଂ ଆବଶ୍ୟକତା ଅନୁସାରେ କାର୍ଯ୍ୟାନୁଷ୍ଠାନ ପାଇଁ ବ୍ୟାଙ୍କିଙ୍ଗ୍ ନିୟାମକ ଏବଂ ନିରୀକ୍ଷଣ କ୍ଷେତ୍ରକୁ ସୁଦୃଢ଼ କରାଯିବା ସହ , ରାଜ୍ୟ ପ୍ରବର୍ତ୍ତନ ସଂସ୍ଥା, ଗ୍ରାହକ ସଚେତନତା କାର୍ଯ୍ୟକ୍ରମ ଜରିଆରେ ନିରାପଦ ବ୍ୟାଙ୍କିଂ ସେବା ଓ ଠକେଇ ବିରୁଦ୍ଧରେ ପ୍ରତିକାରାତ୍ମକ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଗର୍ଗ କହିଛନ୍ତି ଯେ, ଡିଜିଟାଲ୍ ଅଭିନବ୍ୱ ଆମର କାର୍ଯ୍ୟଦକ୍ଷତା ବୃଦ୍ଧି ଏବଂ କାମକୁ ସହଜ କରୁଛି। ସାଇବର୍ ଠକେଇ କବଳରୁ ସୁରକ୍ଷିତ ରହିବା ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ, ସାଇବର ଠକଙ୍କ ବିରୁଦ୍ଧରେ ଏବଂ ବେଆଇନ୍ ଅର୍ଥ ଜମା କାରବାର ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସମୟୋପଯୋଗୀ ଆବଶ୍ୟକତା ହୋଇଛି।

*ପ୍ଲାନେଟୋରିଅମ ପାଚେରୀ ଭୁଶୁଡିବା ଘଟଣା*

# କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ଭୁବନେଶ୍ୱର,୧୧।୯ (ମହାଭାରତ):** ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟୋରିୟମର ପାଚେରୀ ଭୁଷୁଡିବା ଘଟଣାର ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଚିତ୍ରା ଅରୁମୁଗମଙ୍କ ସମେତ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ଟିମ ଦ୍ୱାରା ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ଘଟଣା ଘଟିବା ବାବଦରେ ସେ ପଚାରି ବୁଝିବା ସହିତ ଭାଙ୍ଗିଥିବା ପ୍ରାଚୀରର ଅଂଶକୁ ତୁରନ୍ତ ନିର୍ମାଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଗତକାଲି ଲଗାଣ ବର୍ଷାରେ ପ୍ଲାନେଟୋରିଅମର ଦକ୍ଷିଣ ପାର୍ଶ୍ୱ ସୁରକ୍ଷା ପ୍ରାଚୀରର କିଛି ଅଂଶ ଭାଙ୍ଗି ଯାଇଥିଲା। ଏ ନେଇ ସ୍ଥାନୀୟ ବାସିନ୍ଦା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ମନ୍ତ୍ରୀ ଶ୍ରୀ ପାତ୍ର ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିଛନ୍ତି। ଉକ୍ତ ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଶିବାନୀ ମହାନ୍ତି, ଶ୍ରୀମତୀ ପୂଜା ମିଶ୍ର, ବିତ ପରାମର୍ଶଦାତା ଶ୍ରୀମତୀ ବିଦ୍ୟୁତ ପ୍ରଭା ରାଉତ, ସୁନାରାମ ମୁର୍ମୁ, ଉପସଚିବ ଶ୍ରୀମତୀ ଉର୍ମିପ୍ରଭା ମହାରଣା,ଶୁଭ୍ରାଂଶୁ ଶେଖର ମିଶ୍ର, ଉପ ନିର୍ଦ୍ଦେଶକ ଶଶିକାନ୍ତ ଦାଶ, ଉପସଚିବ ପଙ୍କଜ କୁମାର ସାହୁ ପ୍ରମୁଖ ସାମିଲ ଥିଲେ।

# ବିହାରରେ ସୋଆ ଏବଂ ଆଇଟିଇଆର ସମ୍ମାନିତ

**ଭୁବନେଶ୍ୱର,୧୧।୯ (ମହାଭାରତ):** ଗବେଷଣା କ୍ଷେତ୍ରରେ ଉତ୍କର୍ଷତା ଏବଂ ଶିଳ୍ପ କ୍ଷେତ୍ର ନିମନ୍ତେ ପ୍ରସ୍ତୁତିକୁ ନେଇ 'ପୂର୍ବ ଭାରତର ପ୍ରମୁଖ ବିଶ୍ୱବିଦ୍ୟାଳୟ' ଭାବେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟକୁ ନିକଟରେ ପାଟନା ଠାରେ ଆୟୋଜିତ ଟାଇମ୍ସ ବିଜିନେସ୍ ଆୱାର୍ଡ୍ସ ୨୦୨୫ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଛି। ସୋଆକୁ 'ଇଷ୍ଟର୍ଣ୍ଣ ଇଣ୍ଡିଆଜ୍ ପ୍ରିମିୟର ୟୁନିଭର୍ସିଟି ଫର ରିସର୍ଚ୍ଚ ଏକ୍ସିଲେନ୍ସ ଆଣ୍ଡ ଇଣ୍ଡଷ୍ଟ୍ରୀ ରେଡିନେସ୍' ଭାବେ ସମ୍ମାନିତ କରାଯାଇଥିଲା। ଉଦ୍‌ଭାବନ, ଶୈକ୍ଷିକ ଉତ୍କର୍ଷତା ଏବଂ ଶିଳ୍ପ ଭିତିକ ଶିକ୍ଷାକୁ ନେଇ ସୋଆର କାର୍ଯ୍ୟଧାରା ନିମନ୍ତେ ଏହି ସମ୍ମାନ ପ୍ରଦାନ କରାଯାଇଛି ବୋଲି ଟାଇମ୍ସ ବିଜିନେସ୍ ଆୱାର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

ଏଥି ସହିତ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)କୁ ମଧ ଏହି କାର୍ଯ୍ୟକ୍ରମରେ ପୂର୍ବ ଭାରତର ୧ ନମ୍ବର ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ଭାବେ ସମ୍ମାନିତ କରାଯାଇଛି। ଯୁବପିଢ଼ିଙ୍କ ଦକ୍ଷତାକୁ ପ୍ରତିପାଦିତ କରିବା, ଗବେଷଣାକୁ ଗୁରୁତ୍ୱ ଦେବା ସହ ଶିଳ୍ପ କ୍ଷେତ୍ର ନିମନ୍ତେ ଇଞ୍ଜିନିୟରମାନଙ୍କୁ ପ୍ରସ୍ତୁତ କରୁଥିବା ବେଳେ ଜାତୀୟ ଏବଂ




ଆନ୍ତର୍ଜାତିକ ସ୍ତରରେ ଆଇଟିଇଆରର ଛାତ୍ରଛାତ୍ରୀମାନେ ନିଜର ଦକ୍ଷତା ପ୍ରତିପାଦନ କରିପାରିଥିବା ପରିପ୍ରେକ୍ଷୀରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ସୋଆ ପକ୍ଷରୁ ଉପକୁଳପତି ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର ବଲିଉଡ୍ ଅଭିନେତା ସୁନୀଲ ସେଟ୍ଟୀଙ୍କ ଠାରୁ ଏହି ଦୁଇଟି ସମ୍ମାନ ଗ୍ରହଣ କରିଥିଲେ।

# ଛାତ୍ର ସଂସଦ ନିର୍ବାଚନ କରାଯାଉ

**ଭୁବନେଶ୍ୱର,୧୧।୯ (ମହାଭାରତ):** ଦେଶର ଛାତ୍ରସମାଜକୁ ଭବିଷ୍ୟତର ନେତୃତ୍ୱ ପାଇଁ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ରାଜୀବ ଗାନ୍ଧି ମତଦାନ ଅଧିକାରକୁ ୧୮ ବର୍ଷକୁ ଖସାଇଥିଲେ। କିନ୍ତୁ ୨୦୧୭-୧୮ ମସିହାରୁ ଛାତ୍ର ସଂସଦ ନିର୍ବାଚନକୁ ତତ୍କାଳୀନ ସରକାର ବନ୍ଦ କରିଦେଲେ। ବର୍ତ୍ତମାନର ସରକାର ମଧ୍ୟ ନିର୍ବାଚନ କରିବା ଦିଗରେ ଉଦ୍ୟମ କରୁନାହାନ୍ତି। ଛାତ୍ର ନିର୍ବାଚନ ବନ୍ଦ କରିବା ଅର୍ଥ ହେଲି ରାଜନୈତିକ ଦଳମାନେ ଦେଶନିର୍ମାଣ କାର୍ଯ୍ୟକୁ ମଧ୍ୟ ବନ୍ଦ କରି ଦେଇଛନ୍ତି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ଅଭିଯୋଗ କରିଛନ୍ତି। କଂଗ୍ରେସ ଭବନରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ କହିଛନ୍ତି, ଛାତ୍ର ଜୀବନରୁ ଯିଏ ରାଜନୀତି କରି ପରବର୍ତ୍ତୀ ସମୟରେ ନେତା ହୁଏ ସେହିଁ ପ୍ରକୃତ ରାଷ୍ଟ୍ର ନିର୍ମାଣକାରୀ। ଛାତ୍ର ରାଜନୀତି ସଂଘର୍ଷରେ କଷ୍ଟସହିଷ୍ଣୁତା, ଆତ୍ମବିଶ୍ୱାସ, ପାରସ୍ପରିକ ସହଯୋଗ, ସେବା ମନୋଭାବ, ଦେଶପ୍ରେମ, ଶୃଙ୍ଖଳା ଆଦି ମୂଲ୍ୟବାନ ଶିକ୍ଷା ଓ ଅଭିଜ୍ଞତା ହାସଲ ହୋଇଥାଏ। ଏଭଳି ଛାତ୍ର ଯେତେବେଳେ ରାଜନୀତିକୁ ଆସେ ସିଏ ଦେଶ ଆଉ ଦଶ ପାଇଁ ଚିନ୍ତାକରେ। ମୁଁ ୧୯୮୫ ମସିହା ବିଧାନସଭା ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିଲି। ସେତେବେଳେ ୨୦୦୦ ସାଇକେଲରେ ଛାତ୍ର ଗାଁ ଗାଁ ବୁଲି ପ୍ରଚାର କରିଥିଲେ। ତେଣୁ ଅସମ୍ଭବ ବୋଲି କିଛି ନାହିଁ, କେବଳ ଗଭୀର ଆତ୍ମବିଶ୍ୱାସ ଦରକାର। ବିଜେଡି-ବିଜେପି ଛାତ୍ର ନିର୍ବାଚନରେ ଟଙ୍କାର ସୁଅ ବୁହାଉଛନ୍ତି, କିନ୍ତୁ ଆମେ ନିର୍ବାଚନରେ ବିଧାୟକ ପ୍ରାର୍ଥୀଙ୍କୁ ଅର୍ଥ ଦେଇପାରୁନୁ। ତେଣୁ ଯେଉଁ ଛାତ୍ରମାନେ ରାହୁଲ ଗାନ୍ଧୀଙ୍କ ବିଚାରଧାରା, କଂଗ୍ରେସର ସ୍ୱାଧୀନଚେତା ମନୋଭାବ, ଯେଉଁମାନେ ସ୍ୱାଧୀନତା ସଂଗ୍ରାମୀଙ୍କ ଦ୍ୱାରା ଅନୁପ୍ରାଣିତ ହେଇଛନ୍ତି, ଯେଉଁମାନେ ଓଡିଶା ଏବଂ ନିଜ ଜିଲ୍ଲାର ଭାଗ୍ୟ ନିର୍ମାଣ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ପ୍ରଦେଶ କଂଗ୍ରେସ କମିଟି ସମସ୍ତ ପ୍ରକାର ସହଯୋଗ କରିବ। ସେଇ ଛାତ୍ରଗଣ ସ୍ଥାନୀୟ ଏନଏସୟୁ ଛାତ୍ର କର୍ମକର୍ତ୍ତାଙ୍କୁ ଭେଟିବା ପାଇଁ ଅନୁରୋଧ କରୁଛି।



# ଗୁଣାତ୍ମକ ଶିକ୍ଷା ପାଇଁ ଉଚ୍ଚ ପ୍ରଶିକ୍ଷିତ ଶିକ୍ଷକ ଆବଶ୍ୟକ

**ଭୁବନେଶ୍ୱର,୧୧।୯ (ମହାଭାରତ):** ଓଡ଼ିଶାର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟିଙ୍କ କୋରାପୁଟ ଜିଲ୍ଲା ଗସ୍ତର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମ ବହୁଳ ରହିଥିଲା। ରାଜ୍ୟପାଳ ଦ୍ୱିତୀୟ ଦିନରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ , ସୁନାବେଡ଼ା ହାଲ, ରାଜପୁଟ ମିଲେଟ୍ ପ୍ରକ୍ରିୟାକରଣ ୟୁନିଟ, ଦେଓମାଳୀ ଓ ପୁଙ୍ଗାର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିଦର୍ଶନ କରି ବିଭାଗୀୟ ଅଧିକାରୀ / କର୍ମକର୍ତ୍ତା ଏବଂ ହିତାଧିକାରୀ ମାନଙ୍କ ସହ ଆଲୋଚନା କରିଛନ୍ତି। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ ପରିଦର୍ଶନ କରି ବିଶ୍ୱବିଦ୍ୟାଳୟର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଓ ଶିକ୍ଷା ଅନୁଷ୍ଠାନର ପ୍ରଗତି ବିଷୟରେ ସମୀକ୍ଷା କରିଥିଲେ। ଏହି ଅବସରରେ ସେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଓ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟପାଳଙ୍କୁ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା, ଭାରପ୍ରାପ୍ତ କୁଳସଚିବ ଡ଼. ରାକେଶ କୁମାର ଲେଙ୍କା, ବରିଷ୍ଠ ଅଧ୍ୟାପକ ଓ ବିଶ୍ୱବିଦ୍ୟାଳୟର ବିଭିନ୍ନ ଅଧିକାରୀମାନେ ରାଜ୍ୟପାଳଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ସମୀକ୍ଷା ବୈଠକରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପଣ୍ଡା ବିଶ୍ୱବିଦ୍ୟାଳୟର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଓ ଭବିଷ୍ୟତ ଯୋଜନା ବିଷୟରେ ଉପସ୍ଥାପନ କରିଥିଲେ। ରାଜ୍ୟପାଳ କହିଥିଲେ ଯେ ଗୁଣାତ୍ମକ ଶିକ୍ଷା ପାଇଁ ଉଚ୍ଚ ପ୍ରଶିକ୍ଷିତ ଶିକ୍ଷକ ଅତ୍ୟନ୍ତ ଆବଶ୍ୟକ। ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ଓ ଉଚ୍ଚ ପ୍ରଶିକ୍ଷିତ ଶିକ୍ଷକଙ୍କୁ ଦ୍ୱାରା ଅନୁପ୍ରାଣିତ ହେବେ ବୋଲି ରାଜ୍ୟପାଳ କହିଥିଲେ।




ବିଶ୍ୱବିଦ୍ୟାଳୟର ମାନ୍ୟତା ବଢ଼ାଇବା ପାଇଁ ଦୁଇଟି ପ୍ରଧାନ ମାନଙ୍କ ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟପାଳ ଡ଼. କମ୍ଭମପାଟି ବିଶ୍ୱବିଦ୍ୟାଳୟରେ ନାମଲେଖା ହ୍ରାସ ପଛରେ ଥିବା ଚ୍ୟାଲେଞ୍ଜଗୁଡ଼ିକୁ ଚିହ୍ନଟ କରି ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ବିଶ୍ୱବିଦ୍ୟାଳୟର ଭିତ୍ତିଭୂମିର ବିକାଶ ବିଷୟରେ ଜାଣି ରାଜ୍ୟପାଳ ସନ୍ତୋଷ ପ୍ରକାଶ କରିଥିଲେ। ନୂଆକରି ଆରମ୍ଭ କରାଯାଇଥିବା ବିଭିନ୍ନ ବିଷୟଗୁଡ଼ିକୁ ଭବିଷ୍ୟତର ଆବଶ୍ୟକତା ବୋଲି କହିବା ସହିତ ଏହା ଉପରେ ସନ୍ତୋଷ ପ୍ରକାଶ କରିଥିଲେ। କୋରାପୁଟ ବିଧାୟକ ରଘୁରାମ ମାଛ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, କୋଟପାଡ ବିଧାୟକ ରୁପୁ ଭତ୍ରା, କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଏସପି ରୋହିତ ବର୍ମାଙ୍କ ସମେତ ବିଶ୍ୱବିଦ୍ୟାଳୟର ପ୍ରଫେସର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହାପରେ ସୁନାବେଡ଼ା ସ୍ଥିତ ସୁଖୋଇ ଇଞ୍ଜିନ କାରଖାନା ପରିଦର୍ଶନ କରିବା ସହ ହାଲ ସଭାଗୃହ ଠାରେ ଅଧିକାରୀ ମାନଙ୍କ ସହ ରାଜ୍ୟପାଳ ଆଲୋଚନା କରିଥିଲେ। ତାପରେ ସେମିଳିଗୁଡା ବ୍ଲକ ଅନ୍ତର୍ଗତ ରାଜପୁଟ ମିଲେଟ ପ୍ରକ୍ରିୟାକରଣ ୟୁନିଟ ପରିଦର୍ଶନ କରି ସେଠାରେ କିପରି ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରାଯାଉଛି ଏବଂ ଏହାର ବିକ୍ରି କିପରି କରାଯାଉଛି ତାହାକୁ ନେଇ ମହିଳା ଗୋଷ୍ଠୀ ସଦସ୍ୟା ମାନଙ୍କ ସହ ଆଲୋଚନା କରିଥିଲେ। ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ,କୋରାପୁଟ ବିଧାୟକ ରଘୁରାମ ମାଛ, ସେମିଳିଗୁଡା ବ୍ଲକ ଅଧକ୍ଷା ଲିଲି ଆବରିଆ, ଉପାଧକ୍ଷ ଶିବ ବାଙ୍ଗାରି, ସରପଞ୍ଚ ପି.କେ.କିରସାନିଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ।

# ଅସ୍ଥାୟୀ ଡଂପିଙ୍ଗ ୟାର୍ଡରେ ନିୟମ ଉଲ୍ଲଂଘନ



**ଭୁବନେଶ୍ୱର,୧୧।୯ (ମହାଭାରତ):** ଆଜି ରାଜ୍ୟ ପ୍ରଦୂଷଣ ବୋର୍ଡର ଅନୁଧ୍ୟାନ କାରୀ ଟିମ ବିଏମସି ଏବଂ ସୈନିକ ସ୍କୁଲ ବଞ୍ଚାଅ ଓ଼ ଅଳିଆ ଗଦା ହଟାଅ ଅଭିଯାନର ପ୍ରତିନିଧିଙ୍କ ଉପସ୍ଥିତିରେ ଗଷଡ଼କଣ ଅଳିଆ ଗଦାର ବାସ୍ତବିକ ସ୍ଥିତି ଅନୁଧ୍ୟାନ କରିଥିଲେ। ଅନୁଧ୍ୟାନ ସମୟରେ ବିଏମସିର ସବୁ ମିଛ ଧରା ପଡି ଯାଇଥିଲା। ହେଲେ ବିଏମସି ଅଧିକାରୀ ସେ ସବୁକୁ କେବଳ ଗାଲୁ ମାରି ଉଡାଇ ଦେବାକୁ ଚେଷ୍ଟା କରିଥିଲେ। ସେ ଯାହା କହୁଥିଲେ ସବୁ ମିଛ ଏକଥା ଜଣା ପଡୁ ଯାଉ ଥିଲା। ଯୋଉ ବିଏମସି କିଛି ଅଳିଆ ସେଠି ଗଦାଉ ନାହିଁ ବୋଲି କହୁଥିଲା ପଲ୍ୟୁସନ ବୋର୍ଡ ଟିମ ପାହାଡ଼ ସଦୃଶ ଅଳିଆ ଗଦା ଦେଖି ଆଶ୍ଚର୍ଯ୍ୟ ହୋ ସହ ତାଙ୍କୁ ତାଗିଦ କରିବା ସହିତ ଆଜି ତୁମକୁ ନୋଟିସ ଜାରି କରିବୁ। ତୁରନ୍ତ ଯେତେ ଶୀଘ୍ର ପାର ଏଠାରୁ ଅଳିଆ ହଟାଅ ବୋଲି କହିଥିଲେ। ସେଠାରେ ବିଏମସି ତିନୋଟି ପ୍ରକ୍ରିୟା କରଣ ୟୁନିଟରେ ମାତ୍ର ଦୈନିକ ୧୫ ଟନ ଅଳିଆ ପ୍ରୋସେସିଂ ପାଇଁ ଗତ ଅଗଷ୍ଟ ୧୨ ତାରିଖରେ ପଲ୍ୟୁସନ ବୋର୍ଡର ଅନୁମତି ଆଣିଛି। ହେଲେ ଏହି ପ୍ଲାଣ୍ଟ ସବୁ ୨୦୨୨-୨୩ ରୁ ଚାଲୁଛି। ଅଭିଯୋଗର ଉତ୍ତରରେ ପ୍ରଦୂଷଣ ବୋର୍ଡ ଭୁବନେଶ୍ୱର ଆଞ୍ଚଳିକ ଅଧିକାରୀ କହିଲେ କି ଆମେ ଅନୁଧ୍ୟାନ କଲା ବେଳେ ଏ ସବୁ ବନ୍ଦ ଥିଲା। ତେଣୁ ଏଥିରେ କିଛି ଭିତିରି ବୁଝାମଣା ଥାଇ ପାରେ ବୋଲି ସମସ୍ତେ ଅନୁଭବ କଲେ। ସେପଟେ ଯେଉଁ ତିନୋଟି ପ୍ଲାଣ୍ଟ ଶୁଖିଲା, ଫଳ ପନିପରିବା ଓ଼ଏମଏମସିରେ ବର୍ତ୍ତମାନ ପ୍ରୋସେସିଂ ଚାଲୁ ରହିଛି ସେଠାରେ ବାହାରକୁ ପୋଚରା ବିଷ ପାଣି ନିର୍ଗତ ହେଉଛି ତାକୁ ଡାଇରେକ୍ଟ ବାହାରକୁ ନଛାଡି ତାର ତୁରନ୍ତ ବିକଳ୍ପ ବ୍ୟବସ୍ଥା ପାଇଁ କୁହାଯାଇଥିଲା। ପ୍ରୋସେସିଂ ପାଇଁ ଆସୁଥିବା ଅଳିଆକୁ ପକ୍ଷୀମାନେ ବୋହି ନେଇ ନିକଟରେ ପକାଉଛନ୍ତି ତେଣୁ ତାକୁ ଦୃଢ଼ ଜାଲିରେ ଆବଦ୍ଧ କରି ରଖି ବାର ସୁବନ୍ଦୋବସ୍ତ ପାଇଁ ତାଗିଦ କରିଥିଲେ। ଭୁବନେଶ୍ୱର ମହାନଗର ନିଗମ ବିନା କୌଣସି ସ୍ୱୀକୃତିରେ ଗାଡ଼କଣଠାରେ ଦୀର୍ଘ ବର୍ଷ ଧରି ବେଆଇନ ଭାବେ ଅଳିଆ ଗଦାଇ ଅଧା ଭୁବନେଶ୍ୱରକୁ ହନ୍ତସନ୍ତ କରିବା ସହ ସୈନିକ ସ୍କୁଲ ଭଳି ଗୌରବମୟ ଅନୁଷ୍ଠାନର ଜମିକୁ ମାଡି ବସି ଦୁର୍ଗନ୍ଧ ସୃଷ୍ଟି କରି ଲକ୍ଷ ଲକ୍ଷ ଲୋକଙ୍କୁ ବିଭିନ୍ନ ରୋଗ ଦ୍ୱାରା ମରଣ ମୁହଁକୁ ଠେଲି ଚାଲିଛି। ଦୀର୍ଘ ଦିନ ଧରି ବିରୋଧ କରି ଅନେକ ଆନ୍ଦୋଳନ ଓ଼ ଧାରଣା କାର୍ଯ୍ୟକ୍ରମ ହାତକୁ ନେଇ ବିରୋଧ କରିଆସୁଛି ସୈନିକ ସ୍କୁଲ ବଞ୍ଚାଅ ଓ଼ ଅଳିଆ ଗଦା ହଟାଅ ଅଭିଯାନ।

# ସିଙ୍ଗଲ ଡ଼ୋର ରେଫ୍ରିଜିରେଟରର ନୂତନ ସମ୍ଭାର

**ଭୁବନେଶ୍ୱର,୧୧।୯ (ମହାଭାରତ):** ସାମସଙ୍ଗ, ଭାରତର ଏକ ସର୍ବବୃହତ୍ ଗ୍ରାହକ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ, ଆଜି ଏହାର ଅଧୁନତମ ୧୮୩ ଲିଟର କ୍ଷମତା ସିଙ୍ଗଲ ଡ଼ୋର ଯୁକ୍ତ ରେଫ୍ରିଜିରେଟର ସମ୍ଭାର ଶୁଭାରମ୍ଭର ଘୋଷଣା କରିଛି, ଯାହାକି ଭାରତୀୟ ପରିବାରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସକ୍ଷମକାରୀ ତଥା ଷ୍ଟାଇଲିଷ୍ଟ ପାଇଁ ପ୍ରସ୍ତୁତ ଏକ ଆକର୍ଷଣୀୟ ରେଫ୍ରିଜିରେଟର। ୮ଟି ନୂଆ ମଡ଼େଲ ସହିତ ଦୁଇଟି ଫ୍ଲୋରାଲ ଢ଼ାଂଚ଼ା ମଧ୍ୟରେ, ବେଗୋନିଆ ଏବଂ ୱାଇଲ୍ଡ ଲିଲିକୁ ନେଇ ନୂତନ ସିଙ୍ଗଲ ଡ଼ୋର ରେଫ୍ରିଜିରେଟର ଦୁଇଟି ରଙ୍ଗ ଯଥା – ଲାଲ ଏବଂ ନୀଳ ତଥା ୩ଷ୍ଟାର ଏବଂ ୫ଷ୍ଟାର ଯୁକ୍ତ ଏନର୍ଜି ରେଟିଙ୍ଗରେ ଉପଲବ୍ଧ। ଏହି ନୂତନ ବ୍ୟବସ୍ଥିତକାରୀ ଚ଼କିତ କଲାଭଳି ଡ଼ିଜାଇନ, ଆଧୁନିକ ବିଶେଷତ୍ୱ ତଥା ଉନ୍ନତ ମାନର ସ୍ଥାୟିତ୍ୱକୁ ଏକାଠି କରିଛି, ଯାହାକି ଏହାକୁ ଏକ ଆଦର୍ଶ ପସନ୍ଦ ଭାବରେ ପରିବାରର ଦୈନନ୍ଦିନ ଜୀବନରେ ଏହାର ଷ୍ଟାଇଲ ତଥା ବିଶ୍ୱସନୀୟତା ପାଇଁ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଛି।

ମାନସିକ ସ୍ତରରେ ଏହାର ପାରମ୍ପରିକ ଡ଼ିଜାଇନ ସହିତ, ଏହି ନୂତନ ସିଙ୍ଗଲ ଡ଼ୋର ଯୁକ୍ତ ସମ୍ଭାର ଆଧୁନିକ ଭାରତୀୟ ଘର ଗୁଡ଼ିକ ପାଇଁ ବିଶେଷ ଭାବରେ ପ୍ରସ୍ତୁତ ହୋଇଛି। ବେଗୋନିଆ ଏବଂ ୱାଇଲ୍ଡ ଲିଲି ଫ୍ଲୋରାଲ ଢ଼ାଂଚ଼ା ରୋଷେଇ ଘରର ଆକର୍ଷଣୀୟତାକୁ ଅଧିକ ବୃଦ୍ଧି କରିବା ସହିତ ପତଳା ଗ୍ରାଣ୍ଡେ ଡ଼ୋର ଡ଼ିଜାଇନ ସହିତ ବାର ହାଣ୍ଡେଲ ଏକ ପ୍ରିମିୟମ ଅନୁଭବ ସହିତ ସୁବିଧାଜନକ ବ୍ୟବହାରକାରୀତାକୁ ସୁନିଶ୍ଚିତ କରିପାରିଛି।

# ଟ୍ରେନ୍ ଟିକେଟ୍ ପରୀକ୍ଷକଙ୍କ ବାୟୋମେଟ୍ରିକ୍ ଉପସ୍ଥାନ କାର୍ଯ୍ୟକାରୀ

**ଭୁବନେଶ୍ୱର,୧୧।୯ (ମହାଭାରତ):** ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା ଚଳିତ ମାସ ୭ ତାରିଖ ଠାରୁ ଟ୍ରେନ୍ ଟିକେଟ୍ ପରୀକ୍ଷକ (ଟିଟିଇ) ମାନଙ୍କ ପାଇଁ ବାୟୋମେଟ୍ରିକ୍ ସାଇନ୍-ଇନ୍ ଏବଂ ସାଇନ୍-ଅଫ୍ କାର୍ଯ୍ୟକାରୀ କରାଯାଇଅଛି ଯାହା ରେଳ ପରିଚାଳନାରେ ସ୍ୱଚ୍ଛତା ଏବଂ ଦାୟିତ୍ୱବୋଧତା ଦିଗରେ ଏକ ପ୍ରମୁଖ ପଦକ୍ଷେପ ଅଟେ। ରେଳମଣ୍ଡଳର ଟିକେଟ୍ ଯାଂଚ କର୍ମଚାରୀଙ୍କ ଦ୍ୱାରା ଏହି ପଦକ୍ଷେପକୁ ସ୍ୱାଗତ କରାଯାଇଛି।

ଡ୍ୟୁଟି ଉପସ୍ଥାନ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ରେଳମଣ୍ଡଳର ଖୋର୍ଦ୍ଧା ରୋଡ୍, ପୁରୀ, ଭୁବନେଶ୍ୱର, ଭଦ୍ରକ, ଯାଜପୁର କେଉଁଝର ରୋଡ୍, କଟକ, ବାଲୁଗାଁ, ବ୍ରହ୍ମପୁର, ପଲାସା, ଢେଙ୍କାନାଳ, ଅନୁଗୁଳ ଏବଂ ପାରାଦୀପ ଷ୍ଟେସନ ମାନଙ୍କ ଠାରେ ଅବସ୍ଥିତ ସମସ୍ତ ୧୨ଟି କମ୍ପ୍ୟୁଟରାଇଜଡ୍ ଟିଟିଇ ଲବିରେ ବାୟୋମେଟ୍ରିକ୍-ଆଧାରିତ ଲଗଇନ୍/ଅଫ୍ ପ୍ରଚଳନ କରାଯାଇଛି । ଏହି ସୁବିଧା ରେଳମଣ୍ଡଳ ଅଧୀନରେ କାର୍ଯ୍ୟରତ ପ୍ରାୟ ୫୫୦ ରୁ ଅଧିକ ଟିଟିଇଙ୍କୁ ସୁବିଧା ପ୍ରଦାନ କରିବ।

ଆଧାର-ସକ୍ଷମ ବାୟୋମେଟ୍ରିକ୍ ପ୍ରମାଣୀକରଣ ସଠିକ୍ ସାଇନ୍-ଅନ୍/ଅଫ୍ ସୁନିଶ୍ଚିତ କରିବ, ମାନୁଆଲ୍ ଆଟେଣ୍ଡେନ୍ସ ସିଷ୍ଟମ୍ ରେ ବିଭେଦ ଦୂର କରିବ ଏବଂ ଡ୍ୟୁଟିରେ ସାଇନ୍ କରିବା ସମୟରେ ସମ୍ପୃକ୍ତ ଷ୍ଟେସନ୍ ?ରେ କର୍ମଚାରୀଙ୍କ ପ୍ରତ୍ୟକ୍ଷ ଉପସ୍ଥିତି ନିଶ୍ଚିତ କରିବ ।ଏହି ପ୍ରକଳ୍ପ 'ଭାରତୀୟ ରେଳବାଇରେ କମ୍ପ୍ୟୁଟରାଇଜଡ୍ ଟିଟିଇ ଲବିର ପ୍ରସାର' ପଦକ୍ଷେପର ଏକ ଅଂଶ, ଯାହା ପୂର୍ବରୁ ସାରା ଦେଶରେ ୯୫୦ ରୁ ଅଧିକ ସ୍ଥାନରେ କାର୍ଯ୍ୟକାରୀ କରାଯାଇଛି। ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଅଧୀନରେ ଉନ୍ନତ କମ୍ପ୍ୟୁଟିଂ ବିକାଶ କେନ୍ଦ୍ର ସହିତ ସମନ୍ୱୟରେ ବାୟୋମେଟ୍ରିକ୍ ବୈଶିଷ୍ଟ୍ୟ ବିକଶିତ କରାଯାଇଥିଲା। ଏହି ବ୍ୟବସ୍ଥା ଆଧାର-ଆଧାରିତ ଫିଙ୍ଗରପ୍ରିଂଟ ପ୍ରମାଣୀକରଣ ଡିଭାଇସ୍ ଗୁଡ଼ିକ ବ୍ୟବହାର କରେ ଯାହା ୟୁଆଇଡିଏଆଇ/ଏସଟିକ୍ୟୁସି ଦ୍ୱାରା ପ୍ରମାଣିତ ଏବଂ ଇ-ପ୍ରମାଣ ପୋର୍ଟାଲ୍ ସହିତ ସମନ୍ୱିତ। ଏହି ବୈଶିଷ୍ଟ୍ୟକୁ ପ୍ରମାଣିତ ଡିଭାଇସ୍ ଗୁଡ଼ିକ ସହିତ ନୂଆଦିଲ୍ଲୀ ଟିଟିଇ ଲବିରେ ସଫଳତାର ସହିତ ପରୀକ୍ଷଣ କରାଯାଇଛି ଏବଂ ବର୍ତ୍ତମାନ ଭାରତୀୟ ରେଳବାଇର ଟିଟିଇ ଲବିରେ ନିୟୋଜିତ କରାଯାଉଛି। ଟ୍ରେନ୍ ଟିକେଟ୍ ପରୀକ୍ଷକ ଟିଟିଇମାନଙ୍କ ପାଇଁ ବାୟୋମେଟ୍ରିକ୍ ସାଇନ୍-ଇନ୍ ଏବଂ ସାଇନ୍-ଅଫ୍ ପଦକ୍ଷେପ କେବଳ ଦକ୍ଷତା ଏବଂ ସ୍ୱଚ୍ଛତା ଆଣିବ ନାହିଁ ବରଂ କର୍ମଚାରୀ ନିୟୋଜନର ତଦାରଖକୁ ମଧ୍ୟ ସୁଦୃଢ଼ କରିବ ଯାହା ଦ୍ୱାରା ଯାତ୍ରୀମାନଙ୍କ ପାଇଁ ସେବା ପ୍ରଦାନରେ ଉନ୍ନତି ଆସିବ।

# ସାମସଙ୍ଗ ୨୦ ହଜାର ଛାତ୍ରଛାତ୍ରୀଙ୍କୁ ବୈଷୟିକ ନିୟନ୍ତ୍ରଣ ନିମନ୍ତେ ପ୍ରଶିକ୍ଷଣ

**ଭୁବନେଶ୍ୱର,୧୧।୯ (ମହାଭାରତ):** ସାମସଙ୍ଗ, ଭାରତର ଏକ ବୃହତ୍ ଗ୍ରାହକ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ, ଆଜି ଏହାର ଫ୍ଲାଗସିପ ସିଏସଆର କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରମୁଖ ବିସ୍ତାରିତ ଗୁଡ଼ିକର ଘୋଷଣା କରିଛି ତାହା ମଧ୍ୟରେ ରହିଛି ସାମସଙ୍ଗ ଅଭିନବୀକରଣ କ୍ୟାମ୍ପସ (ଏସଆଇସି) ଯାହାକି ଭାରତ ସରକାରଙ୍କର ଡ଼ିଜିଟାଲ ଇଣ୍ଡିଆ ଏବଂ ସ୍କିଲ ଇଣ୍ଡିଆର ଦୂରଦୃଷ୍ଟିତାକୁ ସମର୍ଥନ ପୂର୍ବକ ଭାରତର ଯୁବବର୍ଗଙ୍କୁ ଭବିଷ୍ୟତ ପ୍ରସ୍ତୁତକାରୀ କୁଶଳୀ କାର୍ଯ୍ୟକ୍ରମ ପାଇଁ ନିଜର ପ୍ରତିଶ୍ରୁତିବଦ୍ଧତାକୁ ଜାରି ରଖିବା।

୨୦୨୪ ମସିହାରେ ରହିଥିବା ୪ଟିରୁ ବୃଦ୍ଧି ପାଇ ଚ଼ଳିତ ବର୍ଷ ଏହି କୁଶଳୀ କାର୍ଯ୍ୟକ୍ରମ ୧୦ଟି ରାଜ୍ୟକୁ ବିସ୍ତାରିତ କରିବାକୁ ଯାଉଛି । ଏହା ୨୦,୦୦୦ରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀ ମାନଙ୍କୁ ଭବିଷ୍ୟତ ଜ୍ଞାନକୌଶଳକୁ ସେହି କ୍ଷେତ୍ର ଗୁଡ଼ିକରେ ଆହୁରି ଅଧିକ ବୃଦ୍ଧି କରିବାକୁ ଯାଉଛି ଯେଉଁ କ୍ଷେତ୍ର ଗୁଡ଼ିକ ମଧ୍ୟରେ ରହିଛି – ଯୁବ ପଞ୍ଜିକୃତକାରୀ କାର୍ଯ୍ୟକ୍ରମର ମନୋନୀତ ବୈଷୟିକ କ୍ଷେତ୍ର ଯେପରିକି ଆର୍ଟିଫିସିଆଲ ଇଂଟେଲିଜେନ୍ସ (ଏଆଇ), ଇଂଟରନେଟ ଅଫ ଥିଙ୍ଗସ (ଆଇଓଟି), ବିଗ୍ ଡ଼ାଟା ଏବଂ କୋଡ଼ିଙ୍ଗ ଓ ପ୍ରୋଗ୍ରାମିଙ୍ଗ ଶିକ୍ଷା ୨୦୨୫, ଯାହାକି ପୂର୍ବ ବର୍ଷର ୩,୫୦୦ ଶିକ୍ଷାର୍ଥୀଙ୍କୁ ପ୍ରଦାନ କରାଯାଇଥିବା ସ୍ଥଳେ ଚ଼ଳିତ ବର୍ଷ ଏହାକୁ ଛଅ-ସ୍ତରୀୟକୁ ବୃଦ୍ଧି କରାଯାଇଛି । ଏଥିସହିତ ଜ୍ଞାନକୌଶଳ ପ୍ରଶିକ୍ଷଣ, ସଫ୍ଟ ସ୍କିଲ ଉପରେ ନିଜର କର୍ମସ୍ଥଳରେ ପ୍ରସ୍ତୁତିକୁ ବୃଦ୍ଧି କରିବା ପାଇଁ ଏ ସମ୍ପର୍କିତ ନିର୍ଦ୍ଦେଶନାମା ଗ୍ରହଣ ତଥା ସର୍ବୋପରି ବିଭିନ୍ନ ଆବଶ୍ୟକୀୟ ଶିଳ୍ପ ପ୍ରତିଷ୍ଠାନ ଗୁଡ଼ିକରେ ପ୍ରାର୍ଥୀଙ୍କ ଦକ୍ଷତାକୁ ନେଇ ନିଯୁକ୍ତି ପ୍ରଦାନ ସହାୟତାର ସମର୍ଥନ ଦେବା । "ସାମସଙ୍ଗ ଦୀର୍ଘ ସମୟ ଧରି ଭାରତର ଜାତୀୟ ବିକାଶ ଧାରାରେ ଏହାର ଉପସ୍ଥିତି ସହିତ ଭାଗିଦାରୀତାର ପ୍ରତିଶ୍ରୁତିବଦ୍ଧତାକୁ ଜାରି ରଖିଛି । ସାମସଙ୍ଗ ଅଭିନବୀକରଣ କ୍ୟାମ୍ପସ, ଯାହାକି ଭାରତ ସରକାରଙ୍କ ସ୍କିଲ ଇଣ୍ଡିଆ ଏବଂ ଡ଼ିଜିଟାଲ ଇଣ୍ଡିଆ ପଦକ୍ଷେପ ସହିତ ମିଳିତ ହୋଇ ରହିଛି ଆମର ଅବଦାନ, ଦୂରଦର୍ଶିତା ତଥା ଜ୍ଞାନକୌଶଳକୁ ଆହୁରି ପରିବର୍ଦ୍ଧିତ କରିବା ଦିଗରେ ଯୁବକ ମାନଙ୍କୁ ଏହା ଉନ୍ମୁକ୍ତ ତଥା ବ୍ୟାପକ ସୁଯୋଗ ପ୍ରଦାନ କରିପାରିଛି ।

# ନଦୀ କିମ୍ବା ଜଳାଶୟରେ ପାଇପ ଲାଇନ ବିଛାଇ ପାରିବେନି

**ଭୁବନେଶ୍ୱର,୧୧।୯ (ମହାଭାରତ):** ଏଣିକି ଆଉ ନଦୀ କିମ୍ବା ଜଳାଶୟ ବା ଜଳଭଣ୍ଡାର ଭିତରେ ମନ ଇଚ୍ଛା ପାଇପ ଲାଇନ ବିଛାଇ ପାରିବେନି କୌଣସି ସଂସ୍ଥା। ଏନେଇ ନୂଆ ମାର୍ଗଦର୍ଶିକା ସହ କଡ଼ା ନିର୍ଦ୍ଦେଶନାମା ଜାରି କଲା ଜଳ ସମ୍ପଦ ବିଭାଗ। କୌଣସି ସଂସ୍ଥା ନଦୀ କିମ୍ବା ଜଳ ଭଣ୍ଡାର ଭିତରେ ପାଇପ ଲାଇନ ବିଛାଇବାର ଥିଲେ ୱାଟର୍ ବଡି କ୍ରସିଂ ଅନୁମତି ପତ୍ର ଦେବା ବାଧ୍ୟତାମୂଳକ। ତେବେ ଯାଇ ସମ୍ପୃକ୍ତ ସଂସ୍ଥାକୁ ମିଳିବ ଜଳ ସମ୍ପଦ ବିଭାଗର ଅନୁମତି। ଜଳ ସମ୍ପଦ ବିଭାଗ ଜମି ସମେତ ଜଳାଶୟ ଏବଂ ପାଣି ଭିତରେ ପାଇପଲାଇନ କରିଡର ପାଇଁ ଆରଓଡବ୍ଲ୍ୟୁ ଅନୁମତି ପାଇଁ ଜାରି ମାର୍ଗଦର୍ଶିକା ହୋଇଛି। ବିଭିନ୍ନ ସମୟରେ ବିଭିନ୍ନ ସଂଗଠନ ନଦୀ ଏବଂ ଅନ୍ୟାନ୍ୟ ଜଳଭଣ୍ଡାରରେ ସେମାନଙ୍କର ପାଇପଲାଇନ ବିଛାଇବା ପାଇଁ ଜଳସମ୍ପଦ ବିଭାଗଠାରୁ ରାଇଟ ଅଫ୍ ୱେ ଅନୁମତି ମାଗୁଛନ୍ତି। ପ୍ରଶାସନିକ ଦକ୍ଷତା ଏବଂ ବ୍ୟବସାୟିକ ସହଜତାକୁ ବୃଦ୍ଧି କରିବା ପାଇଁ, ଜଳସମ୍ପଦ ବିଭାଗ, ଡିଓଡବ୍ଲ୍ୟୁଆର୍ ଜମି ସମେତ ଜଳାଶୟ ସହିତ ଏବଂ ପାଣି ଭିତରେ ପାଇପଲାଇନ୍ ପାଇଁ ଆରଓଡବ୍ଲ୍ୟୁ ଅନୁମତି ପାଇଁ ଜଳ ସମ୍ପଦ ବିଭାଗ କହିଛି। ବିଭାଗ ପକ୍ଷରୁ କୁହାଯାଇଛି, ଆବେଦକ ସଂସ୍ଥା ଯଥା ଶିଳ୍ପ, ସରକାରୀ ସଂଗଠନ ଏବଂ ପୌର ସଂସ୍ଥା ଇଞ୍ଜିନିୟର-ଇନ୍-ଚିଫ୍, ଡବ୍ଲ୍ୟୁଆରଙ୍କ ନିକଟରେ ଆରଓଡବ୍ଲ୍ୟୁ ଅନୁମତି ପାଇଁ ଆବେଦନ କରିବେ। ବିଭାଗୀୟ ଅଧିକାରୀ ପ୍ରସ୍ତାବଟି ଯାଞ୍ଚ କରିବେ, ଆବେଦନକାରୀ ପ୍ରତିନିଧିଙ୍କ ସହିତ ଏକ ମିଳିତ କ୍ଷେତ୍ର ପରିଦର୍ଶନ କରିବେ, ପ୍ରସ୍ତାବିତ ଅନଲାଇନରେ ଏବଂ ରାସ୍ତାରେ ଡିଓଡବ୍ଲ୍ୟୁଆର୍ ସମ୍ପତ୍ତି ସମେତ ସମସ୍ତ ଜଳଭଣ୍ଡାର କ୍ରସିଂ ଯାଞ୍ଚ କରିବେ। ଅନଲାଇନରେ ଡିଓଡବ୍ଲ୍ୟୁଆର୍ ଜମିର ଶେଷ ଭାଗରେ ହେବା ଉଚିତ ଏବଂ ଭବିଷ୍ୟତରେ ବନ୍ଧ ସେକ୍ସନର ପ୍ରଶସ୍ତୀକରଣ/ ପରିବର୍ତ୍ତନ ଇତ୍ୟାଦିର ଯତ୍ନ ନେବେ। ଉପରୋକ୍ତ ଅନୁମତି ପାଇଁ ସମୟସୀମା ୪୫ ଦିନ ରହିଛି। ଜଳସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି, ଆବେଦକ ସଂସ୍ଥା ଯଥା ଶିଳ୍ପ, ସରକାରୀ ସଂଗଠନ ଏବଂ ପୌର ସଂସ୍ଥା ଇଞ୍ଜିନିୟର-ଇନ୍-ଚିଫ୍, ଡବ୍ଲ୍ୟୁଆରଙ୍କ ନିକଟରେ ଆରଓଡବ୍ଲ୍ୟୁ ଅନୁମତି ପାଇଁ ଆବେଦନ କରିବେ। ବିଭାଗୀୟ ଅଧିକାରୀ ପ୍ରସ୍ତାବଟି ଯାଞ୍ଚ କରିବେ, ଆବେଦନକାରୀ ପ୍ରତିନିଧିଙ୍କ ସହିତ ଏକ ମିଳିତ କ୍ଷେତ୍ର ପରିଦର୍ଶନ କରିବେ, ପ୍ରସ୍ତାବିତ ଅନଲାଇନରେ ଏବଂ ରାସ୍ତାରେ ଡିଓଡବ୍ଲ୍ୟୁଆର୍ ସମ୍ପତ୍ତି ସମେତ ସମସ୍ତ ଜଳଭଣ୍ଡାର କ୍ରସିଂ ଯାଞ୍ଚ କରିବେ।

## ସବୁଆଡ଼େ ଟ୍ରମ୍ପ ବିରୋଧୀ

ବିଶ୍ୱ ଶାନ୍ତି ପାଇଁ ଯଦି ଆମେରିକା ଏହା କରୁଥାଏ ତେବେ ସ୍ୱାଗତଯୋଗ୍ୟ। କିନ୍ତୁ କେବଳ ନିଜର ସ୍ୱାର୍ଥ ଏବଂ ପତିଆରା ଜାହିର କରିବାକୁ ଏଭଳି ମାମଲାତି ଗ୍ରହଣୀୟ ନୁହେଁ। ଯଦି ନିଜକୁ ବିଶ୍ୱ ନେତା ବୋଲି ବିଚାର କରୁଛ, ତେବେ ସମସ୍ତଙ୍କ ସ୍ୱାର୍ଥ କଥା ଦେଖିବା ମଧ୍ୟ ଉଚିତ। କିନ୍ତୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜକୁ ବିଶ୍ୱନେତା ଭାବେ ଦାବି କରୁଥିବା ବେଳେ କେବଳ ନିଜ ସ୍ୱାର୍ଥ କଥା ଚିନ୍ତା କରୁଛନ୍ତି ଏବଂ ଅନ୍ୟକୁ ପଦଦଳିତ କରିବାକୁ ଉଦ୍ୟମ କରୁଛନ୍ତି। ଦ୍ୱିତୀୟ ଥର ପାଇଁ ସେ ଆମେରିକା ରାଷ୍ଟ୍ରପତି ହେବା ପରେ ଏଭଳି କିଛି ନିଷ୍ପତ୍ତି ଏବଂ ପଦକ୍ଷେପ ନେଇଛନ୍ତି ଯାହା ସମଗ୍ର ବିଶ୍ୱକୁ ପ୍ରଭାବିତ କରିଛି। ରାଷ୍ଟ୍ରପତି ଟ୍ରମ୍ପ ଭାରତ ସମେତ ଅନେକ ଦେଶ ଉପରେ ଟାରିଫ ବୃଦ୍ଧି କରିଛନ୍ତି। ଏଥିରେ ସାମିଲ ରହିଛି ଭାରତ। ଯେଉଁ ଦେଶ ଉପରେ ସେ ଅସନ୍ତୁଷ୍ଟ ହେଉଛନ୍ତି, ସେହି ଦେଶ ଉପରେ ଟାରିଫ ବୃଦ୍ଧି କରିବାକୁ ଧମକ ଦେଉଛନ୍ତି। ପ୍ରଥମରୁ ସେ ଭାରତ ବିରୋଧରେ ୨୫% ଟାରିଫ ଲାଗୁ କଲେ। ପରେ ଆଉ ୨୫% ଅତିରିକ୍ତ ଟାରିଫ ଲାଗୁ କହଲେ। ଭାରତ ରଷିଆରୁ ତେଲ କିଣୁଥିବାରୁ ଟ୍ରମ୍ପ ଏଥିଲାଗି ଅତିରିକ୍ତ ୨୫% ଟାରିଫ ଲାଗୁ କରିଛନ୍ତି। ତାଙ୍କ ଯୁକ୍ତି ନିହାତି ଅବାନ୍ତର। ଟ୍ରମ୍ପ କହିବା କଥା, ଭାରତ ରଷିଆରୁ ତେଲ କିଣି ୟୁକ୍ରେନ ଯୁଦ୍ଧକୁ ଇନ୍ଧନ ଯୋଗାଉଛି। ଭାରତର ତେଲ କିଣା ଅର୍ଥରେ ରଷିଆରେ ୟୁକ୍ରେଣନ ବିରୋଧରେ ଯୁଦ୍ଧ ଜାରି ରଖିଛି। ତେଣୁ ଭାରତ ବିରୋଧରେ ୨୫% ଅତିରିକ୍ତ ଟାରିଫ ଲାଗୁ କରାଗଲା। କହିବା ବାହୁଲ୍ୟ ଯେ, ଭାରତ ଓ ଚୀନ ବ୍ୟତିତ ବିଶ୍ୱର ଅନେକ ଦେଶ ବିଶେଷ କରି ୟୁରୋପୀୟ ରାଷ୍ଟ୍ରମାନେ ମଧ୍ୟ ରଷିଆରୁ ପ୍ରତ୍ୟକ୍ଷ ବା ପରୋକ୍ଷରେ ତେଲ କିଣୁଛନ୍ତି। ଖୋଦ ଆମେରିକା ମଧ୍ୟ ଏଭଳି କରୁଛି। ବେପାର ବାଣିଜ୍ୟରେ ସମସ୍ତେ ନିଜ ଫାଇଦା ଦେଖନ୍ତି। ଯାହାକୁ ଯେଉଁଟା ସୁବିଧା ହେଲା ସେ ତାହା କାର୍ଯ୍ୟକାରୀ କଲା। ଭାରତ ନିଜ ସୁବିଧା ଏବଂ ଫାଇଦା ନିମନ୍ତେ ରଷିଆରୁ ରିହାତି ମୂଲ୍ୟରେ ତେଲ କିଣୁଛି। ଆମେରିକା ନିଜ ଇଚ୍ଛାରେ ଭାରତକୁ ପରିଚାଳିତ କରିପାରିବ ନାହିଁ। କେବଳ ଭାରତ ନୁହେଁ, ବିଶ୍ୱର ଅନେକ ରାଷ୍ଟ୍ର ଟ୍ରମ୍ପଙ୍କ ଟାରିଫ ଯୁଦ୍ଧର ଶିକାର ହୋଇଛନ୍ତି। ସାରା ବିଶ୍ୱରେ ଏବେ ଟ୍ରମ୍ପ ବିରୋଧୀ ନାରାବାଜି। ଏପରିକି ଖୋଦ୍ ଆମେରିକାରେ ମଧ୍ୟ ଟ୍ରମ୍ପଙ୍କ ବିରୋଧରେ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହା ଯେ କୌଣସି ଦିନ ବିସ୍ଫୋରକ ରୂପ ନେଇପାରେ। ଏହି ପରିପ୍ରେକ୍ଷୀରେ ବିଶ୍ୱର ପ୍ରମୁଖ ଦେଶମାନେ ଟ୍ରମ୍ପଙ୍କ ବିରୋଧରେ ପରସ୍ପର ସହ ହାତ ମିଳାଇଛନ୍ତି। ଟ୍ରମ୍ପଙ୍କ ଟାରିଫରେ ସର୍ବାଧିକ ପ୍ରଭାବିତ ହୋଇଥିବା ଭାରତ, ଚୀନ ଏବଂ ରଷିଆ ଏହି ତିନି ମହାଶକ୍ତି ଏବେ ଏକାଠି ହୋଇଛନ୍ତି। ଚୀନର ତିଆନଜିନ ଠାରେ ଅନୁଷ୍ଠିତ ହେଉଥିବା ଏସସିଓ ସମିଟରେ ତିନି ରାଷ୍ଟ୍ରମୁଖ୍ୟ ଏକାଠି ହୋଇଛନ୍ତି। ଟ୍ରମ୍ପଙ୍କ ଟାରିଫ ଭାରତ ଓ ଚୀନକୁ ଏକାଠି କରିଛି। ବହୁ ବର୍ଷର ଶତ୍ରୁତା ଏବଂ ବିବାଦକୁ ଭୁଲି ଭାରତ ଓ ଚୀନ ଏକାଠି ହେବା ନିଶ୍ଚିତ ଭାବେ ଏକ ବଡ଼ ଘଟଣା। ଭାରତ, ଚୀନ ଏବଂ ରଷିଆ ଏକାଠି ହେଲେ ବିଶ୍ୱ ରାଜନୀତିର ଗତି ବଦଳିଯିବ ବୋଲି ଆଶା କରାଯାଇପାରେ। ଆମେରିକାର ଏକଚାଟିଆ କାରବାର ବନ୍ଦ ହୋଇଯିବ। ଏହାକୁ ଅନୁଭବ କରି ଆମେରିକାର ପ୍ରମୁଖ ଉଦ୍ୟୋଗୀ, ଅର୍ଥନୀତିଜ୍ଞ, ବ୍ୟବସାୟୀ ଏବଂ ସାଧାରଣ ସଚେତନ ନାଗରିକ ବ୍ୟଥିତ। ସେମାନେ ବାସ୍ତବତାକୁ ଅନୁଭବ କରୁଛନ୍ତି। ଟ୍ରମ୍ପଙ୍କ ନୀତି ଆମେରିକା ପାଇଁ ବିପର୍ଯ୍ୟୟ ସୃଷ୍ଟି କରିବ ବୋଲି ସେମାନେ ବିଚାର କରୁଛନ୍ତି। ତେଣୁ ସବୁଆଡ଼େ ଏବେ ଟ୍ରମ୍ପ ବିରୋଧୀ ଟ୍ରେଣ୍ଡ। ସମସ୍ତେ ତ୍ରାହି ତ୍ରାହି ଡାକ ଛାଡୁଛନ୍ତି। ଟ୍ରମ୍ପଙ୍କୁ ଉଚିତ ଶିକ୍ଷା ଦେବାକୁ ସମସ୍ତେ ବ୍ୟଗ୍ର।

## ଏକ ମୁକ୍ତାହାର


॥ ଅନୀତା ପଟ୍ଟନାୟକ ॥



“ ଦ୍ୱାଦଶରେ ଶୁଭଶ୍ରୀ କହିଲା ‘ତୁମେ ଯେତିକି କରିବାକୁ ସମର୍ଥ ତା ଠାରୁ କମ କରିବା ହେଉଛି ଚୋରି’, ତ୍ରୟୋଦଶରେ ମଞ୍ଜୁଶ୍ରୀର ଉକ୍ତି ଥିଲା ‘ସୁଖ କହିଲେ ଶୁଭକଥା ବାର୍ତ୍ତା, ଶୁଭଚିନ୍ତା ଓ ଶୁଭକର୍ମକୁ ବୁଝାଏ’, ଚତୁର୍ଦ୍ଦଶରେ ଶ୍ରଦ୍ଧାଞ୍ଜଳୀ ଏହି ଉକ୍ତିଟି ମନେରଖିଥିଲା ‘ସାଧକର ବହୁତ ମଙ୍ଗଳ ହୁଏ ଯେତେବେଳେ ସେ ଆପଣାର ଭୁଲକୁ ସ୍ୱୀକାର କରେ ଓ ଅନ୍ୟର ଭୁଲ ଖୋଜିବାକୁ ଚେଷ୍ଟା କରେନାହିଁ।’


ସେ ଦିନ ତାଙ୍କର ଜନ୍ମଦିନ ଥିଲା। ମୁଁ ଓ ମୋ ସହିତ ଆଉ ଛତିଶ ଜଣ ବାନ୍ଧବୀ ଏକାଠି ହୋଇ ପ୍ରଶାନ୍ତି ନିଳୟମ ଯାତ୍ରା କରିଥିଲୁ। ଆନ୍ଧ୍ରପ୍ରଦେଶ ଅନନ୍ତପୁର ଜିଲ୍ଲାର ଏକ କ୍ଷୁଦ୍ର ପୁଟପର୍ତ୍ତି ଗ୍ରାମରେ ଆମେ ପହଞ୍ଚିଲୁ। ଶୁଣିବାକୁ ପାଇଲୁ ସତ୍ୟସାଇ ବାବା ଦିବ୍ୟସମ୍ଭାଷଣ ଆଜି ସନ୍ଧ୍ୟା ସମୟରେ ପ୍ରଦାନ କରିବେ। ତାଙ୍କର ଦର୍ଶନ, ସ୍ପର୍ଶ ଓ ସମ୍ଭାଷଣ ଖୁବ ମନମୁଗ୍ଧକର। ଦର୍ଶନ ଓ ପାଦ ପ୍ରଣାମର ସୌଭାଗ୍ୟ ଲାଭ କରି ମୁଁ ଓ ମୋର ବାନ୍ଧବୀମାନେ ଉପଲବ୍ଧି କରିଥିଲୁ ଯେ ସତ୍ୟସାଇ ବାବା ଅବତାରୀ ପୁରୁଷ। ସେ ଦିନ ଆମେ ସ୍ଥିର କରିଥିଲୁ ତାଙ୍କର ସମ୍ଭାଷଣ ଆମେ ଶୁଣିବା; ଓ ସେ କହୁଥିବା ବାଣୀକୁ ଜଣେ ଜଣେ ମନେ ରଖିବା ଓ ତାହାକୁ ଦିନେ ଏକାଠି ଲିପିବଦ୍ଧ କରି ରଖିବା। ମତେ ବାନ୍ଧବୀମାନେ ସେହି ଲିପିବଦ୍ଧ ଉପଦେଶଗୁଡ଼ିକର ଉପକ୍ରମ ଲେଖିବାର ଦାୟିତ୍ୱ ଦେଇଥିଲେ। ତାଙ୍କର ବାଣୀକୁ ଆଧାର କରି ଏହି ଉପକ୍ରମଟି ଲେଖୁଛି।

ସେ କୁହନ୍ତି ସମୟର ଅତନ୍ଦ୍ର ନିଦ୍ରାରେ ତୁମେ ଅଚେତନ। ତୁଚ୍ଛକର୍ମ, ହୀନଚିନ୍ତାରେ ପରିପୂର୍ଣ୍ଣ ତୁମ ଜୀବନ ଖାତାର ହିସାବ ପୃଷ୍ଠାପରେ ପୃଷ୍ଠା ତୁମର କାମନା ବାସନା କଳଙ୍କିତ କରି ଚାଲିଛି। ତୁମେ ଜାଣିଚ, ସ୍ୱପ୍ନର ସେପାରି ନିଦ୍ରାର ଅତୀତରେ ଏକ ସୁଖମୟ ରାଜ୍ୟ ରହିଛି। ତୁମର ଅଜ୍ଞତାରେ ଜାଗ୍ରତ ଓ ଚେତନାର ଉର୍ଦ୍ଧ୍ୱରେ ଏକ ସ୍ୱର୍ଗାତୀତ ଭୂମି ରହିଛି ଯାହାର ନାମ ପ୍ରଶାନ୍ତି। ମୁଁ ବାଟବଣାଙ୍କୁ ପରିତ୍ରାଣ କରିବା ପାଇଁ ଆସିଛି। ନିର୍ବୋଧ ଅହଂକାରରେ ପୂର୍ଣ୍ଣଚିତ୍ତରେ କଣ୍ଟାବୁଦାରେ କଳ୍ପନାର ଭୂତଖୋଜି ବୁଲୁଛି। ଘନ ଅନ୍ଧକାରରେ ଆଖିରେ ପୁଟୁଳି ବାନ୍ଧି ଜନ୍ମ ମୃତ୍ୟୁ ଗର୍ଭରେ ବାରମ୍ବାର ପଡ଼ି ତୁମେ ପରାଜି, ବିଖଣ୍ଡିତ ଦୁର୍ଗତିର ଶିକାର ହୋଇ ଆର୍ତ୍ତନାଦ କରୁଛ। ମୁଁ ଆସିଛି ତୁମକୁ ଆରୋଗ୍ୟ କରିବା ପାଇଁ। ତୁଚ୍ଛ ସ୍ୱାର୍ଥ-ବାତୁଳତା। ଦୀନହୀନ କ୍ଷଣିକ ପ୍ରୀତି ବଡ଼ପଣ ବଡ଼ଲୋକ, ଛୋଟ ଛୋଟ ପ୍ରେମ ଘୃଣା ଏ ସବୁ ପିଲାଖେଳ ଏସବୁର ମୁକ୍ତି ଦେବା ପାଇଁ।

ଟ୍ରେନରେ ଫେରୁଥିବା ସମୟରେ ଭଗବାନ ସତ୍ୟସାଇଙ୍କ ଠାରୁ ଆହରଣ କରିଥିବା ତାଙ୍କର ବାଣୀକୁ ଏକାଠି କରିବାକୁ ଚେଷ୍ଟା କଲୁ। ବାନ୍ଧବୀମାନେ ଯେ ଯାହା ରାସ୍ତାରେ ଚାଲିଗଲେ। କିନ୍ତୁ ସେ ମୁକ୍ତାଗୁଡ଼ିକୁ ମୁଁ ଲିପିବଦ୍ଧ କରି ରଖିଛି। ସେଥିରେ ଏକ ସୁନ୍ଦରହାର ହୋଇ ପାରୁଛି। ସେହି ମୁକ୍ତାର ହାରକୁ ମୁଁ ଆଜି ତାଙ୍କର ପାଦପଦ୍ମରେ ଅର୍ପଣ କରୁଛି।

ପ୍ରଥମ ମୁକ୍ତ - କୀର୍ତ୍ତିପଦ୍ମା ମନେରଖି ମତେ କହିଥିଲା ‘ଈଶ୍ୱରଙ୍କ ଠାରେ ପହଞ୍ଚିବାର ରାଜମାର୍ଗ ହେଉଛି ସଦାଚାର’। ହିରଣମୟୀ ମନେରଖିଥିବା ଦ୍ୱିତୀୟ ମୁକ୍ତାଟି ‘ସଂସାରକୁ ଜିଣିବା ଲୋକକୁ ବୀର କୁହାଯା, କିନ୍ତୁ ନିଜକୁ ଜିଣିଥିବା ଲୋକଙ୍କୁ ମହାବୀର କୁହାଯାଏ’, ତୃତୀୟ ବାନ୍ଧବୀ ସାଗ୍ନିକା ମନେରଖିଥିଲା ‘ସତ୍ୟର ରାସ୍ତା ଈଶ୍ୱରଙ୍କ ପାଖକୁ ଅସତ୍ୟର ରାସ୍ତା ରାକ୍ଷାସ ପାଖକୁ’, ଚତୁର୍ଥ ବାନ୍ଧବୀ ପୁଷ୍ପାଞ୍ଜଳୀ ମନେରଖି କହିଥିଲା ‘ଈଶ୍ୱରଙ୍କର ଅନୁଗ୍ରହ ପାଇବାର ପ୍ରଥମ ପଦକ୍ଷେପ ହେଉଛି ବିଶ୍ୱାସ’, ପଞ୍ଚମ ବାନ୍ଧବୀ ଉର୍ବୀ କହିଥିଲା ‘ଧୈର୍ଯ୍ୟଶୀଳତା ସାଧକର ସର୍ବୋତ୍ତମ ଉପକାରର ପନ୍ଥା’, ଷଷ୍ଠ ବାନ୍ଧବୀ ରାଧା କହିଥିଲା ‘ପ୍ରତ୍ୟେକ କର୍ମକୁ ଆତ୍ମଦୃଷ୍ଟି ଓ ପରମାତ୍ମାଙ୍କୁ ପାଇବା ପାଇଁ କରିଚାଲ’, ସପ୍ତମ ବାନ୍ଧବୀ ଲୋପାମୁଦ୍ରା କହିଥିଲା ‘ଈଶ୍ୱରଙ୍କ ସର୍ବମୟତା ଉପରେ ବିଶ୍ୱାସ କର। ସବୁ ନାମ ତାଙ୍କର ସବୁ ରୂପ ତାଙ୍କର’। ଅଷ୍ଟମରେ ପ୍ରୀୟମ୍ବଦା ମନେରଖିଥିବା କଥାଟିକୁ କହିଲା ‘ଯେ ନିଶ୍ଚଳ ଜ୍ଞାନର ଅଧିକାରୀ ସେ ସଦାସର୍ବଦା ଈଶ୍ୱରଙ୍କର ନିକଟତମ ହୋଇ ତାଙ୍କ ସନ୍ନିଧିରେ ବାସ କରେ’, ନବମରେ ସତ୍ୟରୂପା ସେ ଦିନର ସମ୍ଭାଷଣକୁ ଉଦ୍ଧାର କରି କହିଲା ‘ସହଜାତ ପ୍ରବୃତ୍ତିରୁ ମୁକ୍ତ ହେବାକୁ ପ୍ରକୃତ ମୁକ୍ତି କୁହାଯାଏ’, ଦଶମରେ ସାଇସୁଧା ବକ୍ତବ୍ୟ ରଖିଲା ‘କର୍ମଫଳ ତ୍ୟାଗ କରିଥିବା ବ୍ୟକ୍ତିର କର୍ମ ହିଁ ସମାଧି’, ଏକାଦଶରେ ଦେବଶ୍ରୀର ଉକ୍ତି ଥିଲା ‘ତୁମେ ଯେତିକି କରିବାକୁ ସମର୍ଥ ତାଠାରୁ ଅଧିକ କରିବାକୁ ବାହାରି ପଡ଼ିବା ହିଁ ଭାଣ୍ଡାମି’।

ଦ୍ୱାଦଶରେ ଶୁଭଶ୍ରୀ କହିଲା ‘ତୁମେ ଯେତିକି କରିବାକୁ ସମର୍ଥ ତା ଠାରୁ କମ କରିବା ହେଉଛି ଚୋରି’, ତ୍ରୟୋଦଶରେ ମଞ୍ଜୁଶ୍ରୀର ଉକ୍ତି ଥିଲା ‘ସୁଖ କହିଲେ ଶୁଭକଥା ବାର୍ତ୍ତା, ଶୁଭଚିନ୍ତା ଓ ଶୁଭକର୍ମକୁ ବୁଝାଏ’, ଚତୁର୍ଦ୍ଦଶରେ ଶ୍ରଦ୍ଧାଞ୍ଜଳୀ ଏହି ଉକ୍ତିଟି ମନେରଖିଥିଲା ‘ସାଧକର ବହୁତ ମଙ୍ଗଳ ହୁଏ ଯେତେବେଳେ ସେ ଆପଣାର ଭୁଲକୁ ସ୍ୱୀକାର କରେ ଓ ଅନ୍ୟର ଭୁଲ ଖୋଜିବାକୁ ଚେଷ୍ଟା କରେନାହିଁ।’ ପଞ୍ଚଦଶରେ ମୋନାଲିସା ମନେରଖିଥିଲା ‘ସାଧକର ଲକ୍ଷ୍ୟପ୍ରାପ୍ତି ପାଇଁ ଶାନ୍ତ ଓ ଆଶ୍ୱସନଭରା କଥା ଅପରିହାର୍ଯ୍ୟ’, ଷୋଡ଼ଶ ଉକ୍ତିଟି ମଧୁଲିତାର ଥିଲା ‘ଜିଭ ମିଠାଥିଲେ ଲୋକ ତୁମ ନାମକୁ ବି ଦଣ୍ଡବତ କରିବେ’, ସପ୍ତଦଶ ଉକ୍ତିଟି ମନେରଖିଥିଲା ଅଞ୍ଜଳୀ - ‘ଜିଭ ବୋଲ ମାନିଲେ ସାରା ସଂସାର ବୋଲମାନେ’, ଅଷ୍ଟଦଶ ଅମୃତବାଣୀକୁ ମନେରଖିଥିଲା ରଞ୍ଜନା ‘ହରିଙ୍କ ଆଦେଶ ଯେ ମାନେ ସେ ଯୋଗୀ ଯେ ନ ମାନେ ସେ ରୋଗୀ’, ଊଣିଶତମ ଉକ୍ତି ଥିଲା ପ୍ରତିଶୃତିର ‘ହୃଦୟ ସହ ହୃଦୟ ବାନ୍ଧି ହୋଇଗଲେ ତର୍କ ବିତର୍କ ରହେନାହିଁ’, ବିଂଶ ଉକ୍ତିଟିଥିଲା ପ୍ରତ୍ୟାଶାର ‘ଅଶୁଦ୍ଧ ଖାଦ୍ୟ ମନୁଷ୍ୟକୁ ଅଶୁଦ୍ଧ କରିଦିଏ, ଧର୍ମର ସୂର୍ଯ୍ୟକୁ ଉଦିତ ହେବାକୁ ଦିଏନାହିଁ’। ଏକବିଂଶ ଅମୃତ ବାଣୀକୁ ମନେରଖି ଶତରୂପା କହିଲା ‘ମୁକ୍ତି ପାଇଁ ଅନ୍ୟବାଟ ଖୋଜିଲେ କିପରି ହେବ ଅଖଣ୍ଡ ଆନନ୍ଦର ଭାବନା ହରି ଭାବନା ହୃଦୟରେ ରଖିବାକୁ ହେବ’, ଦ୍ୱାବିଂଶ ଉକ୍ତି ମନେ ରଖିଥିଲା ଦୀପ୍ତିମୟୀ ‘ବାଦ ବିବାଦର ବୋଝକୁ ଫିଙ୍ଗି ବିଶ୍ୱାସ ଓ କର୍ମର ତୁମକୁ ଈଶ୍ୱର ଲାଭରେ ସାହାଯ୍ୟ କରିବ’, ତ୍ରୟୋବିଂଶ ଉକ୍ତିକୁ କହିଥିଲା ସୁଧା ‘ଆଧାତ୍ମିକ ସାଧନାକୁ ନିଷ୍ଫଳ କରିଦେବ ଫଳ ପାଇବାର ବ୍ୟାକୁଳତା’, ଚର୍ତୁବିଂଶ ଅମୃତବାଣୀକୁ ମନେ ରଖିଥିଲା ପଦ୍ମଶ୍ରୀ ‘ମନବୁଦ୍ଧି ଶରୀର ଧ୍ୱଂସ ପାଇଲେ ହେଁ ଅବିନଶ୍ୱର ଆତ୍ମାର ଅନିଷ୍ଟ ହୋଇନଥାଏ’।

ପଞ୍ଚବିଂଶ ବାଣୀଟିଥିଲା ପଲ୍ଲିଶ୍ରୀର ‘ଶରୀର ଆମର ସ୍ୱରୂପ ନୁହେଁ, ତାର କ୍ଷୟ ମୃତ୍ୟୁ ଅଟେ। ନର, ନାରାୟଣ ପାଲଟିବାର ପ୍ରଥମ ପାହାଚ ହେଉଛି ମୁଁ ବୋଲି ଯାହାକୁ କହୁଛ ତାହା ଶରୀର ନୁହେଁ ପରମାତ୍ମା ଏହାକୁ ଉପଲବ୍ଧି କରିବା ହେଉଛି ସାଧନା, ତପସ୍ୟା’, ଷଡ଼ବିଂଶ ଉକ୍ତିକୁ ସ୍ମରଣ କରି ମଞ୍ଜୁଶ୍ରୀ କହିଲା ‘ଯେଉଁଠାରେ ହରିନାମର ମଧୁର ଧ୍ୱନୀ ଓ ସୁଗନ୍ଧଥାଏ ତାହାକୁ ବୈକୁଣ୍ଠ କୁହାଯାଏ’, ସପ୍ତବିଂଶ ଉକ୍ତି ଥିଲା ଇତିଶ୍ରୀର ‘ଗୋରୁର ଚମଡ଼ାରେ ଜୋତା ଚପଲ କରାଯାଏ, ମନୁଷ୍ୟ ଚମଡ଼ା କୌଣସି କାମରେ ଲାଗେ ନାହିଁ। କିନ୍ତୁ ମନୁଷ୍ୟ ପବିତ୍ର କର୍ମ ସଂପାଦନ କଲେ ଦେବିତ୍ୱ ଲାଭ କରିବ’। ଅଷ୍ଟବିଂଶ ମଧୁରବାଣୀକୁ ମନେରଖି ସ୍ମରଣ କରି ଜ୍ୟୋତିର୍ମୟୀ କହିଲା ‘ସଂସାର ସ୍ନେହଭରା ଘର ପାଲଟି ଯିବା ଦରକାର। ନିଜକୁ ଶ୍ରଦ୍ଧା କରେ, ତାପରେ ଗାଁ ନଗରୀକୁ ଶ୍ରଦ୍ଧା କରେ, ତାପରେ ଜିଲ୍ଲା, ଦେଶ ଓ ସାରା ସଂସାରକୁ ଶ୍ରଦ୍ଧାକର ଦେଖିବ ଏହା ସମ୍ଭବ ହୋଇପାରିବ’, ଅଣତିରିଶତମ ଉକ୍ତି ଥିଲା ନନ୍ଦିନୀର ‘ଅନ୍ୟମାନଙ୍କ ଠାରୁ ତୁମେ ଯେଉଁ ସମ୍ମାନ ଆଶା କରୁଛ ତୁମେ ପ୍ରଥମେ ତାହା ଅନ୍ୟମାନଙ୍କୁ ଦେଖାଅ। ଦେଖିବ ତୁମର ମଙ୍ଗଳ ହେବ’, ତ୍ରିଂଶ ଉକ୍ତି ଥିଲା ସୁଷମାର ‘ଯାହା ଜାଣି ନାହିଁ ତାହା ମାନିଯାଅ। ଛଳନାକରି ଅଜ୍ଞତାକୁ ଘୋଡ଼ାଅ ନାହିଁ, ଏହା ଅଧ୍ୟାତ୍ମିକ ସାଧନାରେ ବାଧା ସୃଷ୍ଟି କରେ’। ଏକ ତ୍ରିଂଶ ଉକ୍ତି ପ୍ରତିଭାର ଥିଲା ‘ମନର ବିକାର ଉପରେ ଅଧିକାର ହାସଲ କଲେ ବ୍ରହ୍ମକୁ ବୁଝିହୁଏ ମନରେ ବ୍ରହ୍ମସତ୍ୟ ଆସିଲେ ଦୁଃଖ ଶୋକର ଅନ୍ତ ଘଟେ। ଆତ୍ମାନନ୍ଦ ପାଇଁ ସଂସାରମାୟାକୁ ଦୂର କରିହେବ’, ଦ୍ୱାତ୍ରିଂଶ ଉକ୍ତି ଥିଲା ଭାରତୀର ‘ତୁମେ ବୀର ଓ ବୁଦ୍ଧିମାନ ହୋଇଥିଲେ ବି ଈଶ୍ୱରଙ୍କ କୃପା ବିନା ଦାସ ପାଲଟିଯିବ’, ତେତିଶତମ ଉକ୍ତି ଦକ୍ଷାର ଥିଲା ‘ଯେ ସମସ୍ତଙ୍କୁ ସେବାକରେ, ପ୍ରେମ କରେ ହରି ତାଙ୍କୁ ଗୌରବ ମଣ୍ଡିତ କରିଥାନ୍ତି’। ଚଉତିରିଶତମ ଉକ୍ତିଟିକୁ ସ୍ମରଣ କରି ତୁଳସୀ କହିଲା ‘ପକ୍ଷୀ ରାତିରେ ଗଛ ଡାଳରେ ବିଶ୍ରାମ କରେ ଓ ସୂର୍ଯ୍ୟ ଉଦିତ ହେଲେ କୁଆଡ଼େ ଚାଲିଯାଏ, ସେହିପରି ପତ୍ନୀ, ସନ୍ତାନ, ଧନ, ସଂପତ୍ତି କୌଣସି ଖବର ନ ଦେଇ ଚାଲିଯାଆନ୍ତି ତେଣୁ ଶାଶ୍ୱତ ପରମାତ୍ମାଙ୍କୁ ପାଇବା ପାଇଁ ଧ୍ୟାନକର’। ପଞ୍ଚତିରିଶ ଉକ୍ତିକୁ କହିଥିଲା ବିଶ୍ୱବାରା ‘ଗ୍ରନ୍ଥ ପଢ଼ି କି ଲାଭ ଯଦି ତାହା ପାଳନ ନ ହୁଏ ଯାହାକି ବିଦ୍ୟାର ମାପକାଠି। ସେପରି ଲୋକ ଜଣେ ଡିଗ୍ରୀଧାରୀ ମୂର୍ଖ’। ଇନ୍ଦିରାର ଛତିଶତମ ମୁକ୍ତାଥିଲା ‘ନିଜର ସୁଖ, ଶାନ୍ତି ପାଇଁ ଯେତିକି ଲାଗିଛୁ ଅନ୍ୟର ସୁଖ ଶାନ୍ତି ପାଇଁ ସେତିକି ଚେଷ୍ଟାକର ଏହା ହିଁ ପ୍ରକୃତ ଦେବିତ୍ୱ’। ସେ ଦିନର ସଫଳତମ ଯାତ୍ରା ଆଜି ବି ମନେପଡ଼େ। ସେଥି ନିମନ୍ତେ ତାଙ୍କର ଜନ୍ମ ଦିବସରେ ପ୍ରଶାନ୍ତି ଓ ଭଗବାନ ସତ୍ୟସାଇ ବାବାଙ୍କ ନିକଟରେ ଶତକୋଟି ପ୍ରଣାମ।


ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦,
ସିଡିଏ, କଟକ
ଦୂରଭାଷ : ୯୬୯୨୯୮୦୦୨୬


## ହୁଅନ୍ତୁ ପିଲାର ବନ୍ଧୁ


॥ ଜ୍ୟୋତିରଞ୍ଜନ ଚମ୍ପତିରାୟ ॥


ବର୍ତ୍ତମାନର ମୋବାଇଲଧରା ବ୍ୟସ୍ତ ସମୟ ଭିତରେ ଆପଣଙ୍କ ପିଲା ଏକା ଏକା ରହିବାକୁ ଚେଷ୍ଟା କରୁଛି କି? ବେଳେ ବେଳେ ଚୁପଚାପ, ଉଦାସ ଏହିପରି ମନୋଭାବ ତାର ଦେଖୁଛନ୍ତି କି? ସ୍କୁଲ ଖୁବ ହେଲେ ଘର ଏହାରି ଭିତରେ ସେ ନିଜକୁ ବାନ୍ଧି ରଖିବା ପାଇଁ ଚେଷ୍ଟା କରୁଛି କି? ଯଦି ହିଁ ତେବେ ଏହା ଅବୁଝା ନୁହେଁ ଯେ ସେ ନିଜର ବନ୍ଧୁଟିଏ ପାଇପାରୁନାହିଁ ଖୁସି, ସୁଖ, ଆନନ୍ଦକୁ ବାଣ୍ଟିବା ପାଇଁ। ତେବେପ ଏହାକୁ ଛୋଟିଆ କଥା ଭାବନ୍ତୁ ନାହିଁ। ଏହା ନିଶ୍ଚିନ୍ତ ଭାବେ ବଡ଼ କଥା। କାରଣ ଏହା ପିଲାର ଶାରୀରିକ, ବୌଦ୍ଧିକ ଓ ସାମାଜିକ ଅଭିବୃଦ୍ଧିର ବାଧକ ନିଶ୍ଚୟ। ଏହିପରି ଉଦାସ ରହୁଥିବା ପିଲାଙ୍କ ହାବଭାବ ପରବର୍ତ୍ତୀ ସମୟ ପାଇଁ ଭଲ ହୋଇନଥାଏ। କାରଣ ପିଲାଟି ତାର ଜଣେ ବନ୍ଧୁ ପାଇଲେ ପ୍ରଥମତଃ ଏକଲାପଣକୁ ଦୂରେଇ ପାରିବ ଦ୍ୱିତୀୟତଃ ତା ମନକଥା ବାଣ୍ଟପାରିବ ଆଉ ନିଜ ଜୀବନକୁ ନେଇ ସେ ଖୁବ ଖୁସିରେ ଆଗେଇ ପାରିବ ମଧ୍ୟ। ବର୍ତ୍ତମାନର ସମୟରେ ଅନେକ ପିଲା ବାହାରକୁ ନଯାଇପାରି ପ୍ରାୟତଃ ଅନେକ ସମୟ ଘର ଭିତରେ ଏକ ପ୍ରକାର ଆବଦ୍ଧ ହୋଇ ରହୁଥିବାରୁ, ପିଲାଟିର ମାନସିକ, ଶାରୀରିକ ଓ ବୌଦ୍ଧିକ ସ୍ଥିତି ସମ୍ପର୍କରେ ଅନେକ ବାପାମାଆ ଅଜଣା ଥାଆନ୍ତି। ତେବେ ସବୁଠାରୁ ବଡ଼ କଥା ହେଉଛି କୋମଳମତି ପିଲାଟିର ମନକୁ ବୁଝି ତା’ପାଇଁ କିଛି ସମୟ କାଢ଼ିଲେ ତାର କଅଁଳ ମନ ଆସନ୍ତା କାଲିର ଏକ ଉଜ୍ଜ୍ୱଳ ସମାଜ ପାଇଁ କ୍ଷେତ୍ର ଯେ ସୃଷ୍ଟି ନକରିପାରିବ ତାହା କିଏ ବା ନ କହିବ? ଅନେକ ସମୟରେ ପାରିବାରିକ ଝଡ଼ଝଞ୍ଜା, ବାପା-ମାଆ ବା ଆତ୍ମୀୟ ସ୍ୱଜନଙ୍କ ଭିତରେ ମନାନ୍ତର, ମତାନ୍ତର ଏପରି ଅଘଟଣ ପିଲାମାନଙ୍କୁ ଯଥେଷ୍ଟ ଆଘାତ ଦେଇଥାଏ।

ଶିଶୁ ନିଷ୍ପାପ ଚକ୍ଷୁଯୁଗଳରେ ଲୁଚି ରହିଥାଏ ଆଗାମୀ ଭବିଷ୍ୟତର ଗୁଚ୍ଛଗୁଚ୍ଛ ସ୍ୱପ୍ନ । ମନରେ ଅନାବନା ଅନେକ ପ୍ରଶ୍ନ, କିଏ କ’ଣ କାହିଁକି, କିପରି - କିଏ ବା ସମର୍ଥ ହେବ ସେ ପ୍ରଶ୍ନମାନଙ୍କର ଉତ୍ତର ଦେବାକୁ । ସାଂପ୍ରଦାୟିକତା, ଜାତିଗତ ବିଦ୍ୱେଷ, ଅନ୍ଧ ପରମ୍ପରା ଓ ପ୍ରଦୂଷିତ ପରିବେଶ ଭିତରେ ଅହରହ ଜୀବନ ପାଇଁ ସଂଗ୍ରାମ କରୁଥିବା ସାଧାରଣ ମଣିଷ କ’ଣ ଜିତିପାରିବ ଶିଶୁମାନଙ୍କର ଚଳଚଞ୍ଚଳ ମନ ଓ ଚିନ୍ତାଧାରାକୁ । ଜୀବନର ପ୍ରାରମ୍ଭରୁ ଶିଶୁ, ପ୍ରକୃତି, ସମାଜ ଓ ପରିବେଶ ସହିତ ଓତଃପ୍ରୋତଃ ଭାବରେ ଜଡ଼ିତ ଥାଏ । ତାର, ଭାଷା, ବ୍ୟବହାର, ଚାଲିଚଳଣୀ ଓ ସଦାଚାର ଶିକ୍ଷା କରିଥାଏ ପରିବାରରୁ ବିଶେଷତଃ ସମାଜ ତଥା ପରିବେଷ୍ଟିନୀ ମାନଙ୍କ ଠାରୁ । ଗ୍ରାମାଞ୍ଚଳର ଶିଶୁଟିଏ ଶିକ୍ଷିତ ପରିବାର ଶିଶୁଠାରୁ ନିଶ୍ଚୟ ପୃଥକ ଓ ଭିନ୍ନ ଗୁଣର କେବଳ ପରିବେଶ ପାଇଁ । ଉପଯୁକ୍ତ ପରିବେଶ ଶିଶୁଟିକୁ ଉପଯୁକ୍ତ ମଣିଷ କରି ଗଢ଼ିତୋଳେ - ଏହା ନିରାଟ ସତ୍ୟ । ତେବେ ଶିଶୁ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବାକୁ ହେଲେ ଆବଶ୍ୟକ ଉପଯୁକ୍ତ ଶିକ୍ଷାର ପ୍ରସାର । ସହରାଞ୍ଚଳ ଶିଶୁମାନଙ୍କ ଠାରୁ ପ୍ରାରମ୍ଭ କରି ଗ୍ରାମାଞ୍ଚଳର ଶିଶୁମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ କିପରି ଉପଯୁକ୍ତ ଭାଷା, ଶିକ୍ଷା ଓ ଜ୍ଞାନ ପହଞ୍ଚପାରିବ ସେଥିପାଇଁ ସମାଜ ଓ ସରକାର ସଚେତନ ହେବା ଉଚିତ । ପ୍ରତ୍ୟେକ ପରିବାର ନିଜ ନିଜ ଶିଶୁଙ୍କର ଜ୍ଞାନ ବୃଦ୍ଧି, ଚାଲିଚଳଣୀ ଓ ସୁବ୍ୟବହାର ପ୍ରତି ନଜର ଦେବା ସହ ସେମାନଙ୍କର ଜ୍ଞାନର ବିକାଶ କିପରି ସମ୍ଭବ ହେବ, ସେଥିପାଇଁ ତତ୍ପରତା ପ୍ରକାଶ କରିବା ଆବଶ୍ୟକ। ପିଲାମାନଙ୍କର ସାମାଜିକ ବ୍ୟବହାର ଉପରେ ଧ୍ୟାନ ଦେଇ ତାର ମନ ଭିତରର ଲାଜକୁଳା ଗୁଣକୁ ପ୍ରଥମତଃ ଦୂରେଇବା ପାଇଁ ଚେଷ୍ଟା କରନ୍ତୁ। ସେହିପରି ପିଲାମାନଙ୍କୁ ଅନ୍ୟମାନଙ୍କ ସହ କଥାବାର୍ତ୍ତା ହେବା ମିଳାମିଶା କରିବା ସର୍ବୋପରି ନିଜର ସମସ୍ୟା ଜଣାଇବା ଏହିପରି ଗୁଣକୁ ଶିଖାନ୍ତୁ। ମନେରଖନ୍ତୁ ପିଲାମାନଙ୍କୁ କେବେ ସେମାନଙ୍କର ଭାଇଭଉଣୀ ହୁଅନ୍ତୁ ବା ପଡ଼ୋଶୀ କିମ୍ବାର ସେମାନଙ୍କର କ୍ଲାସମେଟ କସ୍ମିନ କାଳେ ତୁଳନା କରନ୍ତୁ ନାହିଁ। ଏପରିକି ନିଜ ପିଲାଦିନର କୌଣସି ଘଟଣା କହି ପିଲାମାନଙ୍କ ଭିତରେ ତୁଳନାର ଚିତ୍ର ଦିଅନ୍ତୁ ନାହିଁ। ଏହା ଅପେକ୍ଷା ତାକୁ ବେଶ ସ୍ୱାଭାବିକ ଓ ଖୋଲା ହୃଦୟର ଶିଖାନ୍ତୁ। ବନ୍ଧୁ ତିଆରି କରିବା, ନିଜ ସୁଖଦୁଃଖ ବାଣ୍ଟିବା, ସମସ୍ତଙ୍କ ସହିତ ମିଳିମିଶି ସଦଭାବର ସହ ବଞ୍ଚିବା ଏହି କଳା ହିଁ ପିଲାଟିକୁ ଶିକ୍ଷା ଦିଅନ୍ତୁ।

ପିଲାଟିର ବାପା-ମାଆ ସେମାନଙ୍କର ରୋଲ ମଡ଼େଲ ହୁଅନ୍ତୁ। ସବୁବେଳେ ପିଲାମାନଙ୍କ ସାମ୍ନାରେ ନିଜେ ବେଶ ଖୋଲା ଭାବେ ସମୟ ବିତାନ୍ତୁ। ପିଲାଟି ସାମାଜିକ ଭାବେ କାହା ସହିତ ନ ମିଶି ପାରୁଥିଲେ ତାକୁ ମନସ୍ତାତ୍ତ୍ୱିକ ଭାବେ ପ୍ରେରଣା ଦେଇ ତାର ସହପାଠୀ ବା ବନ୍ଧୁ ମାନଙ୍କ ସହ ମିଶିବାର ସୁଯୋଗ ସୃଷ୍ଟି କରନ୍ତୁ। ଅନେକ ବାପା-ମାଆ ନିଜେ ଚୁପ ଚାପ ସ୍ୱଭାବର ହୋଇଥିବାରୁ ପିଲାମାନେ ଜନ୍ମରୁ ପ୍ରାୟତଃ ସେହି ଗୁଣକୁ ଆଦରି ଥାଆନ୍ତି। ତେଣୁ ପିଲାମାନଙ୍କୁ ସମୟ ଦିଅନ୍ତୁ କେବଳ ମୋବାଇଲ, ପଇସା ବା ତାଙ୍କ ଆବଶ୍ୟକତା ଯୋଗାଇ ଦେଲେ ଆପଣ ପିଲାର କେବେ ହେଲେ ବନ୍ଧୁ ହୋଇପାରିବେ ନାହିଁ କାରଣ ଛୋଟ ପିଲାଟି ଭିତରେ ଅନେକ ପ୍ରଶ୍ନ, ଅନେକ ଘଟଣାର ଉତ୍ତର ସେ ଖୋଜିଥାଏ। ଏପରି କ୍ଷେତ୍ରରେ ସେ ଜଣେ ନିଶ୍ଚିନ୍ତ ଓ ସତ ପରାମର୍ଶ ପାଉଥିବା ବନ୍ଧୁଟି ଆବଶ୍ୟକ କରିଥାଏ ଯେଉଁ କାର୍ଯ୍ୟଟି ବା ତାର ପ୍ରଥମ ବନ୍ଧୁ ଭାବେ ତା ମାଆ ବାପା ରହିବେ। ଆଉ ଗୋଟିଏ ବଡ଼ କଥା ମନେରଖନ୍ତୁ, ଅନେକ ସମୟରେ ଶିଶୁ ଅବାଧ ହେଲେ ଆମେ ତାକୁ ବିଭିନ୍ନ ଭୟ ଦେଖାଇଥାଉ, ଏହାଫଳରେ ତା’ଉପରେ ମାନସିକ ଚାପ ପଡ଼ିଥାଏ । ଫଳରେ ଅନେକ ସମୟରେ ଶିଶୁ କୌଣସି କାର୍ଯ୍ୟ କରିବା ପୂର୍ବରୁ ନିଜର ସାହାସ ହରାଇ ବସେ । ସେହିପରି ପିଲା ଭୁଲ୍ କରି ବସିଲେ ଆମେ ତାକୁ ମାଡ଼ ଦେଉ ଓ ଆଉ ଭୁଲ୍ ନକରିବା ପାଇଁ ନିର୍ଦ୍ଦେଶ ଦେଉ । ତାଦ୍ୱାରା ପିଲା ଭୁଲ୍ କରେନି ସତ କିନ୍ତୁ ସେ ଆଉ ଠିକ୍ କରିବା ପାଇଁ ମଧ ଅଗ୍ରସର ହୁଏନାହିଁ ମନରେ ରହିଯାଏ ଭୟ ଆଶଙ୍କା । ଏପରି ନକରି ପିଲାକୁ ନିର୍ଦ୍ଦିଷ୍ଟ ବିଷୟ ଉପରେ ତନ୍ନ ତନ୍ନ କରି ବାରମ୍ବାର ବୁଝାଇବା ଦରକାର । ଶିଶୁର ମନ ଚଳଚଞ୍ଚଳ ସେ ଯାହା କରି ବସେ ତାହା ଭୁଲ କି ଠିକ୍ ସେ ଚିନ୍ତା କରିନଥାଏ । ଅନୁକରଣ ପ୍ରିୟ ହୋଇଥିବାରୁ ଯାହା ସମାଜରୁ ଗ୍ରହଣ କରେ ତାହା ନିଜପାରୁ ପର୍ଯ୍ୟନ୍ତ ସେ କରିବାକୁ ସକ୍ଷମ ହୋଇଥାଏ । ପରିବେଶର ପ୍ରଭାବ ତା ଉପରେ ଚାପ ସ୍ୱରୂପ ଲଦି ହୋଇପଡ଼େ । ଆପଣ କେବେ ଭୁଲିଯାଆନ୍ତୁ ନାହିଁ ପିଲାଟି ହେଉଛି ଆପଣଙ୍କର ପ୍ରତୀକ। ଆପଣଙ୍କର ଶାରୀରିକ ଓ ମାନସିକ ପ୍ରତିଫଳନର ସେ ଚିତ୍ର। ତେଣୁ ପିଲାଟି ଦିନରୁ ହିଁ ତାକୁ ସତ୍ ଶିକ୍ଷା ଓ ସତ୍ ପରାମର୍ଶ ଦେବା ସହ ଉତ୍ତମ ଜୀବନ ଗଢ଼ିବା ନିଜ ପଡ଼ୋଶୀ, ସମାଜ ଓ ରାଷ୍ଟ୍ର ପାଇଁ ନିଜ ଉତ୍ତମ ସେବା ମନୋଭାବ ସୃଷ୍ଟି କରାଇବାର ପ୍ରାଥମିକ ଦାୟିତ୍ୱ ବାପା ମାଆଙ୍କର। ବାପାମାଆ ମାନେ ନିଜେ ଆଗେ ସଦଗୁଣର ଅନୁଶୀଳ କରି ପିଲାମାନଙ୍କୁ ସେହି ରାସ୍ତାରେ ଆଗେଇ ନେଲେ ପିଲାମାନେ ଉତ୍ତମ ବନ୍ଧୁ ପାଇପାରିବେ ଆଉ ଉତ୍ତମ ଜୀବନ ସେମାନଙ୍କ ଜୀବନ ଅଭିବୃଦ୍ଧି ବିକାଶର ଆଲୋକବର୍ତ୍ତିକା ସାଜିବ।


ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,
ଦୂରଭାଷ : ୯୪୩୭୧୨୪୦୭୪


## ଜ୍ୟେଷ୍ଠ ପୁତ୍ର ଓ ପୃଥିବୀ ମାଆ


॥ ଅଜୟ କୁମାର ବେହେରା ॥


ବସୁମତୀ, ଅନେକ ମାଆଙ୍କ ଭିତରୁ ଜଣେ ଦେବୀ ମାଆ। ପୃଥିବୀ ମାଆ ହିଁ ବସୁମତୀ ମାଆ। ତାଙ୍କର ପ୍ରଥମ ସନ୍ତାନ ହେଉଛି ସାଗର। ଯେ ମହାଦାମ୍ଭିମ ଓ ଗର୍ବୀ। ପୁଣି ତାଙ୍କ ଠାରୁ କେହି କ୍ଷେତ୍ରବଳୀ ନାହାଁନ୍ତି। କ୍ଷେତ୍ରର ଅଧିଶ୍ୱରମାନେ ଜମିଦାର ଏଥିରେ ସବୁଠାରୁ ବଡ଼ ଜମିଦାରୀରେ ସାଗର, ସପ୍ତସମୁଦ୍ରଙ୍କର ନାମ ରହିଛି। ରସାତଳ କୁହନ୍ତୁ ପାତାଳ କୁହନ୍ତୁ ଆଉ ପୃଥିବୀର ସର୍ବତ୍ର ନିଶ୍ଚେ ଭୂମି ଅଛି। ପାତାଳ ମାନେ ନିମ୍ନ ସ୍ଥାନ ପାଦତଳ, ରସାତଳ ମାନେ ରସର ତଳ ଏଠାରେ ଜଳକୁ ଆଧାର କରିଥିବା ମାଟି। ସମୁଦ୍ର ପତନ କହିଲେ ସମୁଦ୍ରର ଜଳ ଶୂନ୍ୟସ୍ତାନରୁ ଉପରରୁ ଉପରୁ ଉଠିଥିବା ସ୍ଥାନ।

ଏହି ସମୁଦ୍ର ସାଗର ମହାରୁ ଉପ ପର୍ଯ୍ୟନ୍ତତ ଅନେକ ନାମକରଣ ହେଲେ ମୋଟ ଧରିଲେ ସାଗର। ଏଇ ସାଗର ପୃଥି ମାତାଙ୍କର ପ୍ରଥମ ସନ୍ତାନ। ପୃଥିମାତାଙ୍କର ବ୍ୟାପକ ଭୂ ସମ୍ପତ୍ତି ଗର୍ଭରେ ଅନେକ ମୂଲ୍ୟବାନ ଖଣିଜ ପଦାର୍ଥ, ଗ୍ୟାସ ରହିଛି। ସବୁ ମାଆଙ୍କ ପରି ପୃଥି ମାଆ ତାଙ୍କ ପିଲାଙ୍କ ପାଇଁ ମାଟିତଳେ ପିଲାଙ୍କ ଭବିଷ୍ୟତ ପାଇଁ ଦ୍ରବ୍ୟ ରଖିଛନ୍ତି। ହେଲେ ଏସବୁ ଗୋପନ ଧନୁକୁ ଜୁଲମ କରି ଭୟଦେଖାଇ ଛଡ଼ାଇ ନେଇଛନ୍ତି ସାଗର। କୁହାଯାଏ ତିନିଭାଗ ଜଳ ଏକ ଭାଗ ମାଟି ପୃଥିବୀରେ ରହିଛି। ମାଆ ବସୁମତୀ ସନ୍ତାପରେ ସମୟ କାଟୁଛନ୍ତି। ସାଗରରେ ତୋର ପର ଭାଇଭଉଣୀଙ୍କ ପାଇଁ ମୁଁ କଣ ସମ୍ପତ୍ତି ଦେବୀ ତୁ ଏତେ ନେ ନା। ହେଲେ ସାଗରଙ୍କର ଜିଦ ଦାବୀରେ ଆହୁରି ନେବେ, ସମୁଦ୍ରଙ୍କୁ ଅର୍ଥ ତୃଷ୍ଣା ଛାଡୁନାହିଁ।

ମାଆଙ୍କର ମନ କଥାରୁ ଅନୁମାନ କରି ସାଗର କହୁଛନ୍ତି ମାଆ ମୁଁ ଅମର ହେଲେ ପରେ ପରେ ଯେ ଜନ୍ମ ସେମାନେ ମର। ସେମାନେ କଣ ପରମାୟୁ ମୋରି ପରି ପାଇଛନ୍ତି କି? କି ପାଇବେ କି? ସେମାନେ ବଂଶ ବୃଦ୍ଧି କଲେ ବି ସେ ବଂଶ ବି ସମୟୋନୁସାରେ କ୍ଷୟ ହେବ ହେଲେ ମୁଁ ଅକ୍ଷୟ। ମୁଁ ତୋ ଥିବା ଯାଏ ତୋର ସେବା କରିବି ସେମାନେ ଏପରି ଭରଷାଶୀଳ ନୁହଁ। ସନ୍ତାନ ମାୟା ସବୁ ସ୍ତ୍ରୀଲୋକଙ୍କର ଅଛି। ଏଥିରୁ ଆଦି ମାତାଙ୍କର କେମିତି ନରହିବ? ଦେବୀ ମାଆ ଜ୍ୟେଷ୍ଠପୁତ୍ର ଦ୍ୱାରା ସଦା ଚାପରେ ତପରେ ସାଗର ସର୍ବଦା ତଟରେ ଭୟଙ୍କର ଭାବରେ ପିଟି ହୋଇ ମାଟିକୁ ତା ଆଡ଼କୁ ଭିଡ଼ି ନେଉଛି। ଦେବୀ ମାଆଙ୍କର କ୍ରନ୍ଦନ ନିତ୍ୟ ଠାକୁରେ ଶୁଣ ଶୁଣ ଏହାର ପ୍ରତିକାର କର। ଭଗବାନ ଶୁଣିଲେ ସାଗର ତ୍ରାସ ଜନ୍ମ ନେଲେ। ତାଙ୍କ ନାମ ଅଗସ୍ତ୍ୟ। ଲୋକେ ତାଙ୍କୁ ଅଗସ୍ତୀ କହୁଛନ୍ତି। ଦିବ୍ୟ ବ୍ରାହ୍ମଣ ମହାତେଜସ୍ୱୀ ସ୍ଥିରଚେତ ଦୃଢ଼ ଧୈର୍ଯ୍ୟର ସେ ଜୀବନ୍ତ ରୂପ। ସେ ଏପରି ସାଧନ ବ୍ରତୀ ହେଲେ ସମୁଦ୍ର ଜଳକୁ ମନ୍ତ୍ରପୁତ କରି ଗୁଣ୍ଡୁଷେ ଜଳରେ ନିଶେଷ କରିଦେଲେ।

ଏବେ ସାଗର ଜାଣିଲେ ନରଙ୍କ ମଧ୍ୟରେ ବି ଏମିତି ବ୍ୟକ୍ତି ଆସିଲେ ଯେ ଅମାପ ଜଳକୁ ନିଶେଷ କରିଦେଲେ। ଏଇ ସାଗର ପ୍ରତ୍ୟକ୍ଷରେ ନହେଲେ ବି ପରୋକ୍ଷରେ ବର୍ଷାର କାରଣ ସାଗରରେ ଜଳ ନରହିଲେ ଜୀବଜଗତ ବୃକ୍ଷଲତା କେହି ବଞ୍ଚି ପାରିବେ ନାହିଁ। ଏପାଇଁ ଅଗସ୍ତୀ ଦେବ ଋଷ ଅନୁରୋଧରେ ସାଗରଙ୍କୁ ମୁଖରୁ ପୁଣି କାଢ଼ିଦେଲେ। ଏ ସାଗର ଜଳ ବ୍ରାହ୍ମଣ ଅଇଣ୍ଠା ଏ ତୀର୍ଥଜଳରେ ଆସେ ମାତ୍ର ଗଙ୍ଗା ଯମୁନା ଗୋମତୀ ନର୍ମଦା ଜଳ ପରି ପବିତ୍ର ନୁହଁନ୍ତି। ପୃଥିମାତାଙ୍କ ଆଶ୍ୱାସନା ମିଳିଲା ଯେ ସାଗରକୁ ତ୍ରାସ ଏମିତି ବି ତାଙ୍କର ପିଲା ଜଣେ ଜନ୍ମ ନେଇଛି। ସାଗରଙ୍କ ଡର ହେଲା ସେ ତାଙ୍କର ସ୍ଥିତି ପରିସୀମା ବୁଝିଗଲେ। ସେ ବି ବଡ଼ଭାଇ ନାମ ମଣିଷଙ୍କ ପାଇଁ କରିଚାଲିଛନ୍ତି। ସାଗର ନଥିଲେ ଅନେକ ଅସୁବିଧା ସଂସାରରେ ହୁଅନ୍ତା। ମାଆ ଖୁସି ତାଙ୍କର ପୁଅମାନେ ଏମିତି ହେବେ ଏକଥା ସେ ସଦା ସେ ବ ଚାଲିଲେ। ସାଗରରେ ତରୀ ଗଲାଣି, ପୋତ, ଜାହାଜ କେତେ କଣ? ସାଗର ବଡ଼ଭାଇ କମାରେ ବି ଅଛନ୍ତି।


ବରେଣ୍ୟ ବାଣୀ’ ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ମଧ୍ୟାହ୍ନ ଭୋଜନ ଟଙ୍କାକୁ ଗିଳିଦେଲେ ପ୍ରଧାନଶିକ୍ଷୟିତ୍ରୀ ଓ ଶିକ୍ଷୟିତ୍ରୀ

କନ୍ତିପଦା, (ମହାଭାରତ): କନ୍ତିପଦା -ବିଦ୍ୟାଳୟ ରେ ଚାଲିଛି ମଧ୍ୟାହ୍ନ ଭୋଜନ ହେରଫେର। ଧରା ପଡ଼ିଯିବା ପରେ ଚିହିଁକି ଉଠିଲେ ପ୍ରଧାନଶିକ୍ଷୟିତ୍ରୀ ଏବଂ ଅନ୍ୟ ଶିକ୍ଷୟିତ୍ରୀ। ଏଭଳି ଘଟଣା ଦେଖିବାକୁ ମିଳିଛି କନ୍ତିପଦା ବ୍ଲକ ପୋଡାପିହା ସରକାରୀ ପ୍ରାଥମିକ ବିଦ୍ୟାଳୟରେ। ବିଦ୍ୟାଳୟରେ ପ୍ରଥମ ରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ଆଜି ୬୮ ଜଣ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଉଥିବା ସରକାରୀ ରେକର୍ଡରେ ଦାୟର କରାଯାଇଛି। ହେଲେ ବାସ୍ତବତା ଓଲଟା। ବିଦ୍ୟାଳୟରେ ଆଜି ୫୭ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିବା ବେଳେ ୧୦ ଗୋଟି ଅଧିକ ମିଲ ସରକାରୀ ରେକର୍ଡ ରେ ପକାଯାଇଛି। ଏ ବାବଦରେ ପ୍ରଧାନଶିକ୍ଷୟିତ୍ରୀ ଅନୁପମା ମହାପାତ୍ରଙ୍କୁ ପଚାରିବାରୁ ସେ ଚିହିଁକି ଉଠିଥିଲେ ଆଉ ଗଣମାଧ୍ୟମ କାହିଁକି ବିଦ୍ୟାଳୟ କୁ ଆସିଲେ ବୋଲି ଓଲଟା ପ୍ରଶ୍ନ କରିବା ସହିତ ଯୁକ୍ତି କରିଥିଲେ। ଏହା ସହିତ ୧୦ ମିଲ ଅଧିକ ପଡ଼ିଥିବା ଏବଂ ସମସ୍ତ ସ୍କୁଲରେ ଅଧିକ ମିଲ ପଡୁଥିବା କହିଥିଲେ।

## ସୀମାନ୍ତରେ ମାଓବାଦୀଙ୍କ ଆଇଡି ବିସ୍ଫୋରଣ ରେ ଦୁଇ ଜବାନ ଆହତ

ମାଲକାନଗିରି, (ମହାଭାରତ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ଦନ୍ତେୱାଡା ଜିଲ୍ଲାରେ ପୁଣି ମାଓ ହିଂସା ଦେଖିବାକୁ ମିଳିଛି। ସାତେଧାର-ମାଲେବାହି ରାସ୍ତାରେ ଆଇଡି ବୋମା ବିସ୍ଫୋରଣ କରି ସୁରକ୍ଷା ବାହିନୀକୁ ଟାର୍ଗେଟ କରିଛନ୍ତି ମାଓବାଦି। ବିସ୍ଫୋରଣରେ ଦୁଇ ଜଣ ସିଆରପିଏଫ ଯବାନ ଗୁରୁତର ଭାବେ ଆହତ ହୋଇଛନ୍ତି । ଜଣଙ୍କର ବାମ ପାଦ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଉଭୟ ଆହତ ଜବାନଙ୍କୁ ତୁରନ୍ତ ଜିଲ୍ଲା ହସ୍ପିଟାଲ ଦାନ୍ତେୱାଡାକୁ ପଠାଯାଇଛି । ଯେଉଁଠାରେ ସେମାନଙ୍କର ଚିକିତ୍ସା ଜାରି ରହିଛି । ଦାନ୍ତେୱାଡାର ଅତିରିକ୍ତ ପୋଲିସ ଅଧୀକ୍ଷକ ଆର.କେ. ବର୍ମନ ଏହି ଘଟଣା ସଂପର୍କରେ ସୁଚନା ଦେଇଛନ୍ତି। ଘଟଣା ପରେ ସୁରକ୍ଷା ବାହିନୀ ପକ୍ଷରୁ ସର୍ଚ୍ଚ ଅପରେସନକୁ ଜୋରଦାର ଆରମ୍ଭ ହୋଇଛି ।

## ଦକ୍ଷତା ବୃଦ୍ଧି ତାଲିମ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଯାପିତ

ମାଲକାନଗିରି, : ସରକାରଙ୍କ ଉଦ୍ୟମ ରେ ସ୍ଥାନୀୟ ତିନୋଟି ବ୍ଲକ୍ ଯଥା



କାଲିମେଲା, କୋରୁକୋଣ୍ଡା ଏ୍ୱଂ ମାଥିଲି ବ୍ଲକ୍ ଆଦି ବିଭିନ୍ନ ପଞ୍ଚାୟତ ର ମହିଳା ସରପଞ୍ଚ ଏ୍ୱଂ ନାଇବ ସରପଞ୍ଚ ଙ୍କୁ ନେଇ ଏକ ଦକ୍ଷତା ବୃଦ୍ଧି ନେତୃତ୍ୱ ର ଗଠନ ତାଲିମ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି, ଗ୍ରାମ ପଞ୍ଚାୟତ ର ବିକାଶ ଉଦ୍ଦେଶ୍ୟରେ ମହିଳା ଲୋକ ପ୍ରତିନିଧି ଙ୍କୁ ନେଇ ମାଲକାନଗିରି ଜିଲ୍ଲା ପ୍ରଶାସନ ତରଫରୁ ଏକ ଦୀର୍ଘ ତିନି ଦିନିଆ ତାଲିମ୍ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିର ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର ଠାରେ ଜିଲ୍ଲା ପରିଷଦ ତତ୍ତ୍ୱାବଧାନରେ ଚଳିତ ମାସ ୯ ତାରିଖରୁ ଆରମ୍ଭ ହୋଇ ଏହା ଉଦଯାପିତ ହୋଇଥିଲା। ପ୍ରଶିକ୍ଷଣ ର ଉଦଯାପନୀ କାର୍ଯକ୍ରମ ରେ ମୂଖ୍ୟ ଅତିଥି ସିଡିଓ ନରେଶ ଚନ୍ଦ୍ର ଶବର ଙ୍କ ସମେତ ସମ୍ମାନୀତ ଅତିଥି ଭାବରେ ଏପିଡ଼ି ରାମଚନ୍ଦ୍ର ଖଡ଼ିଆ, ଏପିଡ଼ି ମାନସ ମିଶ୍ର, ଅନ୍ୟତମ ଅତିଥି ଭାବରେ ଡିପିଏମ ଅଶୋକ ସାହୁ ଉପସ୍ଥିତ ରହି ସମସ୍ତ ଙ୍କୁ କାର୍ଯ୍ୟକ୍ରମ ର ଜରୁରୀ ଦିଗ ପ୍ରତୀ ଧ୍ୟାନ ଆକର୍ଷଣ କରିଥିଲେ, ଏଥିରେ ପୋର୍ଗ୍ରାମ୍ ମ୍ୟାନେଜର ହିମାଂଶୁ ଭୁଷଣ ମହାରଣା ଶିବିର ର ଉଦ୍ଦେଶ୍ୟ ଓ କାର୍ଯ୍ୟସୂଚୀ ବିଷୟରେ ବିସ୍ତୃତ ଭାବେ ଉପସ୍ଥିତ ପ୍ରଶିକ୍ଷାର୍ଥି ଙ୍କୁ ଅବଗତ କରାଇଥିଲେ। ଏହି ତାଲିମ୍ ଶିବିରରେ ଆସିଥିବା ସମସ୍ତ ମହିଳା ସରପଞ୍ଚ ଏ୍ୱଂ ନାଇବ ସରପଞ୍ଚ ଙ୍କ ନେତୃତ୍ୱ ମାଧ୍ୟମରେ ଗ୍ରାମ ପଞ୍ଚାୟତ ର ବିକାଶ ସମ୍ଭବ ଏହି ଉଦ୍ଦେଶ୍ୟରେ ବିଶେଷ ତାଲିମ୍ ଦିଆଯାଇଥିଲା। ଏହି ଶିବିରରେ ତାଲିମ୍ ଦାତା ଭାବରେ ସମସ୍ତ ମହିଳା ତାଲିମ୍ ଦାତା ଙ୍କ ମଧ୍ୟରେ ଏନ ସ୍ୱାତୀ , ସଞ୍ଜନା ମହାରଣା, ଭଗବତୀ ମଣ୍ଡଳ, ସୁନୀତା ସାମଲ, ତପସ୍ୱିନୀ ଜେନା ଆଦି ପ୍ରେରଣାଦାୟୀ ଏବଂ ତଥ୍ୟ ମୂଳକ ତାଲିମ୍ ଦେଇଥିଲେ। ତାଲିମ୍ ଶିବିର ପରେ ଏହି ପ୍ରଶିକ୍ଷଣ ପାଇଥିବା ସମସ୍ତ ମହିଳା ସରପଞ୍ଚ ଏ୍ୱଂ ନାଇବ ସରପଞ୍ଚ ମାନେ ନିଜ ଅଞ୍ଚଳ ରେ ଜନସାଧାରଣଙ୍କୁ ସଚେତନ କରି ନିଜ ଜ୍ଞାନ ଓ ଅନୁଭବ କୁ ବ୍ୟବହାର କରି ଗ୍ରାମ ପଞ୍ଚାୟତ ର ବିକାଶର ଦାୟିତ୍ୱ ନେବେ। ଏହି କାର୍ଯ୍ୟକ୍ରମ କୁ ସଫଳ ଓ ସୁ ସଂଘଟିତ ଭାବେ ପରିଚାଳନା କରିବାରେ ବିନାଶ କୁମାର ମିଶ୍ର ଙ୍କ ନେତୃତ୍ୱ ରେ ଏନ. ଅହଲ୍ୟା, ବିଶ୍ୱନାଥ ମଣ୍ଡଳ, ରାଜକୁମାର ଦୁରୁଆ, ନିପିନ୍ଦ୍ର ଦୂରୁଆ ଓ ଜିଲ୍ଲା ପରିଷଦ ଏ୍ୱଂ ପଞ୍ଚାୟତ ସାଧନ କେନ୍ଦ୍ର ର ସମସ୍ତ ସଦସ୍ୟ ମାନେ ସହଯୋଗ ଦେଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ।

## ଭାଇବୋହୁଙ୍କୁ ଦୁଃବ୍ୟବହାର ଓ ଆକ୍ରମଣ ଉଦ୍ୟମ

ଅସ୍ତରଙ୍ଗ, (ମହାଭାରତ) : ଦିନକୁ ଦିନ ନାରୀ ମାନଙ୍କ ପ୍ରତି ବିପଦ ବୃଦ୍ଧି ପାଇବାକୁ ଲାଗୁଛି, ସାମାଜିକ ହେଉ ଅବା ପାରିବାରିକ ପ୍ରତ୍ୟେକ ଦିନ ନାରୀ ମାନଙ୍କ ଅସୁରକ୍ଷିତତା କୁ ନେଇ ଅନେକ ପ୍ରସଙ୍ଗ ସାମ୍ନା କୁ ଆସୁଛି, ଆଜି ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପଟି ପଞ୍ଚାୟତ ନମାରୋ ଗ୍ରାମ ରୁ ଆସିଛି ଏହିଭଳି ଏକ ଅସୁରକ୍ଷିତ ମହିଳାଙ୍କ ଅଭିଯୋଗ, ଅଭିଯୋଗ ମୁତାବକ ଏହି ଗ୍ରାମ ର ପ୍ରକାଶ ବିଶ୍ୱାଳଙ୍କ ଧର୍ମପତ୍ନୀ ପୂଜା ଜେନା (୨୩) ନିଜର ୪ ବର୍ଷୀୟା ଝିଅ ଙ୍କୁ ନେଇ ରୁହନ୍ତି, ଶାଶୁ ଶଶୁର ଓ ବଡ଼ ଦେଢ଼ଶୁର ତାଙ୍କ ପରିବାର ଏଠି ନରହି ତାଙ୍କ ପୁରୁଣା ବାସସ୍ଥାନ କେଉଟଜଙ୍ଗା ରେ ରୁହନ୍ତି, ପ୍ରକାଶ ବାହାରେ ଏକ ସଂସ୍ଥା ରେ କାମ କରନ୍ତି ବର୍ଷକୁ ଖୁବ କମ ସମୟ ଗ୍ରାମ କୁ ଆସନ୍ତି, ମଝିଆ ଭାଇ ପ୍ରସନ ବିଶ୍ୱାଳ ଓ ତାଙ୍କ ପରିବାର ନମାର ରେ ରୁହନ୍ତି, ମାତ୍ର ପୂଜା ଙ୍କ ମଝିଆ ଦେଢଶୁର ଅନେକ ସମୟ ରେ ନିଶାଶକ୍ତ ହୋଇ ସାନ ଭାଇବୋହୁ ପୂଜାଙ୍କୁ ଅଶ୍ଳୀଳ ଭାଷା ରେ ଗାଳିଗୁଲଜ କରିବା ସହ ଧମକ ଚମକ ମଧ୍ୟ ଦିଅନ୍ତି, ଗୁରୁବାର ଦିବା ୩ ଘଟିକା ରେ ଅଭିଯୋଗକାରିଣୀ ଖାଇ ସାରି ନଳକୂପ ମୂଳ ରେ ବାସନ ମାଜୁଥିବା ସମୟ ରେ ମଝିଆ ଦେଢ଼ଶୁର ପୂଜା ଙ୍କୁ ଅଶ୍ଳୀଳ ଭାଷା ରେ ଗାଳିଗୁଲଜ କରିବା ସହ କଟୁରୀ ଧରି ଆକ୍ରମଣ କରିବାକୁ ଚେଷ୍ଟା କରିଥିବା ବେଳେ ପୂଜା ନିଜ ଝିଅ କୁ ନେଇ ଗୋଟେ ଘର ଭିତରେ ପଶି ଭିତରୁ କବାଟ ଦେଇ ନିଜକୁ ସୁରକ୍ଷା କରିଥିଲେ, କୌଣସି ପ୍ରକାର ପୂଜା ସେଠୁ ଖସି ଆସି ନିଜ ବାପା ଘର ଲୋକ ଙ୍କୁ ଜଣାଇ ଅସ୍ତରଙ୍ଗ ଥାନା ରେ ଏକ ଲିଖିତ ଅଭିଯୋଗ କରିଛନ୍ତି ।

## ଆସନ୍ତା ୨୨ ରୁ ୩୦ ତାରିଖ ପର୍ଯ୍ୟନ୍ତ ମା ବୈଷ୍ଣୋଦେବୀଙ୍କ ମହାଯଜ୍ଞ

ନୟାଗଡ଼, (ମହାଭାରତ) : ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଜାମୁକୋଣ ଠାରେ ଅଧିଷ୍ଠିତ ମା' ବୈଷ୍ଣୋଦେବୀ ପୀଠରେ ନବରାତ୍ର ମହାଯଜ୍ଞ ଅନୁଷ୍ଠିତ ହେବ। ଏଥିପାଇଁ ଆଜି ଶ୍ରୀ ମାତା ବୈଷ୍ଣୋଦେବୀ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏନେଇ ସୂଚନା ଦିଆଯାଇଛି। ଟ୍ରଷ୍ଟି ଅଜାତି ରାଉତ ଏନେଇ ସୂଚନା ପ୍ରଦାନ କରିବା ସହ ଭକ୍ତମାନେ ଦର୍ଶନ ନିମନ୍ତେ ଆସିବା ପାଇଁ ଆହ୍ୱାନ କରିଛନ୍ତି। ଆସନ୍ତା ୨୨ ତାରିଖ ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ମା ବୈଷ୍ଣୋଦେବୀଙ୍କ ପାଖରେ ମହାଯଜ୍ଞ ଅନୁଷ୍ଠିତ ହେବ। ଏହା ସହିତ ୨୮ ତାରିଖରୁ ୨ ତାରିଖ ପର୍ଯ୍ୟନ୍ତ ଅପରାହ୍ନରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଦାଣ୍ଡିଆ ନୃତ୍ୟ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ଏହି ସମ୍ମିଳନୀକୁ ସାମ୍ବାଦିକ ରାମକୃଷ୍ଣ ରଥ ସଂଯୋଜନା କରିଥିଲେ। ବଳଭଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଲାଞ୍ଜିଗଡ ଦୁର୍ଗମ ଅଞ୍ଚଳର ଲୋକେ ଅନ୍ଧ ବିଶ୍ୱାସର ବଶବର୍ତ୍ତୀ

ଲାଞ୍ଜିଗଡ, (ମହାଭାରତ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ସଚେତନତା ଅଭାବ ଯୋଗୁଁ ଆଦିବାସୀଙ୍କ ସରଳତା ଦେଖି ଅନେକ ବ୍ୟବସାୟୀ ନିଜ ବ୍ୟବସାୟ ବଢ଼େଇବା ପାଇଁ ଲୋକଙ୍କ ଅନ୍ଧ ବିଶ୍ୱାସରେ ବଶବର୍ତ୍ତୀ କରୁଛନ୍ତି। ନିଜ ବ୍ୟବସାୟ ମାନ୍ଧାଅବସ୍ଥା ଦେଖି ସରଳ ନିରୀହ ଆଦିବାସୀଙ୍କୁ ମହୋରା ସଜେଇ କହୁଛନ୍ତି ନିଜ ଭାଇଙ୍କୁ ଗାମୁଛା ଦିଅ ନଚେତ ଗାମୁଛା ନ'ଦେଲେ ବିପଦ ପଡ଼ିବ ବୋଲି ଅପପ୍ରଚାର କରୁଥିବା ବେଳେ ଲୋକେ ଅନ୍ଧ



ବିଶ୍ୱାସରେ ବଶବର୍ତ୍ତୀ ହୋଇ ଅନ୍ଧ ବିଶ୍ୱାସକୁ ସହଜରେ ଗ୍ରହଣ କରୁଛନ୍ତି । କଥାଟା ସେତିକି ନୁହେଁ ନିଜ ଭାଇ ସମେତ ଗାଁରେ ଯେତେବି ସମ୍ପର୍କୀୟ ଭାଇ ଅଛନ୍ତି ସେମାନଙ୍କ ପାଇଁ ମଧ ଗାମୁଛା ଦେବାକୁ ପଡୁଛି । ଏହା ସହ ଭାଇ ଘରକୁ ଭଉଣୀ ଆସିଲେ ଭଉଣୀଙ୍କୁ ଖଣ୍ଡେ ଶାଢ଼ୀ ଦେବା ସହ ତାଙ୍କୁ ସନ୍ମାନତାର ସହିତ ଅତିଥି ସତ୍କାର କରିବାକୁ ପଡୁଥିବା ବେଳେ ଭାଇକୁ ମଧ ଅନେକ ଖର୍ଚ୍ଚ କରିବାକୁ ପଡୁଛି। ଏପରି ଭାବେ ଏହି ଅନ୍ଧବିଶ୍ୱାସରେ ବସବର୍ତ୍ତୀ ହୋଇ ଉପାନ୍ତ ଅଞ୍ଚଳର ଅନେକ ଆଦିବାସୀ ଲୋକେ ବିଭିନ୍ନ ଖର୍ଚ୍ଚାନ୍ତରେ ପଡୁଥିବା ବେଳେ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। ଅନେକ ଲୋକ ଖର୍ଚ୍ଚାନ୍ତରେ ପଡୁଥିବା ବେଳେ ଜଣେ ମହିଳାଙ୍କ ଜୀବନ ମଧ ଯାଇଥିବା ଚିତ୍ର ସାମ୍ନାକୁ ଆସିଛି। ସୂଚନାଅନୁସାରେ ଲାଞ୍ଜିଗଡ ବ୍ଲକ ଲାଖବାହାଲି ପଞ୍ଚାୟତ ଅନ୍ତର୍ଗତ କନ୍ଧସାର୍ଲି ଗାଁର ସୀତା ମାଝୀଙ୍କ ସ୍ତ୍ରୀ ସମ୍ବରୀ ମାଝୀ ଗତ ୩୧ ତାରିଖ ଦିନ ଦୁଇ ସ୍ୱାମୀ ସ୍ତ୍ରୀ ମିସି ଭାଇ ଘର କମଲେଇ ଗାଁକୁ ଯାଇ ଗାମୁଛା ଦେଇଥିଲେ । ସେହିଠାରୁ ନିଜ ଭଣଜା ବାଇକ ଯୋଗେ ଦୁଇ ସ୍ୱାମୀ ସ୍ତ୍ରୀ ଙ୍କୁ କନ୍ଦସାର୍ଲି ଗାଁକୁ ଛାଡି ଆସୁଥିବା ବେଳେ କୁମାର ଗୁଡା ଛକ ନିକଟରେ ବାଇକ ଉପରୁ ଖସି ପଡ଼ିଥିଲେ । ଖସି ପଡିବା ଦ୍ୱାରା ମୁଣ୍ଡ ପଛପଟେ ଗଭୀର ଆଘାତ ହୋଇଥିବାରୁ ପ୍ରଥମେ ବେନଗାଁ ଡାକ୍ତର ଖାନାରେ ପ୍ରାଥମିକ ଚିକିତ୍ସା ପରେ ସାଙ୍ଘାତିକ ହେବାରୁ ଭବାନୀପାଟଣା ମୁଖ୍ୟ ଡାକ୍ତର ଖାନାକୁ ସ୍ଥାନାନ୍ତର କରିଥିଲେ କିନ୍ତୁ ସେଠାରେ ଅତ୍ୟଧିକ ଗୁରୁତର ହେବାରୁ ରାୟପୁର ଯୋଇଗ ରିମ୍ସ ହସ୍ପିଟାଲକୁ ନେଇଁ ଭର୍ତ୍ତି କରିଥିଲେ ହେଲେ ସେଠାରେ ଗତ ରାତିରେ ତାଙ୍କ ମୃତ୍ୟୁ ଘଟିଛି ଏ ଦ୍ଦେଶ ଗାଁ ମାନଙ୍କରେ ସଚେତନତା ଅଭାବ ଯୋଗୁଁ କୁସଂସ୍କାର ଅନ୍ଧ ବିଶ୍ୱାସ ରହିଥିବା ବେଳେ ଅନ୍ଧ ବିଶ୍ୱାସକୁ ନେଇଁ ପ୍ରଶାସନ ପକ୍ଷରୁ ସଚେତନତା କରାଯାଉ ବୋଲି ସାଧାରଣରେ ଦାବି ହେଉଛି ।

## ନବଜାତ ଶିଶୁ ପୁତ୍ର ଓ ସ୍ତ୍ରୀକୁ ଛାଡ଼ି ସ୍ୱାମୀ ଫେରାର

ଅନୁଗୋଳ (ମହାଭାରତ):ଏକ ସତର ଦିନର ଶିଶୁ ପୁତ୍ର କୁ ଧରି ଜଣେ ମହିଳା ଆଜି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଅଭିଯୋଗ କରି ଥିଲେ ଯେ, ତାଙ୍କୁ ତାଙ୍କ ସ୍ୱାମୀ ଛାଡ଼ି କେଉଁ ଆଡେ ଫେରାର ହୋଇ ଯାଇଛନ୍ତି । ତେବେ ଏନେଇ ସେ ପୂର୍ବରୁ ଅନୁଗୋଳ ଟାଉନ ଥାନା ଓ ପରେ ଜରପଡା ଥାନା ରେ ଅଭିଯୋଗ କରିଥିଲେ ମଧ୍ୟ କେହି ତାଙ୍କ କଥା ଶୁଣୁ ନଥିବା ମହିଳା ଜଣଙ୍କ ଦୁଃଖ ର ସହିତ ପ୍ରକାଶ କରିଛନ୍ତି । ସଂପୂର୍ଣ୍ଣ ଘଟଣାଟି ହେଉଛି ଅନୁଗୋଳ ଜିଲ୍ଲା ଜରପଡା ଥାନା ଅନ୍ତର୍ଗତ ଓଗି ଗ୍ରାମର ମୋନାଲିସା ପ୍ରଧାନ (୨୫) ତିନି ବର୍ଷ ତଳେ ସେହି ଅଞ୍ଚଳ ଜରପଡା ଥାନା ଅନ୍ତର୍ଗତ କୋରଡ଼ା ଗ୍ରାମ ର ଉମାକାନ୍ତ ସାହୁ ଙ୍କ ପୁଅ ସୂର୍ଯ୍ୟକାନ୍ତ ସାହୁ ଙ୍କୁ ମା ବୁଢ଼ୀ ଠାକୁରାଣୀ ମନ୍ଦିର ରେ ପ୍ରେମ ବିବାହ କରିଥିଲେ । ଉଭୟ ଏକ ଭଡ଼ା ଘର ନେଇ ଅନୁଗୋଳ ସହର ଗାନ୍ଧୀ ମାର୍ଗରେ ରହୁଥିଲେ । ପ୍ରଥମ ତିନି ଚାରି ମାସ ଉଭୟ ଙ୍କ ମଧ୍ୟରେ ସବୁ କିଛି ଠିକ୍ ଠାକ ଚାଲିଥିଲା । ପରେ ସୂର୍ଯ୍ୟକାନ୍ତ ମୋନାଲିସାଙ୍କୁ ଶାରୀରିକ, ମାନସିକ ଓ ଯୌତୁକ ଜନିତ ନିର୍ଯ୍ୟାତନା ଦେଇ ଆସୁଥିଲେ । ଯେହେତୁ ନିଜେ ଭୁଲ କରି ପ୍ରେମ ବିବାହ କରିଥିଲେ ତେଣୁ କିଛି କାହାକୁ କହୁ ନଥିଲେ , ସେ ଯେତେବେଳେ ଗର୍ଭବତୀ ଅବସ୍ଥାରେ ଥିଲେ ସେଇ ସମୟରେ ସୂର୍ଯ୍ୟକାନ୍ତ ଙ୍କ ପରିବାର ର ଲୋକ ମାନେ ଓ ତାଙ୍କର ଜଣେ ବନ୍ଧୁ ମୋନାଲିସା ଙ୍କୁ ଏକ ଲକ୍ଷ ଟଙ୍କା ଦେଇଥିଲେ ଓ ସୂର୍ଯ୍ୟକାନ୍ତଙ୍କ ଠାରୁ ଦୂରେଇ ଯିବାକୁ ବାଧ କରିଥିଲେ। ମୋନାଲିସା ଏହାକୁ ଗ୍ରହଣ ନକରି ମୁଁ ବିବାହ କରିଛି, ସେ ମୋ ସ୍ୱାମୀ ତାଙ୍କୁ ମୁଁ ଛାଡ଼ି ପାରି ରହିପାରିବି ନାହିଁ ବୋଲି କହିଥିଲେ । ଯାହା ଫଳରେ ଏହାର ଗୋଟିଏ ଦିନ ପରେ ସୂର୍ଯ୍ୟକାନ୍ତ କେଉଁ ଆଡେ ଉଭାନ ହୋଇ ଯାଇଥିଲେ । ନିଜ ସ୍ୱାମୀ ଙ୍କ ବିଷୟରେ ଜାଣିବା ପାଇଁ ମୋନାଲିସା ବାରମ୍ବାର ସୂର୍ଯ୍ୟକାନ୍ତ ଙ୍କ ପରିବାର କୁ ଫୋନ୍ ସହାୟତାରେ ଯୋଗାଯୋଗ କରିଥିଲେ ମଧ ସେମାନେ ତାଙ୍କ ବିଷୟରେ ସୂଚନା ଦେବା ପରିବର୍ତ୍ତେ ମୋନାଲିସା ଙ୍କୁ ଗାଳି ଗୁଲଜ କରିବା ସହିତ ଜୀବନରୁ ମାରି ଦେବାକୁ ଧମକ ଦେଉଛନ୍ତି ।

## କମ୍ ଖର୍ଚ୍ଚରେ ଯାତାୟାତର ସୁବିଧା : ବେଟାରୀ ବାଇକ୍ ଏବଂ କାର ଚାହିଦା ବୃଦ୍ଧି




ନୟାଗଡ଼, (ମହାଭାରତ) : ନୟାଗଡ଼ରେ ଜିଲ୍ଲାରେ ବେଟାରୀ ବାଇକ୍ ଏବଂ କାର ଚାହିଦା ବୃଦ୍ଧି ପାଇଛି। କମ୍ ଖର୍ଚ୍ଚରେ ଯାତାୟାତର ସୁବିଧା ମିଳୁଛି। ଏଥିପାଇଁ ବିଭିନ୍ନ ବେଟାରୀ ଗାଡି ସୋରୁମାରେ ପ୍ରତିଦିନ ଗ୍ରାହକଙ୍କ ଭିଡ଼ ଦେଖିବା ପାଇଁ ମିଳିଛି। ଏପରିକି ବେଟାରୀ ବାଇକ୍ କାର ନେବା ପାଇଁ ୧୫ ଦିନ ରୁ ଏକ ମାସ ଅପେକ୍ଷା କରିବା ପାଇଁ ପଡୁଛି। କିନ୍ତୁ ତଥାବି ଲୋକଙ୍କ ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ପେଟ୍ରୋଲ ଦର ବୃଦ୍ଧି ପାଇଁ ଲୋକଙ୍କୁ ବେଟାରୀ ଗାଡି ପ୍ରତି ଆଗ୍ରହ ବଢ଼ାଉଛି। ଗାଡି ଚାଳକଙ୍କ କହିବା କଥା ବେଟାରୀ ଗାଡି ପାଇଁ ବିଭିନ୍ନ ସ୍ଥାନରେ ଚାର୍ଜ ପଏଣ୍ଟ ସୁବିଧା କରାଗଲେ ଆଗକୁ ଆହୁରି ବେଟାରୀ ଗାଡି ପ୍ରତି ଲୋକଙ୍କ ଚାହିଦା ବୃଦ୍ଧି ପାଇବ। ସେପଟେ ସରକାର ଆର୍ଥିକ ସହାୟତା ଯୋଗାଇ ଦେଲେ ବେଟାରୀ ଚାର୍ଜ ପଏଣ୍ଟ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିବା କହିଛନ୍ତି ନୟାଗଡ଼ର ଯୁବପିଢୀ।

## ବିସ୍କୁଟ ଭର୍ତ୍ତି ଗାଡ଼ିକୁ ଧକ୍କାଦେଲା ଆଇଚର ଗାଡି

ଦଶପଲ୍ଲା, (ମହାଭାରତ): ୫୭ନମ୍ବର ଜାତୀୟ ରାଜପଥର ପୁରୁଣା ଦଶପଲ୍ଲା ଠାରେ ଖୋର୍ଦ୍ଧାରୁ ଦଶପଲ୍ଲା ଆସୁଥିବା ସମୟରେ ଏକ ବିସ୍କୁଟ ଭର୍ତ୍ତି ଗାଡ଼ି ଭୟଙ୍କର ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଅପର ପଟୁ ଅତ୍ୟଧିକ ବେଗରେ ଆସୁଥିବା ଆଇଚର ଗାଡ଼ି ଏହାକୁ ଜୋରଦାର ଧକ୍କା ଦେଇଥିଲା। ଧକ୍କାରେ ଉଭୟ ଗାଡ଼ିର ଚୂରମାର ହୋଇଥିବା ବେଳେ, ବିସ୍କୁଟ ବୋଝେଇ ଗାଡ଼ି ଓଲଟି ପଡିଥିଲା । ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ, ଆଇଚର ଗାଡ଼ିର ଚାଳକ ମଦ୍ୟପାନ କରିଥିଲେ। ଘଟଣା ସ୍ଥଳରେ ଏହି ଦୃଶ୍ୟ ଦେଖି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟଙ୍କର ଅସନ୍ତୋଷ ଓ କ୍ଷୋଭ ସୃଷ୍ଟି ହୋଇଥିଲା ।ଖବର ପାଇ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଚାଳକଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣିଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାକୁ ନେଇ ଅଧିକ ତଦନ୍ତ ଜାରିରଖିଛନ୍ତି।

## ଅହମଦାବାଦରେ ଜୈନ ଗୁରୁ ଦର୍ଶନ କଲେ ଏକା ସଙ୍ଗେ ଶତାଧିକ ଶ୍ରାବକ ଶ୍ରାବୀକା

ଟିଟିଲାଗଡ଼, (ମହାଭାରତ): ଓଡିଶା ଜୈନ ପ୍ରାନ୍ତୀୟ ସ୍ୱେତାମ୍ବର ତେରାପନ୍ଥ ସଭାର ସଭାପତି ଇଞ୍ଜିନିୟର ମନୋଜ ଜୈନଙ୍କ ନେତୃତ୍ୱରେ ଶତାଧିକ ଶ୍ରାବକ ଶ୍ରାବୀକାର ଏକ ଟିମ ଅହମଦାବାଦ ସହରରେ ବିରାଜିତ ତେରାପନ୍ଥ ଧର୍ମ ସଂଘର ମହାତପସ୍ୱୀ ଆଚାର୍ଯ୍ୟ ମହାଶ୍ରମଣଜୀଙ୍କ ଆର୍ଶିବାଦ ନେବା ସହ ଧର୍ମ ଆଲୋଚନା କରିଥିଲେ। ସେଠାରେ ଚାରି ଦିନ ଧରି ଜୈନ ଧର୍ମର ବିଭିନ୍ନ ସାଧୁ ସାଧବୀଙ୍କ ଆର୍ଶିବାଦ ନେବା ସହ ଅଞ୍ଚଳରେ ସୁଖ ଓ ଶାନ୍ତି ସବୁ ସମୟରେ ରହିବା ପାଇଁ ଆର୍ଶିବାଦ ଭିକ୍ଷା କରିଥିଲେ। ଗୁରୁ ଭଗବାନ ଆଚାର୍ଯ୍ୟ ମହାଶ୍ରମଣଜୀଙ୍କ କୃପାରୁ ଶ୍ରମଣୀ ନିର୍ମାଣ ପ୍ରଜ୍ଞାଜୀ ଓ ମଧ୍ୟସ୍ଥ ପ୍ରଜ୍ଞାଜୀଙ୍କୁ ଟିଟିଲାଗଡ ସହରରେ ଅବସ୍ଥାନ କରି ଚାରି ମାସ ପର୍ଯ୍ୟନ୍ତ ଆଖପାଖ ଅଞ୍ଚଳରେ ଧର୍ମ ଆରାଧନା କରିବା ପାଇଁ ପଠାଇ ଥିବାରୁ ଓଡିଶାର ସମସ୍ତ ଜୈନ ସମାଜ ପକ୍ଷରୁ ଗୁରୁ ଆଚାର୍ଯ୍ୟଙ୍କୁ ଅଶେଷ ଅଶେଷ କୃତଜ୍ଞତା ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂପାଦକ ସୁଦର୍ଶନ ଜୈନ, ସଂଗଠନ ମନ୍ତ୍ରୀ ସୁନିଲ କୁମାର ଜୈନ, ପୂର୍ବତନ ସଂପାଦକ ଅନୁପ ଜୈନ, ସଞ୍ଜୀବ ଜୈନ,ଧ୍ରୁବ କୁମାର ଜୈନ, ଶୈଳେଶ ଜୈନ, ରାମୋତାର ଜୈନ, ତୁଳସୀ ଦାସ ଜୈନ,ସୁରେଷ ଜୈନ, ଦେବଦାସ ଗୋୟଲ ଆଦି କର୍ମକର୍ତ୍ତା ସହଯୋଗ କରିଥିବା ସହ ତୁଷୁରା, ବଲାଙ୍ଗୀର, ସିନାପାଲି,ଟିଟିଲାଗଡ, କଣ୍ଟାବାଞ୍ଜି, ସିନ୍ଧେକେଲା, ଉକ୍ଲେକେଲା, ଚୁଡାପାଲି, ଟିଣ୍ଟିଡା ଆଦି ଅଞ୍ଚଳର ଶ୍ରାବକ ଶ୍ରାବୀକା ଉପସ୍ଥିତ ରହିଥିଲେ। ମିଡିଆ ପ୍ରଭାରୀ ମନୋଜ କୁମାର ଜୈନ ପ୍ରକାଶ କରିଥିଲେ।

## ଏସ୍‌ଟି ଏସ୍‌ସି ନିର୍ଯାତନା ଆଇନ ସଂଶୋଧନ ଆଦେଶ ପ୍ରତ୍ୟାହାର ଦାବିରେ ଅଲ୍ ଓଡ଼ିଶା ସିଡୁଲ୍ଡ କାଷ୍ଟ ଫେଡରେସନର ଦାବୀପତ୍ର

କଳାହାଣ୍ଡି, (ମହାଭାରତ): ଏସ୍ ଟି ଏସ୍ ସି ମାନଙ୍କୁ ସମାଜିକ ସୁରକ୍ଷା ଦେବା ନିମନ୍ତେ ୧୯୮୯ ମସିହାରେ ପାର୍ଲିଆମେଣ୍ଟ ଦ୍ୱାରା ଏକ ଆଇନ ପାସ କରାଯାଇଥିଲା,, ଏବଂ କୌଣସି ଏସ୍ ଟି ଏସ୍ ସି ଙ୍କୁ ଜାତିଆଣ ଅତ୍ୟାଚାର ହେଲେ ଡିଏସପି ରେଙ୍କର ଅଫିସର ତଦନ୍ତ କରିବା ବ୍ୟବସ୍ଥା କରାଯାଇଥିଲା,, ଏତେ କଡା ଆଇନ ଥିବା ସ୍ୱତେ ଆଜି ମଧ ସାରା ରାଜ୍ୟରେ ଏସ୍ ଟି ଏସ୍ ସି ମାନଙ୍କ ଉପରେ ଜାତିଆଣା ଅତ୍ୟାଚାର ବଢୁଛି,,,,ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରର ଗୃହ ବିଭାଗ ଗତ ତା ୩୦,୮,୨୦୨୫ ଦିନ ବସ୍ତ୍ବକ୍ସ୍କ୍ଟମ-ସସ୍ତ୍ବଛ ଆଇନକୁ ସଂଶୋଧନ କରି ଜାତିଆଣା ଅତ୍ୟାଚାର କେସ କୁ ଡିଏସପି ତଦନ୍ତ କରିବା ବଦଳରେ ଆଇଆଇସି ଏସଆଇ ମାନଙ୍କୁ ତଦନ୍ତ କରିବା ଦାୟିତ୍ୱ ଦେବାର ନିଷ୍ପତ୍ତି ନିଆ ଯାଇଛି,, ଏସ୍ ଟି ଏସ୍ ସି ନିର୍ଯ୍ୟାତନା କେଶରେ ଡିଏସପି ରେଙ୍କର ଅଫିସର




ହୋଇ ଉପଯୁକ୍ତ ତଦନ୍ତ କରିପାରି ନ ଥିବା ବେଳେ ଆଇଆଇସି ଏସ୍‌ଆଇ ହାତ ରେ ବସ୍ତ୍ବକ୍ସ୍କ୍ଟମସସ୍ତ୍ବଛ କେସ ଦେବା ବସ୍ତ୍ବକ୍ସ୍କ୍ଟମସସ୍ତ୍ବଛ ଆଇନକୁ କମ୍ ଜୋର୍ କରୁଥିବା ଜଣା ଯାଉଛି, , ରାଜ୍ୟ ସରକାରର ଏହି ନିଷ୍ପତ୍ତିକୁ ବିରୋଧ କରି ନିଷ୍ପତ୍ତି ପ୍ରତ୍ୟାହାର ଦାବିରେ ଆଜି ଅଲ୍ ଓଡ଼ିଶା ସିଡୁଲ୍ଡ କାଷ୍ଟ ଫେଡରେସନ ରାଜ୍ୟ ସଭାପତି ଧନଞ୍ଜୟ ଦୀପ୍ ଙ୍କ ନେତୃତ୍ୱରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ମହାମହିମ ରାଜ୍ୟପାଲ ଙ୍କ ଉଦ୍ଦେଶ୍ୟରେ କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ଦାବୀପତ୍ର ଦିଆଯାଇଛି,,,, ଉପସ୍ଥିତ ଥିଲେ କଳାହାଣ୍ଡି ଜିଲ୍ଲା ସଭାପତି ବୃନ୍ଦାବନ ନାଗ, କାର୍ଯ୍ୟକାରୀ ସଭାପତି ତେଜରାଜ ବେହେରା, ମହାସଚିବ ଶତ୍ରୁଘ୍ନ ନାଏକ,,ସମ୍ପାଦକ ଇନ୍ଦ୍ରମଣି ବାଗ,, କଲମପୁର ବ୍ଲକ ସଭାପତି ବଳରାମ ଦୁର୍ଗା କେସିଙ୍ଗା ବ୍ଲକ ସଭାପତି ଭାଗିରଥି ନାଏକ,,ବେଣୁଧର ସୁନା,ଡିଙ୍ଗର ବାଗ,, ବିକ୍ରମ ହରପାଲ, ଡମ୍ବରୁଧର କରୁଆ,ଅର୍ଜୁନ ବିଶି,ଅନେକ କର୍ମକର୍ତ୍ତା ,,, ରାଜ୍ୟ ସରକାର ଉକ୍ତ ନିଷ୍ପତ୍ତିକୁ ପ୍ରତ୍ୟାହାର ନ କଲେ ସାରା ରାଜ୍ୟରେ ଆନ୍ଦୋଳନ କରାଯିବା ପାଇଁ ରାଜ୍ୟ କମିଟି ନିଷ୍ପତ୍ତି ନେଇଛି

## ମେଲାଣି ନେଲେ ଅଗ୍ରପୂଜ୍ୟ ଶ୍ରୀ ଶ୍ରୀ ଗଜାନନ ବାଜା ଓ ରୋଷଣିରେ ଦୁଲୁକିଲା ପରିବେଶ


ଢେଙ୍କାନାଳ, (ମହାଭାରତ) : ସଦର ବ୍ଲକ ଅନ୍ତର୍ଗତ ଚାଉଳିଆ ଖମାର ମଝିସାହି ରେ ଦିର୍ଘ ୧୬ ଦିନ ଧରି ଚାଲିଥିବା ଅଗ୍ରପୂଜ୍ୟ ଶ୍ରୀ ଶ୍ରୀ ଗଜାନନଙ୍କ ଭସାଣି ଉତ୍ସବ ଶେଷ ହୋଇଛି । ଗୁରୁବାର ଦିନ ଅନୁଷ୍ଠିତ ଭସାଣି ଉତ୍ସବରେ ମୁଖ୍ୟ ଆକର୍ଷଣ ସାଜିଥିବା କେନ୍ଦ୍ରାପଡାର ଜୁମା ମ୍ୟୁଜିକାଲ ବ୍ୟାଣ୍ଡ ପାର୍ଟି, ଢେଙ୍କାନାଳର ଜେଡି ପ୍ରଫେସନାଲ ଓ ଭାଟକାଟେଣୀ ଗ୍ରାମର ଶ୍ରୀ ଗଣେଶ ମାଦଳ ପଞ୍ଜାବୀ ପାର୍ଟି ସାମିଲ ହୋଇ ଭସାଣି ଉତ୍ସବକୁ ଅଧିକ ସରସ ସୁନ୍ଦର କରିଥିଲେ । ଚଳିତ ବର୍ଷ ଏହି ଭସାଣି ଉତ୍ସବ ଅପରାହ୍ନ ୩ ଟାରୁ ଆରମ୍ଭ ହୋଇ ରାତି ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଛି । ଉକ୍ତ ଭସାଣି ଉତ୍ସବରେ ଖମାର ମଝିସାହି ଲୋକ ମାନେ ସାମିଲ ହୋଇଥିଲେ ।



ଏହି ସମସ୍ତ କାର୍ଯ୍ୟକ୍ରମକୁ ଶାନ୍ତି ଶୃଙ୍ଖଳାର ସହ ସମାପନ କରିବା ପାଇଁ ପୂଜା କମିଟିର ସଭାପତି ଅଜିତ ପରିଡା, ସଂପାଦକ ବିମଳ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଗ୍ରାମବାସୀଙ୍କ ସହଯୋଗ କାମନା କରିଛନ୍ତି । ଭସାଣି ଉତ୍ସବରେ ବ୍ଲକ ଉପାଧ୍ୟକ୍ଷ କାଳନ୍ଦି ବାରିକ, ଗ୍ରାମର ବରିଷ୍ଠ ବ୍ୟକ୍ତି ନିତ୍ୟାନନ୍ଦ ରାଉତ, ସୁଦାମ ଦେହୁରୀଙ୍କ ସମେତ ଗ୍ରାମବାସୀ ମାନେ ସାମିଲ ହୋଇଥିଲେ ।ଶେଷରେ ଗ୍ରାମର ଶେଷ ପ୍ରାନ୍ତରେ ଥିବା କପିଳାସ ଜୋରରେ ପ୍ରଭୁ ଶ୍ରୀ ଗଣନାଥଙ୍କୁ ବିସର୍ଜନ କରାଯାଇଥିଲା ।

# ଏଚ୍. ଆଇ.ଭି/ଏଡ଼ସ୍ ସଚେତନତା ପଦଯାତ୍ରା ଓ ସଚେତନ ସଭା କାର୍ଯ୍ୟକ୍ରମ

ରାୟଗଡ଼ା, (ମହାଭାରତ) ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ରେଡ୍ ରିବନ୍ କ୍ଲବ୍ (ଜଜଉ) ଦ୍ୱାରା ଏଚ୍. ଆଇ.ଭି/ଏଡ଼ସ୍ ସଚେତନତା ପଦଯାତ୍ରା ଓ ସଚେତନ ସଭା ଆୟୋଜିତ ହୋଇଯାଇଅଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ମହାବିଦ୍ୟାଳୟର ରେଡ୍ ରିବନ୍ କ୍ଲବ୍ ସଦସ୍ୟ, ୟୁଥ୍ ରେଡ୍ କ୍ରସ ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀମାନେ କଲେଜ୍ କ୍ୟାମ୍ପସ ଓ ପ୍ରାନ୍ତୀୟ ରାସ୍ତାରେ ସଚେତନତା ରାଲି କରି " ସଚେତନ ହୁଅ, ସୁରକ୍ଷିତ ରୁହ ", "ଜ୍ଞାନ ହିଁ ସୁରକ୍ଷା, ଅଜ୍ଞାନ ହେଉଛି ବିପଦ" ପରି ସ୍ଲୋଗାନ ଉଚ୍ଚାରଣ କରିଥିଲେ। ତା'ପରେ କଲେଜ୍ ସଭାଗୃହରେ ବିଶେଷ ସଚେତନ ସଭା ଆୟୋଜିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ତଥା ଯୁବ ରେଡ୍ କ୍ରସ ରାୟଗଡା ଜିଲ୍ଲା ଚେୟାରମେନ ଡ଼. ସରସ୍ୱତୀ ରାୟ




ଉଦଘାଟନୀ ଭାଷଣରେ ଏଚ୍. ଆଇ.ଭି/ଏଡ଼ସ୍ ସମସ୍ୟାକୁ ସମାଜର ଅନ୍ଧ ବିଶ୍ୱାସ, ଅଜ୍ଞାନତା, ଭ୍ରାନ୍ତି ଓ ଅବହେଳା ଯୋଗୁଁ ବର୍ତ୍ତମାନ ବିଶ୍ୱର ଏକ ବିଶାଳ ସମସ୍ୟାରେ ପରିଣତ ହେବାକୁ ଯାଉଛି, ତେଣୁ ଯୁବ ପିଢ଼ୀଙ୍କୁ ସଚେତନତା ଭଳି ମୁଖ୍ୟ ଅସ୍ତ୍ରକୁ ଅଙ୍ଗୀକାର କରିବାକୁ ଆହ୍ୱାନ କରିଥିଲେ । ତତ୍ ସହ ଛାତ୍ରଛାତ୍ରମାନଙ୍କୁ ସଚେତନ ହୋଇ ଏହି ବାର୍ତ୍ତା କୁ ସମାଜରେ ପ୍ରସାର କରିଲେ ନିଶ୍ଚିତ ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ।ମୁଖ୍ୟ ବକ୍ତା ଭାବେ ଭାମସି ଇନଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ ଷ୍ଟଡିଜ୍ ର ଅଧ୍ୟକ୍ଷ ପ୍ରଫେସର୍ କରୁଣାକର କରକରିଆ ଏଚ୍. ଆଇ.ଭି/ଏଡ଼ସ୍ର ର କାରଣ, ତାହାର ପ୍ରତିରୋଧ, ସୁରକ୍ଷିତ ଆଚରଣ ଓ ସମାଜରେ ଥିବା ଭ୍ରାନ୍ତିକୁ ଦୂର କରିବା ବିଷୟରେ ଗଭୀର ବିଶ୍ଳେଷଣାତ୍ମକ ଭାଷଣ ଉପସ୍ଥାପନ କରିଥିଲେ । ସେ କହିଥିଲେ – "ଏଚ୍. ଆଇ.ଭି/ଏଡ଼ସ୍ ଏକ ରୋଗ ନୁହେଁ, ବରଂ ସମାଜିକ ସମସ୍ୟା" । ସଚେତନତା ଓ ସହାନୁଭୂତି ଦ୍ୱାରା ଆମେ ଏହାକୁ ପରାଜିତ କରିପାରିବୁ।" ଯୁବ ରେଡ୍ କ୍ରସର ଜିଲ୍ଲା ସଂଯୋଜକ ଅଧ୍ୟାପକ ଟିକେଶ୍ୱର ମାଝୀ ଛାତ୍ରଛାତ୍ରୀମାନଙ୍କୁ ଏଚ୍. ଆଇ.ଭି/ଏଡ୍ ସ୍ ବିଷୟରେ ସଚେତନ ହେବା ସହିତ ସମାଜରେ ସଚେତନତା ପ୍ରଚାର କରିବାକୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମର ଶେଷରେ ଯୁବ ରେଡ୍ କ୍ରସ ପରାମର୍ଶଦାତା ଅଧ୍ୟାପିକା ପ୍ରିୟଦର୍ଶିନୀ ବଳ ସମସ୍ତ ଅତିଥି, ଅଧ୍ୟାପକ, ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀ ମନଙ୍କୁ ହୃଦୟପୂର୍ବକ ଧନ୍ୟବାଦ୍ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକା, ଯୁବ ରେଡ୍ କ୍ରସ ସ୍ୱେଚ୍ଛାସେବୀ ଓ ସହସ୍ରାଧିକ ଛାତ୍ରଛାତ୍ରୀ ସକ୍ରିୟ ଭାବରେ ଯୋଗଦେଇଥିଲେ।

## ଜମିବାଡି ବିବାଦରୁ ବଳି ପଡିଲେ ୭ ବର୍ଷର ଝିଅ

ଅନୁଗୋଳ (ମହାଭାରତ)ଅନୁଗାଳ ଜିଲ୍ଲା ବାଗଡ଼ିଆ ଥନା ଅନ୍ତର୍ଗତ ଭେଜିଡିହ ଗ୍ରାମରେ ଗତ ଜୁନ୍ ମାସରେ ଘଟିଯାଇଥିବା ଦୁଃଖଦ ଘଟଣାର ନ୍ୟାୟ ଭିକ୍ଷା କରି ଆଜି ଅନୁଗୋଳ ଜିଲ୍ଲାପାଳଙ୍କ ଦ୍ୱାରସ୍ତ ହୋଇଛନ୍ତି ମୃତ ନାବାଳିକା ଶାଲିନର ବାପା ଓ ମା । ଘଟଣାରୁ ପ୍ରକାଶ ଯେ ଗତ ୧୨ /୬/୨୦୨୫ ଦିନ ଭେଜିଡିହ ଗ୍ରାମର ପ୍ରଦୀପଙ୍କ ୭ ବର୍ଷର ଝିଅ ଶାଲିନ୍ ସକାଳ ୭ ଘଟିକା ସମୟରେ ଖେଳୁଥିବା ଅବସ୍ଥାରେ ଚୈତନ୍ୟ ନାଏକ ଦେଇଥିବା ତାର ବାଡ଼ରେ କରେଣ୍ଟ ରେ ଲାଗି ମୃତ୍ୟୁବରଣ କରିଥିଲେ ।ଯେତେବେଳେ କି ଶାଲିନ କରେଣ୍ଟ ରେ ଲାଗିରହିଥିଲା ସେହି ସମୟରେ ଚୈତନ୍ୟ ନାୟକ ଉପସ୍ଥିତ ଥିଲେ ଲାଇନ୍ କାଟିଦେଇଥିଲେ ମୋ ଝିଅ ବଞ୍ଚିଯାଇଥାନ୍ତା ବୋଲି କହିଛନ୍ତି ଶାଲିନର ବାପା। ଲୋକ ମାନେ ଡାକ ପକାଇ ବାରୁ ବାପା ଆସି ଝିଅକୁ ଉଦ୍ଧାର କରି ଛେଣ୍ଡିପଦା ମେଡିକାଲକୁ ନେଇଥିଲେ ଏବଂ ସେଠାରେ ଡାକ୍ତର ଶାଲିନ କୁ ମୃତ ଘୋଷଣା କରିଥିଲ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ସେପ୍ଟେମ୍ବର ୨୭ରୁ ପ୍ରଥମ 'ଭାଗ୍ୟଶ୍ରୀ' ସ୍ମାରକୀ ରାଜ୍ୟସ୍ତରୀୟ ଚେସ୍ ପ୍ରତିଯୋଗିତା




ବାରଙ୍ଗ (ମହାଭାରତ):ରାଜ୍ୟର ଅଗ୍ରଣୀ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଏସ.ଆର.ଚେସ୍ ସେଣ୍ଟର ଆନୁକୂଲ୍ୟରେ ଆସନ୍ତା ସେପ୍ଟେମ୍ବର ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ 'ଭାଗ୍ୟଶ୍ରୀ ସ୍ମାରକୀ ରାଜ୍ୟସ୍ତରୀୟ ଓପନ ଚେସ୍ ଟୁର୍ଣ୍ଣାମେଣ୍ଟ' ସଦର ଥାନା ଅନ୍ତର୍ଗତ କରାଙ୍ଗ ଶାସନରେ ଥିବା ଆମ୍ରପଲ୍ଲୀ ରିସର୍ଟ ପରିସରରେ ଅନୁଷ୍ଠିତ ହେବ। ଏ ନେଇ ଟୁର୍ଣ୍ଣାମେଣ୍ଟ ଆୟୋଜକ ଏସ.ଆର ଚେସ ସେଣ୍ଟର କଟକ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ବୁଧବାର ଆମ୍ରପଲ୍ଲୀ ରିସର୍ଟ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନିଖିଳ ଓଡ଼ିଶା ଚେସ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ଏସିଆର ଚେସ୍ ସେଣ୍ଟର ସଭାପତି ଶୁଭାଶିଷ ପଟ୍ଟନାୟକ, ଆନ୍ତର୍ଜାତୀୟ ଚେସ୍ ରେଫରୀ ନିହାରରଞ୍ଜନ ସାସମଲ, ବରିଷ୍ଠ ଚେସ୍ ପ୍ରଶିକ୍ଷକ ପ୍ରଦୀପ ଚନ୍ଦ୍ର ପଣ୍ଡା, ମା'ଶ୍ୟାମାକାଳୀ ସାଂସ୍କୃତିକ ପରିଷଦ ବଡ଼ଝରିଲୋ ସମ୍ପାଦକ ସୁବୋଧ ପଟ୍ଟନାୟକ ଓ ସଭାପତି ପ୍ରତାପ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ଟୁର୍ଣ୍ଣାମେଣ୍ଟ ଆୟୋଜନ ସମ୍ପର୍କରେ ସବିଶେଷ ବିବରଣୀ ଦେଇଥିଲେ। ଏହି ୪ଦିନ ବ୍ୟାପୀ ହେବାକୁ ଥିବା ଆନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ବୃହତ ପ୍ରତିଯୋଗିତାରେ ରାଜ୍ୟର ୨୨ଟି ଜିଲାରୁ ଅନ୍ୟୁନ ୪ଶହରୁ ଉର୍ଦ୍ଧ ସଂଖ୍ୟକ ଖେଳାଳି ଏହି ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରୁଥିଲାବେଳେ ସେମାନଙ୍କ ମଧ୍ୟରେ ଶତାଧିକ ଜାତୀୟ ଓ ଆନ୍ତର୍ଜାତୀୟ ରାଙ୍କିଙ୍ଗ ପ୍ରାପ୍ତ ଚେସ୍ ଖେଳାଳି ଅଛନ୍ତି। ସର୍ବଭାରତୀୟ ଚେସ୍ ମହାସଂଘ ଓ ରାଜ୍ୟ ଚେସ୍ ସଂଘର ସିକୃତୀ ପ୍ରାପ୍ତ ଏହି ପ୍ରତିଯୋଗିତାରେ ରାଜ୍ୟର ତୃଣମୂଳ ସ୍ତରରୁ ତଥା ଗ୍ରାମାଞ୍ଚଳରେ ଲୁକ୍କାୟିତ ହୋଇ ରହିଥିବା ଚେସ୍ ପ୍ରତିଭା ଚିହ୍ନଟ ଓ ଚେସ୍ ଖେଳାଳୀଙ୍କୁ ଉତ୍ସାହିତ କରିବା ତଥା ସେମାନଙ୍କୁ ଅନ୍ତଃଜାତୀୟ ଫିଡେ ରେଟିଂ ପାଇବା ସହଜ କରିବା ଲକ୍ଷ୍ୟରେ ରାଜ୍ୟର ଯେକୌଣସି ଖେଳାଳୀ ଏଥିରେ ପ୍ରବେଶିକା ଦେୟ ଦେଇ ସିଧାସଳଖ ପ୍ରତିଯୋଗିତାରେ ଅଶଂଗ୍ରହଣ କରିପାରିବେ। ଉକ୍ତ ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ୨ଲକ୍ଷ ଟଙ୍କା ନଗଦ ଅର୍ଥରାଶି ସହିତ ୯୦ ଗୋଟି ଟ୍ରଫି, ୫୫ଗୋଟି ପଦକ ଓ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯିବ ବୋଲି ଆୟୋଜକ କର୍ମକର୍ତ୍ତାମାନେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ବାଲିଚନ୍ଦ୍ରପୁର ଥାନା ଘେରାଉ ପାଇଁ ବିଜେଡିର ପ୍ରସ୍ତୁତି ବୈଠକ




ବାଲିଚନ୍ଦ୍ରପୁର(ମହାଭାରତ),ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ସହିତ ଚୋରା ମଦ କାରବାର, ଲଘୁ ଖଣିଜ ପଦାର୍ଥ ହରିଲୁଟ ଓ ଚୋରି ରାହାଜାନୀ ହେଉଥିବା ବେଳେ ପୋଲିସ ପକ୍ଷରୁ ଏହାକୁ ରୋକିବାରେ ବିଫଳ ହେଉଥିବା ନେଇ ଅଭିଯୋଗ ଉଠାଇ ଏହାର ପ୍ରତିବାଦରେ ବ୍ଲକ ବିଜେଡି ପକ୍ଷରୁ ଆସନ୍ତା ୧୮ ତାରିଖ ଦିନ ବାଲିଚନ୍ଦ୍ରପୁର ଥାନା ଘେରାଉ ପୂର୍ବକ ଆନ୍ଦୋଳନ କରିବ ବୋଲି ଆଜି ଏକ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନେଇଛି । ଏଥିପାଇଁ ବାଲିଚନ୍ଦ୍ରପୁର ସ୍ଥିତ ରବିନ୍ଦ୍ର ମଣ୍ଡପ ଠାରେ ପୂର୍ବତନ ସରପଞ୍ଚ ଜ୍ଞାନ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ବ୍ଲକ ବିଜେଡି ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ର ଯୋଗଦେଇ ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି ବୋଲି କହିବା ସହିତ ଚଣ୍ଡିଆ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ପୋଲିସ ଜୋର ଜବରଦସ୍ତ ଉଠାଇ ଆଣି ଥାନାରେ ଅଟକ ରଖି ଛାଡିବା ପରେ ପୁଣି ତାଙ୍କୁ ଘରୁ ଉଠାଇ ଆଣିବା ପୋଲିସର କାର୍ଯ୍ୟ କଳାପ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଶ୍ରୀ ମହାପାତ୍ର କହିଥିଲେ। ପୋଲିସର ଏତାଦୃଶ କାର୍ଯ୍ୟକ୍ରମର ପ୍ରତିବାଦର ଆସନ୍ତା ୧୮ ତାରିଖରେ ହେବାକୁ ଥିବା ଥାନା ଘେରାଉରେ ବହୁ ସଂଖ୍ୟକ ବିଜେଡି କର୍ମୀ ସାମିଲ ହେବାକୁ ଆହ୍ୱାନ କରିଥିଲେ। ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷା ଇତିଶ୍ରୀ ସାମଲ, ପୂର୍ବତନ ବ୍ଲକ ମହିଳା ବିଜେଡି ସଭାପତି ସରସ୍ୱତୀ ବେହେରା, ସମିତି ସଭ୍ୟ କୁଳମଣି ବାରିକ, ପୂର୍ବତନ ସରପଞ୍ଚ ମନ୍ମସ୍ଥ କେଶରୀ ସାହେବରାୟ, ଦିବାକର ସେଠୀ, ପୂର୍ବତନ ସମିତି ସଭ୍ୟ ଦିଲ୍ଲୀପ କୁମାର ସାମଲ, ନିରଞ୍ଜନ ବିଶ୍ୱାଳ,ବାଲିଚନ୍ଦ୍ରପୁର ପଞ୍ଚାୟତ ବିଜେଡି ସଭାପତି ଅନନ୍ତ ଚରଣ ମହାରଣା,ବାଲିପଡିଆ ବିଜେଡି ସଭାପତି ପ୍ରବାସ କୁମାର ଦାଶ. ପ୍ରାକ୍ତନ୍ ସମିତି ସଭ୍ୟ ସୁମନ୍ତ କୁମାର ଜେନା. ସରପଞ୍ଚ କିଶୋର ଚନ୍ଦ୍ର ବେହୁରା. ଯୁବ ସଭାପତି ଧନଞ୍ଜୟ ବାରିକ. ଛାତ୍ର ସବାପତି ଜାଗବନ୍ଧୁ ମହାନ୍ତି. ପୂର୍ବତନ ସମିତି ସଭ୍ୟ କିଶୋର ରାଉତ, ପୂର୍ବତନ ଜିଲ୍ଲା ବିଜେଡି ଉପ ସଭାପତି ପ୍ରବୀର ସାମଲ,ଧନେଶ୍ୱର ବେହେରା, ବରଦା ପ୍ରସାଦ ରାୟ,ଧୁଳେଶ୍ୱର ଦାସ, ନାରାୟଣ ମଲ୍ଲିକ, ଯଶୋବନ୍ତ ସାମଲ,କୁଞ୍ଜ ବିହାରୀ ଜେନାଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ।

## ବାଟୋଇକୁ ପଛପଟୁ ଧକ୍କା ଦେଲା ବାଇକ, ଦୁଇ ଆହାତ

ଆସିକା(ମହାଭାରତ):ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା କୁସୁରାବ ଗ୍ରାମ ନିକଟରେ ରାସ୍ତା ରେ ଚାଲି ଚାଲି ଯାଉଥିବା ଜଣେ ବୃଦ୍ଧ ଙ୍କୁ ପଛପଟୁ ଧକ୍କା ଦେଲା ବାଇକ ।ଦୁର୍ଘଟଣା ରେ ବାଟୋଇ କୁସୁରାବ ଗ୍ରାମର ୬୫ ବର୍ଷୀୟ ମାଧବ ଗୌଡ଼ ଏବେ ବାଇକ ଚାଳକ ୨୭ ବର୍ଷୀୟ କେ. ରବି କୁମାର ନାମକ ଯୁବକ ଆହାତ ହୋଇଛନ୍ତି । ସୂଚନା ଅନୁସାରେ ମାଧବ ଗ୍ରାମ ନିକଟ କାଇଠିରା ଗ୍ରାମକୁ ପ୍ରବଚନ ଶୁଣିବାକୁ ଚାଲି ଚାଲି ଯିବା ସମୟରେ କେ. ରବି ଚଳାଉଥିବା ବାଇକ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଦୁର୍ଘଟଣା ରେ ଉଭୟ ଆହାତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ଉଭୟ ଙ୍କୁ ଉଧାରକରି ଚିକିତ୍ସା ନିମନ୍ତେ ଆସିକା ଉପଖଣ୍ଡ ଚିକିତ୍ସାଳୟ ରେ ଭର୍ତ୍ତି କରିଥିଲେ।ଏଠାରେ ଉଭୟଙ୍କ ଚିକିତ୍ସା ଜାରିରହିଛି । ତେବେ କେ. ରବି ଜଣେ ସମ୍ପର୍କୀୟ ଙ୍କୁ ନେଇ ଦାରିଙ୍ଗିବାଡି ରୁ ନିଜ ଗ୍ରାମ ଗୋପାଳପୁର ଫେରିବା ସମୟରେ ଦୁର୍ଘଟଣା ଘଟିଛି।

# ଟୁମ୍ବରଲିୟାଗୁଡା ଠାରୁ ଖଡକା ରାସ୍ତା ମରଣଯନ୍ତା



ନବରଙ୍ଗପୁର ଜିଲ୍ଲାର(ମହାଭାରତ)ବେହେଡା ପଞ୍ଚାୟତ ଜିବା ବାଟରେ ନାୟକ ବାବୁ ଘର ଠାରୁ ଟୁମ୍ବାର୍ଲିୟଗୁଡା ରାସ୍ତାରେ ଯିବାଆସିବା କରିବାଟା ଏକ ପ୍ରକାର ବନ୍ଦ ହୋଇଛି। ଏହି ରାସ୍ତାରେ ପ୍ରତେକ ଦିନ କୁନିକୁନି ପିଲାମାନେ ସ୍କୁଲ ଜାଅନ୍ତା ମାତ୍ର ବର୍ଷାଦିନେ ଏକ ପ୍ରକାର ପାଠପଢା ପୁରା ପୁରି ବନ୍ଦ, ଦୀର୍ଘ ସମୟ ହେଲା ପିଲାମାନେ ପାଠ ପଢ଼ାରୁ ବଞ୍ଚିତ କାରଣ ଏ ରାସ୍ତାରେ ଭଲ ଲୋକ ଯିବାଆସିବା କରିବାକୁ ଡ଼ରୁଛନ୍ତି। ପ୍ରଶାସନ ପାଖରେ ବାରମ୍ବାର ଗୁହାରି କଲାପରେ ମଧ କେହି ଶୁଣିବାକୁ ନାରାଜି, କେବେ ଏ ରାସ୍ତା ହେବ ଆଉ ପିଲାମାନେ ସ୍କୁଲ ଯିବେ। ଏ ରାସ୍ତାରେ ପ୍ରତେକ ଦିନ ଲୋକମାନେ ଖଡକା ଜିବା ଆସିବା କରନ୍ତି, ହେଲେ ଆଉ କୌଣସି ଉପାୟ ନଥିବାରୁ ଲୋକ ଆଠ ରୁ ଦଶ କିଲୋମିଟର ବୁଲିକି ଯିବାକୁ ପଡୁଛି। ଜିଲ୍ଲାପାଳ, ବିଡିଓ, ପିଇଓ, ସରପଞ୍ଚ ସମସ୍ତେ ଜାଣି ବି କିଛି ସମାଧାନ ହୋଇପାରୁନି। ଯଦି ଏରାସ୍ତା ପିଚୁ ହୋଇଯିବ ତାହେଲେ ଲୋକ ବହୁତ ଲାଭ ପାଇବେୟ ରୋଗୀଙ୍କୁ ନେବା ଆଣିବାକୁ ଆମ୍ବୁଲାନ୍ସ ଯାଇପାରିବିନି, ଲୋକ ଦେହ ଖରାପ ହେଲେ ଭଗବାନ ଭରସା ବୋଲି ଏଠିକା ଲୋକ ଗଣମାଧମ କୁ ନେବଦନ କରିଛନ୍ତି। ଏବେ ଦେଖିବାକୁ ରହିଲା କେବେ ଲୋକଙ୍କ ଦୁଃଖ ଦୂର ହୋଉଛି।

### ଏଆଇ କ୍ୟାମେରାରେ ଧରା ପଡିଲେ ଶିକାରୀ

# ୨ ଗିରଫ ୬ ଶିକାରୀଙ୍କୁ ଖୋଜୁଛି ବନ ବିଭାଗ

କପ୍ତିପଦା (ମହାଭାରତ): କପ୍ତିପଦା -ଜଙ୍ଗଲ କୁ ଯାଇଥିଲେ ଶିକାର ପାଇଁ। ଜଙ୍ଗଲ ଭିତରେ ଲାଗିଥିବା ଏଆଇ କ୍ୟାମେରାରେ କଏଦ ହେଲେ ଶିକାରୀ। ସମୁଦାୟ ୮ ଜଣ ଶିକାରୀ ଏଆଇ କ୍ୟାମେରାରେ କଏଦ ହୋଇଥିବା ବେଳେ ୨ ଜଣଙ୍କୁ ଗିରଫ କରି ଅନ୍ୟ ୬ ଜଣଙ୍କୁ ଖୋଜୁଛି ବନବିଭାଗ। ପୋଡାଡିହା ରେଞ୍ଜ ଶିମିଳିପାଳ ଆଭ୍ୟନ୍ତରୀଣ ଅଞ୍ଚଳରେ ୮ ଜଣ ଶିକାରୀ ଜଙ୍ଗଲ ଭିତରକୁ ଶିକାର ନିମନ୍ତେ ଯାଇଥିବା ବେଳେ ଏଆଇ କ୍ୟାମେରାରେ ଧରା ପଡ଼ିଥିଲେ। ଯାହାର ସୂଚନା ମିଳିବା ପରେ ପୋଡାଡିହା ବନ ବିଭାଗ ଏବଂ ଏସଟିଆରଏଫ ଧନଚତୁରୀ ଅଞ୍ଚଳରେ ଚଢ଼ାଉ କରି ଘରୁ ୨ ଜଣ ଶିକାରୀ ଙ୍କୁ ଉଠାଇ ଆଣିଥିଲା। ଗିରଫ ଶିକାରୀଙ୍କ ନିକଟରୁ ୨ ଗୋଟି ଦେଶୀ ବନ୍ଧୁକ ସମେତ ଧନୁତୀର ଜବତ କରିଛି। ଗିରଫ ଶିକାରୀ ହେଲେ କଟୁରିଆ ମହାରସାହି ଗ୍ରାମର ମୋରା ସିଂ ଓ ମାଙ୍କଡ଼ପଡା ବସୁଧାର ଗ୍ରାମର ଗୋବିନ୍ଦ ସୋରେନ। ଏମାନଙ୍କ ବ୍ୟତୀତ ଅନ୍ୟ ୬ ଜଣ ଶିକାରୀଙ୍କୁ ଧରିବା ପାଇଁ ଚଢ଼ାଉ ଜାରି ରଖିଛି ବନ ବିଭାଗ।

## ଗାଁ କୁ ସରକାରୀ ମୋ ବସ୍ ନ ଯିବା ରୁ ବସ ଅଟକାଇଲେ ମହିଳା



ପାଟଣା:-(ମହାଭାରତ) ରାଜ୍ୟ ସରକାର ଙ୍କ ମୋ ବସ ସେବା ଦୁଇ ଗାଁ କୁ ନ ପହଞ୍ଚିବା ରୁ ଗାଁ ମହିଳା ବସ କୁ ଅଟକାଇ ଛନ୍ତି । ଏପରି ଦୃଶ୍ୟ ଦେଖିବାକୁ ମିଳୁଛି। କେନ୍ଦୁଝର ଜିଲ୍ଲା ହ୍ବବିଲ ନିପାଟଣା ବ୍ଲକ ଅନ୍ତର୍ଗତ ଡୁମୁରିଆ ପଞ୍ଚାୟତ ଅନ୍ତର୍ଗତ ଘାଟବାଲିଯୋଡି ଓ ତଣ୍ଡୋ ଗ୍ରାମକୁ ସରକାରୀ ମୋ ବସ ଚଳାଚଳ କରିବା ଦାବିରେ ଶତାଧିକ ମହିଳା ଡୁମୁରିଆ ମୁଖ୍ୟ ଛକ ନିକଟରେ ମୋ ବସ କୁ ଅଟକ ରଖି ଦୁଇ ଗାଁ କୁ ବସ ଚଳାଇବା ପାଇଁ ଦାବି କରି ଛନ୍ତି। ସୂଚନା ରୁ ପ୍ରକାଶ ମୋ ବସ ପୂର୍ବ ରୁ ଗ୍ରାମ କୁ ଯାଉଥିବା ବେଳେ ଗତ ୩ ମାସ ହେବ ବସ୍ ଚଳାଚଳ ବନ୍ଦ ରହିଥିଲା । ଫଳରେ ଦୁଇ ଗାଁ ର ଲୋକେ,ଛାତ୍ରଛାତ୍ରୀ,ସାଧାରଣ ଲୋକେ ମାନେ ମୋ ବସ ରେ ଯାତାୟାତ ନ କରିପାରି ବାରୁ ଅସୁବିଧାର ସମ୍ମୁଖୀନ ହେଉ ଥିବା ଅଭିଯୋଗ କରିଛନ୍ତି । ଏହି କାରଣ କୁ ନେଇ ମୋ ବସ କୁ ମହିଳା ମାନେ ଅଧଘଣ୍ଟା ସମୟ ପାଖାପାଖି ଅଟକାଇ ରଖି ଥିଲେ । ଏପରି ଘଟଣା ର ଖବର ପାଇ ଘଟଗାଁ ଥାନା ଅଧିକାରୀ ପ୍ରଶାନ୍ତ ବେହେରା ତଥା ସ୍ଥାନୀୟ ସରପଞ୍ଚ ଗୌରହରି ନାଏକ ପହଞ୍ଚି ଉତ୍ୟକ୍ତ ମହିଳା ମାନଙ୍କୁ ବୁଝାସୁଝା କରିବା ପରେ ମୋ ବସ ଚଳାଚଳ ସମ୍ଭବ ହୋଇ ଥିଲା।

## ଦୁର୍ଗାପୂଜା ଓ ଦୀପାବଳି ୨୦୨୫ ପାଇଁ ଶାନ୍ତି ଓ ସମନ୍ୱୟ କମିଟି ବୈଠକ

ସମ୍ବଲପୁର:(ମହାଭାରତ): ଚଳିତ ବର୍ଷ ଦୁର୍ଗାପୂଜା ଓ ଦୀପାବଳି ପର୍ବ ୨୦୨୫ ପାଳନ ନିମନ୍ତେ ଶାନ୍ତିପୂର୍ଣ୍ଣ ଓ ସମନ୍ୱିତ ଉତ୍ସବ ନିଶ୍ଚିତ କରିବା ପାଇଁ ତପସ୍ୱିନୀ ପ୍ରେକ୍ଷାଳୟ ଠାରେ ଏକ ଶାନ୍ତି ଓ ସମନ୍ୱୟ କମିଟି ବୈଠକ ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର(ଭା.ପ୍ର.ସେ) ଙ୍କ ଅଧ୍ୟକ୍ଷତାରେ ରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକର ସମ୍ବଲପୁର ଆରକ୍ଷୀ ଅଧିକ୍ଷକ ମୁକେଶ ଭାମ୍ରୁ(ଭା.ପୋ.ସେ), ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରି(ଭା.ପ୍ର.ସେ) ଙ୍କ ସମେତ ଶାନ୍ତି ଓ ସମନ୍ୱୟ କମିଟି ସଦସ୍ୟମାନେ, ଜିଲ୍ଲା ପ୍ରଶାସନ, ପୋଲିସ ବିଭାଗ, ଏବଂ ସମ୍ବଲପୁର ଅଞ୍ଚଳର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସଂସ୍ଥାଗତ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଚଳିତ ବର୍ଷ ଜିଲ୍ଲାରେ ଦୁର୍ଗାପୂଜା ଓ ଦୀପାବଳି କିପରି ଶାନ୍ତି ଶୃଙ୍ଖଳା ର ସହିତ ପାଳନ କରାଯିବ ସେ ବିଷୟରେ ଆଲୋଚନା କରାଗଲାୟ ଉକ୍ତ ବୈଠକ ରେ ଆଇନ ଶୃଙ୍ଖଳା ରକ୍ଷା, ସ୍ୱାସ୍ଥ୍ୟ ଓ ପରିମଳ, ଉତ୍ସବ ଦିନରେ ନିରବଚ୍ଛିନ୍ନ ଜଳ ଯୋଗାଣ ସୁନିଶ୍ଚିତ କରିବା, ନିରବଚ୍ଛିଉ ବିଦ୍ୟୁତ ଯୋଗାଣ, ବେଆଇନ ଓ ନକଲି ମଦ ବିକ୍ରି ଉପରେ ପ୍ରତିଷେଧକ ପଦକ୍ଷେପ ନେବା, ଆଖପାଖ ଅଞ୍ଚଳରେ ଅଗ୍ନିକାଣ୍ଡ ରୋକିବା ପାଇଁ ତ୍ୱରାନିତ ପଦକ୍ଷପ ନେବା ଆଦି ପ୍ରସଙ୍ଗ ଉପରେ ଆଲୋଚୋନା ହୋଇଥିଲା।ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର(ଭା.ପ୍ର.ସେ) ସମସ୍ତ ସଂପୃକ୍ତ ଅଧିକାରୀ ଙ୍କୁ ନିଜ ଦାୟତ୍ୱ ସଠିକ୍ ଭାବେ ପରିଚାଳନା କରିବାକୁ କହିଥିଲେ। ମୁଖ୍ୟତଃ ସେ, ପୂଜା ସମୟରେ ସମ୍ବଲପୁର ର ଅଧିକ ଜନସମାଗମ ହେତୁ ଆଲୋକ ଓ ପରିମଳ ବ୍ୟବସ୍ଥା ସଠିକ ଭାବେ କାର୍ଯ୍ୟ କରିବା ସହିତ ସ୍ୱଚ୍ଛତା ଉପରେ ବେଶୀ ଧ୍ୟାନ ଦେବାକୁ କହିଥିଲେ।ପୂଜା ମଣ୍ଡପ ଗୁଡିକୁ ତଦାରଖ କରି କୌଣସି ଅଘଟଣର ତତ୍କାଳ ନିୟନ୍ତ୍ରଣ ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେବାକୁ ଅଗ୍ନିଶମ ବିଭାଗକୁ କହିଥିଲେ।ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ମୁକେଶ ଭାମ୍ରୁ(ଭା.ପ୍ର.ସେ) ଜନ ସାଧାରଣ ଙ୍କ ସୁରକ୍ଷା ବ୍ୟବସ୍ଥା କୁ ଧ୍ୟାନ ରେ ରଖି ଅଧିକ ସାଉଣ୍ଡ ରେ ବାଦ୍ୟଯନ୍ତ୍ର ନ ବଜେଇବାକୁ ସମସ୍ତ ପୂଜା କମିଟି କୁ ଅନୁରୋଧ କରିଥିଲେ।

## ଗୋଷାଣୀ ବ୍ଲକ୍‌ରେ ଆଦି କର୍ମଯୋଗୀ ଅଭିଯାନ କର୍ମଶାଳା



ଗଜପତି(ମହାଭାରତ): ଗଜପତି ଜିଲ୍ଲା ର ଗୋଷାଣୀ ବ୍ଲକ୍ ଠାରେ ଆଦି କର୍ମଯୋଗୀ ଅଭିଯାନ ର ତିନି ଦିନିଆ କର୍ମଶାଳା କାର୍ଯ୍ୟକ୍ରମ ଆଜି ସ୍ଥାନୀୟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ଆରମ୍ଭ ହୋଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଗୌର ଚନ୍ଦ୍ର ପଟ୍ଟନାୟକ ଙ୍କ ସଭାପତିତ୍ୱ ରେ ଏହି କର୍ମଶାଳାର ଆୟୋଜନ କରାଯାଇଛି । ଏଥିରେ ବ୍ଲକ ର ଛଅ ଗୋଟି ଗ୍ରାମକୁ ସାମିଲ କରାଯାଇଛି। ଏହି କର୍ମଶାଳାର ପ୍ରଥମ ଦିନରେ ଅଧ୍ୟକ୍ଷତା କରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ପଟ୍ଟନାୟକ ଆଦି କର୍ମଯୋଗୀ ଅଭିଯାନର ପ୍ରଥମ ଦିନରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ଜନଜାତି। ଅଞ୍ଚଳରେ ସରକାରୀ ସେବା, ଯୋଜନା ଏବଂ ସୁବିଧା ଗୁଡ଼ିକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା। ପ୍ରତ୍ୟେକ ପରିବାର, ପ୍ରତ୍ୟେକ ଗ୍ରାମ, ପ୍ରତ୍ୟେକ ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ସରକାରୀ ଯୋଜନାର ଲାଭ ପହଞ୍ଚାଇବା। ଜନଜାତିୟ ଅଞ୍ଚଳରେ ସାମାଜିକ ଓ ଆର୍ଥିକ ଉନ୍ନତିକୁ ସୁନିଶ୍ଚିତ କରିବା ଇତ୍ୟାଦି। ଆଦି କର୍ମଯୋଗୀ ଅଭିଯାନର ସଫଳ ରୂପାୟନ ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା ।କର୍ମଶାଳାରେ ସମସ୍ତ ବ୍ଲକ୍ ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

# ପାରାଦୀପ କଳିଙ୍ଗ ବାଲିଯାତ୍ରା ର ପ୍ରଥମ ପ୍ରସ୍ତୁତି ବୈଠକ




ପାରାଦୀପ(ମହାଭାରତ): ଓଡ଼ିଶାର ଦ୍ୱିତୀୟ ପ୍ରସିଦ୍ଧ ପାରାଦୀପ କଳିଙ୍ଗ ବାଲିଯାତ୍ରା ର ପ୍ରଥମ ପ୍ରସ୍ତୁତି ବୈଠକ ସ୍ଥାନୀୟ ଅଫିସର୍ସ କ୍ଲବ ପରିସରରେ ଗୁରୁବାର ଅପରାହ୍ନରେ ଆୟୋଜିତ ହୋଇଯାଇଛି ।ଜିଲ୍ଲାପାଳ ତଥା କଳିଙ୍ଗ ବାଲିଯାତ୍ରା କମିଟିର ସଭାପତି ଜେ.ସୋନାଲ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ପାରାଦୀପ ବିଧାୟକ ତଥା ରାଜ୍ୟ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମହୋତ୍ସବ କୁ ଶାନ୍ତିପୂର୍ଣ୍ଣ ଓ ସଫଳତାର ସହ ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅର୍କିତ ବର୍ମା, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ ମହାପାତ୍ର ଙ୍କ ସମେତ ପାରାଦୀପ ବନ୍ଦର, ଇଫକୋ, ପିପିଏଲ ଆଇଓସିଏଲ ସମସ୍ତ କମ୍ପାନୀ ଅଧିକାରୀ, ବାଲିଯାତ୍ରା କମିଟିର ସଦସ୍ୟ ଓ ଗଣମାଧ୍ୟମ ପ୍ରତିନିଧି ମାନେ ଉପସ୍ଥିତ ରହି ଆସନ୍ତା ନଭେମ୍ବର ୪ ତାରିଖରେ ଆଠଦିନ ବ୍ୟାପି ଏହି କଳିଙ୍ଗ ବାଲିଯାତ୍ରାର ସଫଳ ଆୟୋଜନ ପାଇଁ ଆଲୋଚନା କରିଥିଲେ ।ଏହି ସଭାରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ତଥା କଳିଙ୍ଗ ବାଲିଯାତ୍ରା କମିଟିର ଉପସଭାପତି ନିରଞ୍ଜନ ବେହେରା ମହୋତ୍ସବ ବିବରଣୀ ପାଠ କରିଥିବା ବେଳେ ପୌର ନିର୍ବାହୀ ଅଧିକାରୀ ତଥା କମିଟି ର ସମ୍ପାଦକ ଅଭିଷେକ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ବହୁ ବୁଦ୍ଧିଜୀବୀ, କମିଟି ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି ଓ ଅନୁଷ୍ଠାନର ପ୍ରତିନିଧି ମାନେ ଉପସ୍ଥିତ ରହି ମହୋତ୍ସବର ସଫଳତା ପାଇଁ ଉପାଦେୟ ଆଲୋଚନା ଓ ପ୍ରସ୍ତାବ ଦେଇଥିଲେ।

## କୃଷି ଅଧିକାରୀ ଙ୍କ କାର୍ଯ୍ୟାଳୟରେ ଧସେଇ ପଶିଲେ ଚାଷୀ



ନୟାଗଡ଼, ( ମହାଭାରତ ) : ନୟାଗଡ଼ରେ ସାର ପାଇଁ କୃଷି ଅଧିକାରୀ ଙ୍କ କାର୍ଯ୍ୟାଳୟ ରେ ଧସେଇ ପଶିଲେ ଚାଷୀ। ନୟାଗଡ଼ ବ୍ଲକ ର ବାଲୁଗାଁ ଏବଂ ଚହାଳି ପଞ୍ଚାୟତର ଚାଷୀ ମାନେ ସରକାରୀ ମୂଲ୍ୟରେ ୟୁରିଆ ଏବଂ ପଟାଶ ସାର ଦାବିରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ସହ ଜିଲ୍ଲା କୃଷି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଚାଷୀଙ୍କ ଅଭିଯୋଗ ପ୍ୟାକ୍ସ ମିଳୁନି ସାର କିନ୍ତୁ ଖୋଲା ମାର୍କେଟରେ ସାର କଳାବଜାରୀ କରି ଚଢ଼ା ଦରରେ ବିକ୍ରୀ ହେଉଛି ସାର। ୟୁରିଆ ସାର ବସ୍ତା ୭୦୦ ରୁ ୧୧ ଶହ ଟଙ୍କାରେ ବିକ୍ରୀ ହେଉଛି। କୃଷି ବିଭାଗର ଅଧିକାରୀ ଏବଂ ସାର ହୋଲ୍ ସେଲରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି। ସାର କଳାବଜାରୀ ଦୁର୍ନୀତି ରୋକିବା ସହ ସାର ଯୋଗାଇ ଦେବା ଦାବିରେ ଚାଷୀ ମାନେ କୃଷି ଅଧିକାରୀ ଙ୍କ କାର୍ଯ୍ୟାଳୟ କୁ ଧସେଇ ପଶିବା ସହ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ସେପଟେ ଚାଷୀଙ୍କ ଆନ୍ଦୋଳନ ପାଇଁ ଜିଲ୍ଲା କୃଷି ବିଭାଗର ଅଧିକାରୀଙ୍କୁ କାର୍ଯ୍ୟାଳୟରେ ହଟହଟା ହେବାକୁ ପଡିଛି। ମାର୍ଫେଡ ଜରିଆରେ ସାର ଆସିଛ। ଆସନ୍ତା ଦିନ ରୁ ଠାରୁ ପ୍ୟାକ୍ସ ଦ୍ୱାରା ଚାଷୀଙ୍କୁ ସାର ଯୋଗାଇ ଦେବାକୁ କୃଷି ବିଭାଗ ପକ୍ଷରୁ ପ୍ରତିଶୃତି ଦିଆଯାଇଛି।

## କଂସାରୀଗୁଡାରେ ଆଦିତ୍ୟ ଆଲୁମିନା ପ୍ରକଳ୍ପ ବିରୋଧରେ ଗ୍ରାମବାସୀଙ୍କ ତୀବ୍ର ଆନ୍ଦୋଳନ



ଲକ୍ଷ୍ମୀପୁର (ମହାଭାରତ ): କାଶୀପୁର ବ୍ଲକର କଂସାରୀଗୁଡା ଗ୍ରାମରେ ଆଦିତ୍ୟ ଆଲୁମିନା ପ୍ରକଳ୍ପ ପ୍ରତିଷ୍ଠା ପ୍ରତି ସ୍ଥାନୀୟ ଲୋକଙ୍କ ଅସନ୍ତୋଷ ଚୂଡ଼ାନ୍ତରେ ପହଞ୍ଚିଛି। ଜମି ହରାଇଥିବା ପରିବାରମାନଙ୍କୁ ନିଯୁକ୍ତି ଏବଂ ଗ୍ରାମରେ ଉନ୍ନୟନମୂଳକ କାର୍ଯ୍ୟ କରିବାର ପ୍ରତିଶ୍ରୁତି ଦେଇଥିଲେ, କିନ୍ତୁ ଏପର୍ଯ୍ୟନ୍ତ କୌଣସି ଅଗ୍ରଗତି ହୋଇନି ବଲି ଗ୍ରାମବାସୀ ଅଭିଯୋଗ କହିଛନ୍ତି ।ଗ୍ରାମବାସୀଙ୍କ ଅଭିଯୋଗ, କମ୍ପାନୀ ସ୍ଥାନୀୟ ଯୁବକମାନଙ୍କୁ ଅବହେଳା କରି ବାହାର ରାଜ୍ୟ ରୁ କାମ କରିବାକୁ କାମୁଆଳି ଆଣୁଛି। ଏହାକୁ ନେଇ ଦିନାବନ୍ଧୁ ଝୋଡିଆ, ପୁରୁଷୋତ୍ତମ ଜାନୀ, ସୋଦା ଝୋଡିଆ, ଉତ୍ତା ଝୋଡିଆ, ସୂର୍ଯ୍ୟ ଜାନୀ ଓ ଚନ୍ଦ୍ର ଜାନୀଙ୍କ ସହ ଗ୍ରାମର ଅନ୍ୟାନ୍ୟ ଲୋକମାନେ ଏକତ୍ରିତ ହୋଇ କମ୍ପାନୀର ସମସ୍ତ କାର୍ଯ୍ୟ ବନ୍ଦ କରାଇଥିବା ଦେଖିବାକୁ ମିଳିଛି ।ଗ୍ରାମବାସୀଙ୍କ ଅନ୍ୟ ଅଭିଯୋଗ ହେଲା, ଯେତେବେଳେ ସେମାନେ ନ୍ୟାୟସଙ୍ଗତ ଦାବି ପାଇଁ ଆଗୁଆନ ହୁଅନ୍ତି, ସେତେବେଳେ ପୋଲିସ ମାନଙ୍କୁ ଗୁଣ୍ଡା ସାଜି ମିଥ୍ୟା ମକଦ୍ଦମାରେ ଫସାଇବା ଏବଂ ଜେଲକୁ ପଠାଇବାର ଭୟଦେଖାଉ ଥିବା ଅଭିଯୋଗ କରୁଛନ୍ତି ।ଯେପର୍ଯ୍ୟନ୍ତ ବିସ୍ଥାପିତ ଜମିହରା ଓ ପ୍ରଭାବିତ ଗ୍ରାମବାସୀଙ୍କୁ ସ୍ଥାୟୀ ନିଯୁକ୍ତି ଏବଂ ଉନ୍ନୟନମୂଳକ କାର୍ଯ୍ୟ ନ ମିଳେ, ସେପର୍ଯ୍ୟନ୍ତ ଆଦିତ୍ୟ ଆଲୁମିନାର କୌଣସି କାର୍ଯ୍ୟ ଚାଲିବ ନାହିଁ ବଲି ସିଧାସଳଖ ଚରମ ବାଣୀ ଶୁଣାଇ ଦେଇଛନ୍ତି ।ଗ୍ରାମବାସୀଙ୍କ ଏହି ସ୍ଥାନାନ୍ତରଣ ବିରୋଧୀ ଆନ୍ଦୋଳନ ଆଗାମୀ ଦିନରେ ଆଉ ବଡ଼ ରୂପ ନେବ ବୋଲି ଅଞ୍ଚଳରେ ଚର୍ଚ୍ଚା ଚାଲିଛି।

## ବାଣୀଗୋଛାରେ ଗଡ଼ିଲା ସବୁଜରଥ

ଦଶପଲ୍ଲା,(ମହାଭାରତ) : ବାଣୀଗୋଛା ପଶ୍ଚିମ ବନ୍ୟପ୍ରାଣୀ ବନାଞ୍ଚଳ ତରଫରୁ ବନାଞ୍ଚଳ ଅଧିକାରୀ ସଂସାର ବର୍ଗିଆଙ୍କ ନେତୃତ୍ୱରେ ସବୁଜରଥ କାର୍ଯ୍ୟକ୍ରମର ଉଦ୍ଘାଟନ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ସାଂସଦଙ୍କ ପ୍ରତିନିଧି କିଶୋର ଚନ୍ଦ୍ର ଦଳବେହେରା, ବନପାଳ ରାଜ କୁମାର ଶତପଥୀ, ପୁଷ୍ପଲତା ପ୍ରଧାନ,ଗୋଲକ ବେହେରାଙ୍କ ସମେତ ସମସ୍ତ ବନକର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସମ୍ପର୍କରେ ବନପାଳ ରାଜ କୁମାର ଶତପଥୀ ଗଣମାଧ୍ୟମକୁ କଣ ପାଇଁ ଉପେକ୍ଷା କରାଯାଉଛି ତାହା ଜଣାପଡୁନାହିଁ। ଗଣମାଧ୍ୟମ ପ୍ରତିନିଧିଙ୍କୁ ଡକାଇ ଉପେକ୍ଷା କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ସାଧାରଣରେ ଚର୍ଚ୍ଚା ହେଉଅଛି।

## ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ

ଆସିକା (ମହାଭାରତ)): ଆସିକା ଗୋଷ୍ଠି ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ସ୍ଥାନୀୟ କଲେଜ ଛକ ଟେକ୍ନିକାଲ ହାଇସ୍କୁଲ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ମୁନ ରାଣୀ ମହାନ୍ତି ଙ୍କ ସଭାପତିତ୍ୱ ରେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବିଭୁ ନନ୍ଦନ ପଣ୍ଡା, ଟେକ୍ନିକାଲ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ପ୍ରଜ୍ଞାପରମିତା ପଟନାୟକ, ପ୍ରଧାନ ଶିକ୍ଷକ ନାରାୟଣ ମହାପାତ୍ର, ଅବସର ପ୍ରାପ୍ତ କ୍ରୀଡା ଶିକ୍ଷକ ପଦ୍ମ ଚରଣ ବିଷୋୟୀ,ବ୍ଲକ କ୍ରୀଡା ସଙ୍ଘ ର ସମ୍ପାଦକ ତଥା କ୍ରୀଡା ଶିକ୍ଷକ କୈଳାସ ଗୌଡ଼,ସିଆରସିସି ଟୁଲୁ ସେଠୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଶରୀର ସୁସ୍ଥ ପାଇଁ କ୍ରୀଡା ର ଆବଶ୍ୟକତା ରହିଛି । ଖେଳଖୁଦ, ଯୋଗ, ପ୍ରାଣାୟାମ ଦ୍ୱାରା ମନ ମଧ୍ୟ ସୁସ୍ଥ ରହେ। ଶାରୀରିକ ସୁସ୍ଥତା ସମେତ ଲୁକାୟିତ ପ୍ରତିଭାର ପରି ପ୍ରକାଶ ହୋଇଥାଏ ବୋଲି ଅତିଥି ମାନେ ମତ ରଖିଥିଲେ । ଏହି ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ରେ ୧୩ ଗୋଟି କ୍ଲଷ୍ଟର ର ୫୦୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ। ଆଜି ଦିନ ତମାମ ବିଭିଉ ବର୍ଗର ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଦୌଡ଼,ଲମ୍ଫ ଡିଆଁ, କବାଡି, ଖୋଖୋ ପ୍ରତିଯୋଗିତା, ଅନୁଷ୍ଠିତ ହୋଇଥିଲା। ଏହି ଖେଳ ଗୁଡିକୁ କ୍ରୀଡା ଶିକ୍ଷକ ମନୋରଞ୍ଜନ ପଣ୍ଡା, ୟୁସୁଫ କଳାପାହାଡ଼, ପାଣ୍ଡବ ଗୌଡ଼ ,ଦେବରାଜ ଜେନା, ଚନ୍ଦ୍ର ଶେଖର ଦାସ, ଶିବରାମ ପୋଲାଇ, ଇନ୍ଦିରା ଦାସ, ଚନ୍ଦ୍ର କଳା ସାହୁ, ଖିରବ୍ଧି ତନୟା ଶର୍ମା, ଜାନକୀ ରାଉତ, ଅଶ୍ୱିନୀ ମହାକୁଡ଼, ରବିନ୍ଦ୍ର ଆଚାର୍ଯ୍ୟ, ଆଦିତ୍ୟ ସାମଲ, ପ୍ରଭାକର ପଣ୍ଡା, ପଦ୍ମ ଚରଣ ଦଳାଇ, ସୁଧିର କୁମାର ପାଢ଼ୀ, ଇନ୍ଦ୍ରଜିତ ନାୟକ,ଜି. ଆନନ୍ଦ ପତ୍ର,ଶ୍ରୀ ନବଘନ ବାଡ଼ତ୍ୟା,ସ୍ୱଦେଶ କୁମାର ଦଳାଇ,ସନ୍ତୋଷ କୁମାର ବେହେରା,ନୃସିଂହ ଚରଣ ମିଶ୍ର ପ୍ରମୁଖ ଖେଳପରିଚାଳନ କରିଥିଲେ।

### ସୀମାରେ ଯାତାୟାତ କଟକଣା କଠୋର ହେଲା

## ଭାରତୀୟଙ୍କୁ ଫେରିବାକୁ ଅନୁମତି, କାଠମାଣ୍ଡୁ ଦୂତାବାସରେ ସେନା ମୁତୟନ

ନୂଆଦିଲ୍ଲୀ: ପଡ଼ୋଶୀ ଦେଶରେ ସୋସିଆଲ ମିଡିଆ ନିଷେଧାଦେଶ ଓ ଦୁର୍ନୀତି ବିରୋଧରେ ହିଂସାତ୍ମକ ବିକ୍ଷୋଭ ମଧ୍ୟରେ ଭାରତ ନେପାଳ ସହିତ ଏହାର ସୀମାରେ ସୁରକ୍ଷା କଡ଼ାକଡ଼ି କରିଛି। ଭାରତୀୟ ଅଞ୍ଚଳରେ ଅଶାନ୍ତି ବ୍ୟାପିବାକୁ ରୋକିବା ପାଇଁ ରାଜ୍ୟ ପୁଲିସ ଟିମ୍ ସଶସ୍ତ୍ର ସୀମା ବଳ (ଏସ୍ଏସ୍‌ବି) ସହ ଯୋଗ ଦେଇଛି। ନେପାଳରେ ଅଶାନ୍ତିକୁ ଦୃଷ୍ଟିରେ ରଖି ଭାରତ-ନେପାଳ ସୀମାରେ ସତର୍କ ସୂଚନା ଜାରି କରାଯାଇଛି। ସଶସ୍ତ୍ର ସୀମା ବଳ ଘଟଣାକ୍ରମ ଉପରେ ତୀକ୍ଷ୍ଣ ନଜର ରଖିଛି ବୋଲି ଜଣେ ଅଧିକାରୀ କହିଛନ୍ତି। ତେଣୁ କାଠମାଣ୍ଡୁରେ ଥିବା ଭାରତୀୟ ଦୂତାବାସରେ ସୁରକ୍ଷା ଦୃଷ୍ଟିରୁ ସେନା ମୁତୟନ କରାଯାଇଛି।



ଭାରତ ଓ ନେପାଳ ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ବିହାର, ସିକିମ୍ ଓ ପଶ୍ଚିମବଙ୍ଗ ସମେତ ବିଭିନ୍ନ ରାଜ୍ୟ ମଧ୍ୟରେ ୧,୭୫୧ କିଲୋମିଟର ସୀମା ବାଣ୍ଟିଛନ୍ତି, ଯାହା ଉଭୟ ଦେଶ ମଧ୍ୟରେ ନାଗରିକ ଓ ସାମଗ୍ରୀର ଅବାଧ ଚଳାଚଳକୁ ଅନୁମତି ଦେଇଥାଏ। ଏହି ଅଭ୍ୟାସ ୧୯୫୦ ଶାନ୍ତି ଓ ବନ୍ଧୁତ୍ୱ ଚୁକ୍ତି ଦ୍ୱାରା ଆନୁଷ୍ଠାନିକ ରୂପ ନେଇଥିଲା। କିନ୍ତୁ ହାଇଆଲର୍ଟ କାରଣରୁ ସମ୍ପ୍ରତି ସୀମାରେ ଯାତାୟାତ ଉପରେ କଟକଣା ଲଗାଯାଇଛି। ଉତ୍ତରପ୍ରଦେଶର ଲକ୍ଷ୍ମୀପୁର ଖେରି ଜିଲ୍ଲାର ଗୌରୀଫାଣ୍ଟା ସୀମାରେ ଜାଣିବାକୁ ମିଳିଛି ଯେ ସୁରକ୍ଷା ବାହିନୀ ନେପାଳୀ ନାଗରିକଙ୍କୁ ଭାରତରେ ପ୍ରବେଶ କରିବାକୁ ଅନୁମତି ଦେଉନାହିଁ, କିନ୍ତୁ ପଡୋଶୀ ଦେଶରେ ଥିବା ଭାରତୀୟ ନାଗରିକମାନଙ୍କୁ ଘରକୁ ଫେରିବାକୁ ଅନୁମତି ଦିଆଯାଉଛି। ସେହିପରି ନେପାଳ ମଧ୍ୟ ଭାରତୀୟ ନାଗରିକଙ୍କୁ ନେପାଳରେ ପ୍ରବେଶ କରିବାକୁ ଅନୁମତି ଦେଉନାହିଁ, କିନ୍ତୁ ଭାରତରେ କାର୍ଯ୍ୟ କରୁଥିବା କିମ୍ବା ଭାରତ ଆସିଥିବା ନେପାଳୀ ନାଗରିକମାନଙ୍କୁ ଫେରିବାକୁ ଅନୁମତି ଦିଆଯାଉଛି। ପଶ୍ଚିମବଙ୍ଗର ଦାର୍ଜିଲିଂ ଜିଲ୍ଲାର ସୀମାନ୍ତ ସହର ପାଣିଟାଙ୍କିରୁ ମିଳିଥିବା ଦୃଶ୍ୟରୁ ଜଣାପଡ଼ିଛି ଯେ, ଉତ୍ତେଜନା ଯୋଗୁଁ ବାଣିଜ୍ୟ ଆଂଶିକ ବନ୍ଦ ହୋଇଯାଇଥିବାରୁ ମାଲବାହୀ ଟ୍ରକ୍‌ଗୁଡ଼ିକ ଫସି ରହିଛନ୍ତି। ନେପାଳ ସୀମାବର୍ତ୍ତୀ ଭାରତର ଅନ୍ୟାନ୍ୟ ଅଞ୍ଚଳ ସମେତ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ଓ ବିହାରରେ ମଧ୍ୟ ସମାନ ସତର୍କ ସୂଚନା ଜାରି କରାଯାଇଛି। ଅନ୍ୟପକ୍ଷରେ ଭିଡ଼ହିଂସାର କେନ୍ଦ୍ରସ୍ଥଳ କାଠମାଣ୍ଡୁସ୍ଥିତ ଭାରତୀୟ ଦୂତାବାସରେ ମଧ୍ୟ ସେନା ମୁତୟନ କରାଯାଇଛି। ମଙ୍ଗଳବାର ବୈଦେଶିକ ମନ୍ତ୍ରାଳୟ ଭାରତୀୟ ନାଗରିକମାନଙ୍କୁ ସତର୍କତା ଅବଲମ୍ବନ କରିବାକୁ ଏବଂ ନେପାଳକୁ ଅନାବଶ୍ୟକ ଯାତ୍ରାକୁ ସ୍ଥଗିତ ରଖିବାକୁ ଅନୁରୋଧ କରିଛି। ଅନ୍ୟପକ୍ଷରେ ନେପାଳର ଅଧିକାଂଶ ବିମାନ ବନ୍ଦର ବନ୍ଦ ଥିବାରୁ ଦୁଇ ଦେଶ ମଧ୍ୟରେ ବିମାନଯାତ୍ରା ମଧ୍ୟ ସ୍ଥଗିତ ରଖାଯାଇଛି।

### ବମ୍ବେ ନୁହେଁ ମୁମ୍ବାଇ କୁହ

## କପିଲଙ୍କୁ ଧମକ ଦେଲା ମହାରାଷ୍ଟ୍ର ନବନିର୍ମାଣ ସେନା

ନୂଆଦିଲ୍ଲୀ: ହାସ୍ୟ କଳାକାର କପିଲ ଶର୍ମାଙ୍କୁ ଧମକ ଦେଇଛି ମହାରାଷ୍ଟ୍ର ନବନିର୍ମାଣ ସେନା। ବାସ୍ତବରେ ରାଜ ଠାକରେଙ୍କ ଦଳ ମହାରାଷ୍ଟ୍ର ନବନିର୍ମାଣ ସେନା (MNS) ଏକ ପଦକ୍ଷେପ ନେଇଛି। ଏମଏନଏସ 'ବମ୍ବେ ବନାମ ମୁମ୍ବାଇ' ବିତର୍କ ଆରମ୍ଭ କରିଛି। ମୁମ୍ବାଇକୁ ବମ୍ବେ ବୋଲି କହିବା ଚଳଚ୍ଚିତ୍ର ବ୍ୟକ୍ତିତ୍ୱଙ୍କ ଉପରେ ଏମଏନଏସ କ୍ଷୁବ୍ଧ ହୋଇଛି। ଦଳର ଜଣେ ନେତା ମଧ୍ୟ ଏ ବିଷୟରେ ହାସ୍ୟାଭିନେତା କପିଲ ଶର୍ମାଙ୍କୁ ଚେତାବନୀ ଦେଇଛନ୍ତି। ଏମଏନଏସ ହାସ୍ୟାଭିନେତା କପିଲ ଶର୍ମାଙ୍କୁ ତାଙ୍କ ଶୋ'ରେ ମୁମ୍ବାଇକୁ ବମ୍ବେ ବୋଲି କହିବା ବନ୍ଦ କରିବାକୁ ଚେତାବନୀ ଦେଇଛି। କପିଲ ଶର୍ମାଙ୍କୁ ଏହି ଚେତାବନୀ ମହାରାଷ୍ଟ୍ର ନବନିର୍ମାଣ






ସେନାର ଫିଲ୍ମ ୱିଙ୍ଗ ମୁଖ୍ୟ ଅମେୟ ଖୋପକର ଦେଇଛନ୍ତି। ଖୋପକର ଟ୍ୱିଟ୍ କରିଛନ୍ତି, 'ମୁମ୍ବାଇର ନାମ ପରିବର୍ତ୍ତନ ହେବାର ୩୦ ବର୍ଷ ବିତିଗଲାଣି। ଏହା ସତ୍ତ୍ୱେ, ଆଙ୍କର, ସେଲିବ୍ରିଟି ଅତିଥି, ରାଜ୍ୟସଭା ସାଂସଦ କପିଲ ଶର୍ମାଙ୍କ ଶୋ'ରେ ମୁମ୍ବାଇକୁ ବମ୍ବେ ବୋଲି କହିଛନ୍ତି। ଅନେକ ହିନ୍ଦୀ ଫିଲ୍ମରେ ମୁମ୍ବାଇକୁ ବମ୍ବେ ବୋଲି ମଧ୍ୟ କୁହାଯାଉଛି। ୧୯୯୫ ମସିହାରେ ରାଜ୍ୟ ସରକାର ଏବଂ ୧୯୯୬ ମସିହାରେ କେନ୍ଦ୍ର ସରକାର ମୁମ୍ବାଇକୁ ସରକାରୀ ନାମ ଭାବରେ ଅନୁମୋଦନ କରିଥିଲେ। ଚେନ୍ନାଇ, ବାଙ୍ଗାଲୋର, କୋଲକାତା ପୂର୍ବରୁ ବମ୍ବେକୁ ମୁମ୍ବାଇ ନାମକରଣ କରାଯାଇଥିଲା। ଆମେ ମୁମ୍ବାଇ ନାମକୁ ସମ୍ମାନ ଦେବାକୁ ଅପିଲ୍ ଏବଂ ଚେତାବନୀ ଦେଉଛୁ।' ଏମଏନଏସ ନେତା ତାଙ୍କ ଟ୍ୱିଟରେ ଶୋ'ର ସେହି ଅଂଶ ପୋଷ୍ଟ କରିଛନ୍ତି ଯେଉଁଥିରେ ଅଭିନେତ୍ରୀ ହୁମା କୁରେଶୀ ମୁମ୍ବାଇକୁ ବମ୍ବେ ବୋଲି କହୁଛନ୍ତି।

### କିପରି ହେବ ନେପାଳର ନୂଆ ସରକାର

## ନେପାଳ ସେନା ମୁଖ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ

କାଠମାଣ୍ଡୁ : କେପି ଶର୍ମା ଓଲିଙ୍କ ଇସ୍ତଫା ପରେ ନେପାଳର ପରିସ୍ଥିତିରେ କୌଣସି ସୁଧାର ଆସୁନାହିଁ। ସେନା ପୁଣି ରାଜଧାନୀ କାଠମାଣ୍ଡୁରେ କର୍ଫ୍ୟୁ ଜାରି କରିଛି। ଏବେ ସେନା ମୁଖ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜାରି ରହିଛି ଯେଉଁଥିଲେ ନେପାଳ ସେନାମୁଖ୍ୟ, ଆନ୍ଦୋଳନକାରୀଙ୍କ ପ୍ରତିନିଧି, ସୁଶୀଳା କାର୍କି ଯୋଗ ଦେଇଛନ୍ତି । ପରବର୍ତ୍ତି ପ୍ରଧାନମନ୍ତ୍ରୀ ଚେହେରା ପାଇଁ ଏକ ସହମତି ସୃଷ୍ଟିଲାଗି



ଉଦ୍ୟମ କରାଯାଉଛି । ସେହିପରି ନୂଆ ସରକାରଙ୍କ ରୂପରେଖ ଉପରେ ମଧ୍ୟ ବି ଆଲୋଚନା କରାଯାଉଛି ।

ବୁଧବାର ଦିନ, ଜେନ-ଜେଡ ଦ୍ୱାରା ଅନ୍ତରୀଣ ପ୍ରଧାନମନ୍ତ୍ରୀ ପାଇଁ ସୁଶୀଳା କାର୍କିଙ୍କ ନାମ ପ୍ରସ୍ତାବିତ କରାଯାଇଥିଲା, କିନ୍ତୁ ଜେନ-ଜେଡଙ୍କ ଏକ ଗୋଷ୍ଠୀ ଦ୍ୱାରା ଏହି ନାମକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା। ଏହା ପରେ ଅନେକ ଗୋଷ୍ଠୀ ପରସ୍ପର ସହିତ ସଂଘର୍ଷ କରିଛନ୍ତି।

ଏହି ସଂଘର୍ଷରେ ଅନେକ ବିକ୍ଷୋଭକାରୀ ମଧ୍ୟ ଆହତ ହୋଇଛନ୍ତି। ସେହି ସମୟରେ, ସେନା ପୁଣି ଥରେ କର୍ଫ୍ୟୁ ଜାରି କରିବା ପରେ ମଧ୍ୟ ଛାତ୍ରମାନେ କ୍ରୋଧିତ ଅଛନ୍ତି। ବିଭିନ୍ନ ରାଜନୈତିକ ଦଳ ସହିତ ଜଡିତ ଛାତ୍ର ସଂଗଠନଗୁଡ଼ିକ କର୍ଫ୍ୟୁ ଉଲ୍ଲଂଘନ କରି ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଥିଲେ। ଛାତ୍ରମାନେ 'ଆମେ ସେନା ଶାସନ ଚାହୁଁନାହୁଁ' ଭଳି ସ୍ଲୋଗାନ ଦେଇଥିଲେ।

## ପ୍ରଧାନମନ୍ତ୍ରୀ ରେସରେ ନେପାଳର 'ବିଜୁଳି ମ୍ୟାନ'

ନୂଆଦିଲ୍ଲୀ: ନେପାଳରେ ହିଂସା ମଧ୍ୟରେ, ଏକ ମଧ୍ୟବର୍ତ୍ତୀକାଳୀନ ସରକାର ଗଠନ ପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଯଦିଓ ଏପର୍ଯ୍ୟନ୍ତ ଅନ୍ତରୀଣ ସରକାରରେ କିଏ ପ୍ରଧାନମନ୍ତ୍ରୀ ହେବେ ତାହା ସ୍ଥିର ହୋଇନାହିଁ, କିନ୍ତୁ ସମୟ ସହିତ ନୂଆ ନାମ ବିଷୟରେ କଳ୍ପନାଜଳ୍ପନା ବୃଦ୍ଧି ପାଉଛି। ଗୋଟିଏ ଦିନ ପୂର୍ବରୁ, ନେପାଳର ପୂର୍ବତନ ମୁଖ୍ୟ ବିଚାରପତି ସୁଶୀଳା କାର୍କି ଏହି ଦୌଡ଼ରେ ସବୁଠାରୁ ଆଗରେ ଥିଲେ, କିନ୍ତୁ ବର୍ତ୍ତମାନ କୁଲମାନ ଘିସିଂ ଅନ୍ତରୀଣ ପ୍ରଧାନମନ୍ତ୍ରୀ ହେବା ନେଇ ଚର୍ଚ୍ଚା ଜୋର ଧରିଛି । କୁଲମାନ ଘିସିଂ ନେପାଳ ଇଲେକ୍ଟ୍ରୋନିକ୍ ପ୍ରାଧିକରଣର ପରିଚାଳନା ନିର୍ଦ୍ଦେଶକ ଭାବରେ ଦୁଇଟି କାର୍ଯ୍ୟକାଳ ପୂରଣ କରିଛନ୍ତି। ସେ ତାଙ୍କର ପ୍ରଥମ କାର୍ଯ୍ୟକାଳ ୨୦୧୬-୨୦୨୦ ଏବଂ ତା'ପରେ ୨୦୨୧-୨୦୨୫ରେ ସମାପ୍ତ କରିଥିଲେ।

ତାଙ୍କର ଜନ୍ମ ୨୫ ନଭେମ୍ବର ୧୯୭୦ରେ ନେପାଳର ରାମେଛାପ ଜିଲ୍ଲାରେ ହୋଇଥିଲା। ସେ ଭାରତର ଜାମସେଦପୁର ସହରରୁ ଇଞ୍ଜିନିୟରିଂ



ପାଠପଢା କରିଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ, ସେ ନେପାଳର ଅନେକ ଅଞ୍ଚଳରେ ବିଦ୍ୟୁତ ସମସ୍ୟାର ସମାଧାନ କରିଥିଲେ ଏବଂ ଅନେକ ସ୍ଥାନରେ ବିଦ୍ୟୁତ ଉପଲବ୍ଧ କରାଇଥିଲେ। ଏହି କାରଣରୁ, ସେ ନେପାଳର 'ବିଜୁଳି ମ୍ୟାନ' ଭାବରେ ବେଶ ପରିଚିତ । ଇଞ୍ଜିନିୟର କୁଲମାନ ନେପାଳରେ ବିଦ୍ୟୁତ କାଟର ସମସ୍ୟାକୁ ଶେଷ କରିବା ପାଇଁ ଜଣାଶୁଣା। ସେ ନେପାଳ ବିଦ୍ୟୁତ୍ ପ୍ରାଧିକରଣ (ଘରଇ)କୁ କ୍ଷତିରୁ ବାହାର କରି ଲାଭଦାୟକ ସଂସ୍ଥା କରିଥିଲେ। କେପି ଶର୍ମା ଓଲିଙ୍କ ସରକାର ତାଙ୍କୁ ୨୪ ମାର୍ଚ୍ଚ, ୨୦୨୫ରେ ପରିଚାଳନା ନିର୍ଦ୍ଦେଶକ ପଦରୁ ହଟାଇ ଦେଇଥିଲେ। କୁହାଯାଏ ଯେ ସେ ଅନେକ ଶିଳ୍ପପତିଙ୍କ ବିଦ୍ୟୁତ୍ ବିଲ୍ ଛାଡ଼ କରିବାକୁ ମନା କରିଥିଲେ, ତେଣୁ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା।

କୁଲମନଙ୍କ ସରକାର ବିରୋଧୀ ଆଭିମୁଖ୍ୟ ତାଙ୍କୁ ଯୁବପିଢ଼ିଙ୍କ ମଧ୍ୟରେ ପରିଚିତି ଦେଇଥିଲା। ପାଠପଢ଼ା ବ୍ୟତୀତ, ତାଙ୍କର ଭାରତ ସହିତ ଏକ ବିଶେଷ ସମ୍ପର୍କ ମଧ୍ୟ ରହିଛି। ନେପାଳ ବିଦ୍ୟୁତ୍ ପ୍ରାଧିକରଣର ପରିଚାଳନା ନିର୍ଦ୍ଦେଶକ ଥିବା ସମୟରେ, ନେପାଳ ୨୦୨୩-୨୪ ମସିହାରେ ଭାରତକୁ ବିଦ୍ୟୁତ୍ ରପ୍ତାନି କରିବା ଆରମ୍ଭ କରିଥିଲେ। କୁଲମନଙ୍କ ବହିଷ୍କାର ପରେ, ସାରା ଦେଶରେ ତାଙ୍କର ଲୋକପ୍ରିୟତା ଆହୁରି ବୃଦ୍ଧି ପାଇଥିଲା ।

## ନେପାଳ ସଙ୍କଟ: ସୁଶୀଳା ଅନ୍ତରୀଣ ନେତା

କାଠମାଣ୍ଡୁ: ନେପାଳରେ ଚାଲିଥିବା ରାଜନୈତିକ ଅସ୍ଥିରତା ମଧ୍ୟରେ ଆଜି 'ଜେନ୍ ?ଜେଡ୍' କାର୍ଯ୍ୟକର୍ତ୍ତାମାନେ ପୂର୍ବତନ ପ୍ରଧାନ ବିଚାରପତି ସୁଶୀଳା କାର୍କୀଙ୍କୁ ଅନ୍ତରୀଣ ସରକାରର ନେତା ଭାବେ ଚୟନ କରିଛନ୍ତି। ଏହି ନିଷ୍ପତ୍ତି ୫,୦୦୦ରୁ ଅଧିକ ଯୁବକଙ୍କ ସହଭାଗିତାରେ ଦେଶବ୍ୟାପୀ ଭର୍ଚୁଆଲ୍ ବୈଠକରେ ନିଆଯାଇଛି। ଦୁର୍ନୀତି, ଖରାପ ଶାସନ ଓ ସରକାରୀ ଦମନ ନୀତି ବିରୋଧରେ ଯୁବକମାନେ କ୍ଷୁବ୍ଧ ଥିବା ବେଳେ ଦେଶରେ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ଶାସନ ପାଇଁ ଉପଯୁକ୍ତ ନେତା ଚୟନ ଉପରେ ଗୁରୁତ୍ୱାରୋପ କରାଯାଇଛି। ପ୍ରାରମ୍ଭରେ କାଠମାଣ୍ଡୁର ମେୟର ବାଲେନ ଶାହ ଯୁବକମାନଙ୍କ ମଧ୍ୟରେ ଲୋକପ୍ରିୟ ଥିଲେ। କିନ୍ତୁ ସେ ସମ୍ପର୍କ ସ୍ଥାପନ ପାଇଁ ସହଯୋଗ ନ କରିବାରୁ ସୁଶୀଳା କାର୍କୀଙ୍କୁ ଚୟନ କରାଯାଇଛି। ଅନ୍ୟ ପ୍ରାର୍ଥୀଙ୍କ ମଧ୍ୟରେ ନେପାଳ ବିଦ୍ୟୁତ୍ ପ୍ରାଧିକରଣର ମୁଖ୍ୟ କୁଲମାନ ଘିସିଂ, ସାଗର ଧକାଲ ଓ ହର୍କା ସମ୍ପାଙ୍ଗ ମଧ୍ୟ ଏହି ଦୌ?ଡ଼ରେ ଥିଲେ। ତେବେ କାର୍କୀ ୨,୫୦୦ରୁ ଅଧିକ ସଦସ୍ୟଙ୍କ ସମର୍ଥନ ପାଇ ଶୀର୍ଷ ପ୍ରାର୍ଥୀ ହୋଇଥିଲେ। ୭୨ ବର୍ଷୀୟା ସୁଶୀଳା



କାର୍କୀ ୨୦୧୬ରେ ନେପାଳର ପ୍ରଥମ ମହିଳା ପ୍ରଧାନବିଚାରପତି ଭାବେ ନିଯୁକ୍ତ ହୋଇଥିଲେ। ଶିକ୍ଷକ ଭାବେ କ୍ୟାରିୟର ଆରମ୍ଭ କରି ସେ ବିଚାର ବିଭାଗରେ ଯୋଗ ଦେଇଥିଲେ। ୨୦୦୯ରେ ସୁପ୍ରିମକୋର୍ଟରେ ଆଡହକ୍ ବିଚାରପତି ହେବା ପରେ ପରବର୍ତ୍ତୀ ସମୟରେ ସେ ପ୍ରଧାନ ବିଚାରପତି ହୋଇଥିଲେ। ତାଙ୍କ ନିଷ୍ଠା ଓ ଦୁର୍ନୀତି ବିରୋଧୀ ଆଭିମୁଖ୍ୟ ଯୁବକମାନଙ୍କ ମଧ୍ୟରେ ତାଙ୍କୁ ଲୋକପ୍ରିୟ କରିଛି। ଯଦି କାର୍କୀ ରାଜି ହୁଅନ୍ତି, ତା'ହେଲେ ସେ ପ୍ରଥମେ ସେନା ମୁଖ୍ୟ ଜେନେରାଲ ଆଶୋକ ରାଜ ସିଗଦେଲଙ୍କ ସହ ଆଲୋଚନା କରିବେ। ସୂଚନାଯୋଗ୍ୟ, ଦୁର୍ନୀତି ବିରୋଧୀ ଆନ୍ଦୋଳନ ହିଂସାତ୍ମକ ହେବା ପରେ ଅତି କମ୍‌ରେ ୨୨ ଜଣଙ୍କର ମୃତ୍ୟୁ ହୋଇଛି। ପ୍ରତିବାଦକାରୀମାନେ ସଂସଦ ଭବନ, ସୁପ୍ରିମ୍ ?କୋର୍ଟ, ରାଷ୍ଟ୍ରପତି କାର୍ଯ୍ୟାଳୟ ଓ ପ୍ରଧାନମନ୍ତ୍ରୀଙ୍କ ବାସଭବନ ସମେତ ଗୁରୁତ୍ୱପୂର୍ଣ୍ଣ ସରକାରୀ ଭବନରେ ନିଆଁ ଲଗାଇ ଦେଇଛନ୍ତି। ୫୦ରୁ ଅଧିକ ବରିଷ୍ଠ ନେତା, ମନ୍ତ୍ରୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଘର ଉପରେ ଆକ୍ରମଣ ହୋଇଛି।

### ଫ୍ରାନ୍ସରେ 'ବ୍ଲକ୍ ଏଭ୍ରିଥିଙ୍ଗ୍' ବିକ୍ଷୋଭ

## ମାକ୍ରନ ଇସ୍ତଫା ଦେବାକୁ ଚାପ, ୩୦୦ରୁ ଅଧିକ ଗିରଫ

ପ୍ୟାରିସ: ଫ୍ରାନ୍ସରେ ରାଜନୈତିକ ଅସ୍ଥିରତା ଭିତରେ ସରକାରଙ୍କ ଅର୍ଥନୈତିକ ନୀତିକୁ ବିରୋଧ କରି ହିଂସାତ୍ମକ ବିକ୍ଷୋଭ ଆରମ୍ଭ ହୋଇଛି। ଆଜି ଲକ୍ଷାଧିକ ଆନ୍ଦୋଳନକାରୀ ବିକ୍ଷୋଭରେ ସାମିଲ ହୋଇଥିଲେ। ପ୍ୟାରିସ ସମେତ ୨୦ରୁ ଅଧିକ ସ୍ଥାନରେ ବିକ୍ଷୋଭକାରୀମାନେ ରାସ୍ତା ଅବରୋଧ କରିବା ସହ ଗାଡ଼ିଗୁଡ଼ିକରେ ନିଆଁ ଲଗାଇଦେଇଛନ୍ତି। ଟ୍ରେନ୍ ?ଅଟକାଯିବା ସହ ବିଭିନ୍ନ ସରକାରୀ ପ୍ରତିଷ୍ଠାନକୁ ଅଚଳ କରାଯାଇଛି। ଏହି ପ୍ରତିବାଦକୁ 'ବ୍ଲକ୍ ଏଭ୍ରିଥିଙ୍ଗ୍'(ସବୁକିଛି ଅବରୋଧ) ବିକ୍ଷୋଭ କୁହାଯାଉଛି। ଆନ୍ଦୋଳନକାରୀମାନେ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନଙ୍କୁ ଇସ୍ତଫା ଦେବା ପାଇଁ ପ୍ରବଳ ଚାପ ସୃଷ୍ଟି କରିଛନ୍ତି। ବିକ୍ଷୋଭକାରୀଙ୍କୁ ଘଉଡ଼ାଇବାକୁ ପୁଲିସ ଲୁହବୁହା ଗ୍ୟାସ୍ ପ୍ରୟୋଗ କରାଯାଇଛି। ଦେଶବ୍ୟାପୀ ବିକ୍ଷୋଭର ପ୍ରଥମ ଘଣ୍ଟାରେ ପ୍ରାୟ ୩୦୦ ଗିରଫଦାରୀ ହୋଇଥିବା ଗୃହମନ୍ତ୍ରୀ ଘୋଷଣା କରିଛନ୍ତି। ବିକ୍ଷୋଭ ନିୟନ୍ତ୍ରଣ କରିବା ପାଇଁ ସରକାରଙ୍କୁ ପ୍ରାୟ ୮୦,୦୦୦ ପୁଲିସ ନିୟୋଜିତ କରିବାକୁ ପଡ଼ିଛି।



ଆଭ୍ୟନ୍ତରୀଣ ମନ୍ତ୍ରୀ ବ୍ରୁନୋ ରିଟେଲୋ କହିଛନ୍ତି ଯେ, ପଶ୍ଚିମ ସହର ରେନେସରେ ବ୍ୟାପକ ପୋଡ଼ାଜଳା ଓ ଭଙ୍ଗାରୁଜା ହୋଇଛି। ସେ ଅଭିଯୋଗ କରିଛନ୍ତି ଯେ ବିକ୍ଷୋଭକାରୀମାନେ 'ବିଦ୍ରୋହର ପରିବେଶ' ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି। ଏହି ଆନ୍ଦୋଳନ ଛାତ୍ର, ଶ୍ରମିକ, ଗ୍ରାମୀଣ ଓ ସହରାଞ୍ଚଳବାସୀଙ୍କୁ ଏକଜୁଟ କରୁଥିବା ବେଳେ ଆଗକୁ ଏହା ଜଟିଳ ସ୍ଥିତି ସୃଷ୍ଟି କରିପାରେ ବୋଲି ଆଶଙ୍କା କରାଯାଉଛି। ବିଶ୍ଳେଷକମାନେ ଚେତାବନୀ ଦେଇଛନ୍ତି ଯେ ରାଷ୍ଟ୍ରପତି ମାକ୍ରନ ସମୟୋଚିତ ପଦକ୍ଷେପ ଗ୍ରହଣ ନକଲେ ହିଂସା ଅଧିକ ଭୟାନକ ହୋଇପାରେ। ସୋମବାର ପ୍ରଧାନମନ୍ତ୍ରୀ ଫ୍ରାନ୍ସୁଆ ବାୟୁ? ଅନାସ୍ଥା ଭୋଟ୍ ?ରେ ହଟିବା ପରେ ମଙ୍ଗଳବାର ରାଷ୍ଟ୍ରପତି ମାକ୍ରନ, ସେବାଷ୍ଟିଆନ୍ ? ଲେକୋର୍ନୁଙ୍କୁ ନୂତନ ପ୍ରଧାନମନ୍ତ୍ରୀ ନିଯୁକ୍ତ କରିଛନ୍ତି। ଏହା ମାକ୍ରନଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ପଞ୍ଚମ ପ୍ରଧାନମନ୍ତ୍ରୀ ନିଯୁକ୍ତି। ବ୍ୟୟ କମାଇବା ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ଏବଂ ଯୁବବର୍ଗଙ୍କୁ ନିରାଶ କରିବା ଭଳି ପଦକ୍ଷେପ ଯୋଗୁଁ ସମଗ୍ର ଦେଶ ଏବେ ହିଂସା ଆଡ଼କୁ ମୁହାଁଇଛି ବୋଲି ବିରୋଧୀ ଦଳ ନେତାମାନେ କହିଛନ୍ତି।

## ୟେମେନରେ ପୁଣି ଇସ୍ରାଏଲର ଆକ୍ରମଣ, ୯ ମୃତ

ସନା: କତର୍ ରାଜଧାନୀ ଦୋହାରେ ହମାସ ନେତାମାନଙ୍କୁ ଟାର୍ଗେଟ କରିବାର ଗୋଟିଏ ଦିନ ପରେ ୟେମେନର ରାଜଧାନୀ ସନାରେ ଆଜି ଇସ୍ରାଏଲ୍ କ୍ଷେପଣାସ୍ତ୍ର ମାଡ଼ କରିଛି। ଏଥିରେ ଅତି କମ୍ ?ରେ ନଅ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଶତାଧିକ ଆହତ ହୋଇଛନ୍ତି। ୟେମେନର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯେ ସନା ଏବଂ ଅଲ-



ଜାଫ୍ ଉପରେ ଇସ୍ରାଏଲ୍ କରିଥିବା ଆକ୍ରମଣରେ ୧୧୮ ଆହତଙ୍କ ମଧ୍ୟରୁ ୨୦ରୁ ଅଧିକ ଲୋକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଉଦ୍ଧାରକାରୀ ଦଳ ଅନ୍ୟ ପୀଡିତଙ୍କ ସନ୍ଧାନ ଜାରି ରଖିଥିବାରୁ ମୃତାହତଙ୍କ ସଂଖ୍ୟା ବୃଦ୍ଧି ପାଇପାରେ ବୋଲି କୁହାଯାଇଛି। ଏୟାର ଷ୍ଟ୍ରାଇକ୍‌ରେ ୨ଟି ବଡ଼ କୋଠା ଧ୍ୱଂସ ହୋଇଯାଇଛି ଏବଂ ଅନେକ ଯାନବାହନ କ୍ଷତିଗ୍ରସ୍ତ ହୋଇଛି। ହୁତି ପରିଚାଳିତ ଅଲ୍ ମାସିରା ଟିଭି ଅନୁଯାୟୀ, ଏହି ଚଢ଼ଉ ଦକ୍ଷିଣ-ପଶ୍ଚିମ ସନାରେ ଥିବା ସ୍ୱାସ୍ଥ୍ୟ ଓ ସାଧାରଣ ପ୍ରଶାସନ କୋଠାକୁ ଟାର୍ଗେଟ୍ କରି କରାଯାଇଛି। ଏକ ବିବୃତିରେ ଇସ୍ରାଏଲ ସେନା ଏହି ଆକ୍ରମଣକୁ ନିଶ୍ଚିତ କରି କହିଛି ଯେ ହୁତି ବିଦ୍ରୋହୀଙ୍କ କମାଣ୍ଡ ସେଣ୍ଟର୍ ଓ ପ୍ରଚାର କେନ୍ଦ୍ରକୁ ଟାର୍ଗେଟ୍ କରି ଆମେ ଆକ୍ରମଣ କରିଛୁ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି, କିଛି ଦିନ ପୂର୍ବରୁ ଇସ୍ରାଏଲର ରାମୋନ୍ ବିମାନବନ୍ଦର ଉପରେ ହୁତି ଡ୍ରୋନ୍ ଆକ୍ରମଣର ଜବାବରେ ଏହି ଆକ୍ରମଣ ହୋଇଛି।

## ମେକ୍ସିକୋ ସିଟିରେ ଗ୍ୟାସ୍ ବିସ୍ଫୋରଣ: ଟଳିପଡ଼ିଲା ୩ ଜୀବନ

ନୂଆଦିଲ୍ଲୀ: ମେକ୍ସିକୋ ସିଟିରେ ଘଟିଯାଇଛି ଏକ ଭୟଙ୍କର ବିସ୍ଫୋରଣ। ମେକ୍ସିକୋ ସିଟିର ଏକ ପ୍ରମୁଖ ରାଜପଥରେ ଏକ ଗ୍ୟାସ ଟ୍ୟାଙ୍କର୍ ବିସ୍ଫୋରଣ ହେବା ଫଳରେ ୩ ଜଣଙ୍କ ଜୀବନ ଯାଇଛି। ଏହି ବିସ୍ଫୋରଣରେ ୭୦ ଜଣ ଲୋକ ଆହତ ହୋଇଛନ୍ତି। ସେ ଏହି ଘଟଣାକୁ 'ଜରୁରୀକାଳୀନ' ବୋଲି ଉଲ୍ଲେଖ କର ?ାଯାଇଛି। ଯେଉଁଥିରେ ୧୮ଟି ଗାଡ଼ି ଜଳିଯାଇଛି। ମେକ୍ସିକୋର ମେୟର ସୂଚନା ଦେଇଛନ୍ତି ଯେ ଏହି ଘଟଣାର ତଦନ୍ତ ଚାଲିଛି, ଏହା ମଧ୍ୟ ମନେ ହେଉଛି ଯେ ଗ୍ୟାସ୍ ?ଟ୍ୟାଙ୍କର୍‌କୁ ନେଇ ଯାଉଥିବା ଟ୍ରକଟି ହାଇୱେରେ ଓଲଟି ପଡ଼ିବା ପରେ ବିସ୍ଫୋରଣ ଘଟିଥିଲା।ଏହି ଘଟଣାକୁ ନେଇ ଏକ ହୃଦୟଥରା କ୍ଲିପ୍ ମଧ୍ୟ ଅନଲାଇନରେ ଭାଇରାଲ ହୋଇଛି। ଗତକାଲି ଏହି ଘଟଣା ଘଟିଥିଲା । ଆହତଙ୍କ ମଧ୍ୟରୁ ୧୯ ଜଣଙ୍କର ଅବସ୍ଥା ଗୁରୁତର ରହିଛି । ବିସ୍ଫୋରଣଟି ମେକ୍ସିକୋ ସିଟିର ଇଜତାପାଲାପା, ଚାଲ୍କୋ ଓ ଇଗ୍ନାସିଓ ଜାରାଗୋଜାରେ ଥିବା ଜାତୀୟ ରାଜପଥ ନିକଟରେ ଘଟିଛି ।

ଏହି ଦୁର୍ଘଟଣା ଗତ ଏକ ସପ୍ତାହରେ ମେକ୍ସିକୋ ଜାତୀୟ ରାଜପଥରେ ଘଟିଥିବା ଦ୍ୱିତୀୟ ବଡ଼ ଦୁର୍ଘଟଣା । ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଟ୍ୟାଙ୍କରଟି ଏଲ୍ ?ପିଜି ଗ୍ୟାସରେ ଭର୍ତ୍ତି ହୋଇଥିଲା ।

### ସର୍ବଭାରତୀୟସ୍ତରରେ ଏସ୍ଆଇଆର୍ ପ୍ରସ୍ତୁତି


## ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ସହ ବିଚାରବିମର୍ଶ

ନୂଆଦିଲ୍ଲୀ: ସାରା ଭାରତରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସ୍ଆଇଆର) ପ୍ରକ୍ରିୟା ଅକ୍ଟୋବରରୁ ଆରମ୍ଭ ହୋଇପାରେ ବୋଲି ନିର୍ବାଚନ କମିସନଙ୍କ ସୂତ୍ରରୁ ଜଣାପଡ଼ିଛି। ଏ ବାବଦ ପ୍ରସ୍ତୁତି ଉପରେ ଆଲୋଚନା କରିବା ନିମନ୍ତେ ନିର୍ବାଚନ ଆୟୋଗ ରାଜ୍ୟ ଅଧିକାରୀମାନଙ୍କ ସହ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଏହି ବୈଠକରେ ବିହାରର ମୁଖ୍ୟ ନିର୍ବାଚନ ଅଧିକାରୀ ଏସ୍ଆଇଆର୍ କାର୍ଯ୍ୟକାରୀ କରିବାରେ ରାଜ୍ୟର ଅଭିଜ୍ଞତା ବାଣ୍ଟିଛନ୍ତି। ଫେବ୍ରୁଆରିରେ ଜ୍ଞାନେଶ କୁମାର ମୁଖ୍ୟ ନିର୍ବାଚନ କମିସନର ଭାବରେ ଦାୟିତ୍ୱ ଗ୍ରହଣ କରିବା ପରେ ସିଇଓଙ୍କର ଏହା ହେଉଛି ତୃତୀୟ ବୈଠକ। ସର୍ବଭାରତୀୟ ଏସ୍ଆଇଆର୍‌ର ପ୍ରସ୍ତୁତି ଉପରେ ଆଜି ବିସ୍ତୃତ ଆଲୋଚନା ହୋଇଥିବା ବେଳେ ଅଧିକାରୀମାନେ ବିଭିନ୍ନ ରାଜ୍ୟ ସଂପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ। ବିହାର ପରେ ସାରା ଦେଶରେ ଏସ୍ଆଇଆର୍ କାର୍ଯ୍ୟକାରୀ ହେବ ବୋଲି ଆୟୋଗ ନିଶ୍ଚିତ କରିଥିବାରୁ ଅକ୍ଟୋବର ସୁଦ୍ଧା ଏହା ଆରମ୍ଭ କରିବାକୁ ତତ୍ପରତା ପ୍ରକାଶ ପାଇଛି।

୨୦୨୬ରେ ଆସାମ, କେରଳ, ପୁଡୁଚେରୀ, ତାମିଲନାଡୁ ଓ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ପୂର୍ବରୁ ଚଳିତ ବର୍ଷ ଶେଷ ଭାଗରେ ଏହି ପ୍ରକ୍ରିୟା ଆରମ୍ଭ ହେବ ବୋଲି ସୂଚନା ମିଳିଛି। ସ୍ୱତନ୍ତ୍ର ସଂଶୋଧନର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ବିଦେଶୀ ବେଆଇନ ପ୍ରବାସୀମାନଙ୍କୁ ସେମାନଙ୍କର ଜନ୍ମସ୍ଥାନ ଯାଞ୍ଚ କରି ତାଲିକାରୁ ବାଦ୍ ଦେବା। ବିଭିନ୍ନ ରାଜ୍ୟରେ ବାଂଲାଦେଶ ଓ ମିଆଁମାର ସମେତ ବେଆଇନ ବିଦେଶୀ ପ୍ରବାସୀଙ୍କ ବିରୋଧରେ କଟକଣା ଜାରି ରହିଥିବା ବେଳେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ। ନିର୍ବାଚନ ଅଧିକାରୀମାନେ ଏକ ତ୍ରୁଟିମୁକ୍ତ ଭୋଟର ତାଲିକା ନିଶ୍ଚିତ କରିବାକୁ ଘରକୁ ଘର ବୁଲି ଯାଞ୍ଚ କରିବେ। ବିଜେପିକୁ ସାହାଯ୍ୟ କରିବା ପାଇଁ ନିର୍ବାଚନ କମିସନ ଭୋଟରଙ୍କ ତଥ୍ୟରେ ଜାଲିଆତି କରିଛନ୍ତି ବୋଲି ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିବା ଭିତରେ ବେଆଇନ ପ୍ରବାସୀମାନଙ୍କୁ ଭୋଟର ତାଲିକାରୁ ହଟାଇବା ପାଇଁ ନିର୍ବାଚନ ଆୟୋଗ

## ନେପାଳ ଓ ବାଂଲାଦେଶ ପ୍ରସଙ୍ଗ ଉଲ୍ଲେଖ କଲେ ସୁପ୍ରିମ୍‌କୋର୍ଟ: 'ପଡ଼ୋଶୀ ରାଷ୍ଟ୍ରକୁ ଦେଖନ୍ତୁ'

ନୂଆଦିଲ୍ଲୀ: ସୁପ୍ରିମ୍ ? କୋର୍ଟ ଆଜି ଏକ ଶୁଣାଣି ସମୟରେ ଭାରତୀୟ ସଂବିଧାନର ମହତ୍ତ୍ୱ ଉପରେ ଆଲୋକପାତ କରି ପଡ଼ୋଶୀ ଦେଶ ନେପାଳ ଓ ବାଂଲାଦେଶରେ ଚାଲିଥିବା ରାଜନୈତିକ ଅଶାନ୍ତିର ଉଦାହରଣ ଦେଇଛନ୍ତି। ପ୍ରଧାନ ବିଚାରପତି ବିଆର୍ ଗଓ୍ୱାଇ ତାଙ୍କ ମନ୍ତବ୍ୟରେ କହିଛନ୍ତି, 'ଆମେ ଆମ ସଂବିଧାନକୁ ନେଇ ଗର୍ବ କରୁଛୁ, ପଡ଼ୋଶୀ ଦେଶଗୁଡ଼ିକରେ କ'ଣ ଚାଲିଛି ଦେଖନ୍ତୁ।' ରାଷ୍ଟ୍ରପତିଙ୍କ ରେଫରେନ୍ସ ସହ ଜଡ଼ିତ ଏକ ମାମଲାର ଶୁଣାଣି ସମୟରେ ପ୍ରଧାନବିଚାରପତି ଏଭଳି ମନ୍ତବ୍ୟ ରଖିଛନ୍ତି। ସୂଚନାଯୋଗ୍ୟ, ରାଷ୍ଟ୍ରପତି ଓ ରାଜ୍ୟପାଳମାନଙ୍କୁ ବିଧାନସଭା ଦ୍ୱାରା ପାସ୍ ହୋଇଥିବା ବିଲ୍‌ଗୁଡ଼ିକୁ ଅନୁମୋଦନ କରିବା ପାଇଁ ସମୟସୀମା



ନିର୍ଦ୍ଧାରଣ କରିବା ମାମଲାରେ ପ୍ରଧାନ ବିଚାରପତିଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଶୁଣାଣି କରୁଛନ୍ତି।

ଆଜିର ଶୁଣାଣିରେ ସଲିସିଟର୍ ଜେନେରାଲ୍ ତୁଷାର ମେହେଟା ଉଲ୍ଲେଖ କରିଥିଲେ ଯେ ପ୍ରାୟ ୯୦% ବିଲ୍ ରାଜ୍ୟପାଳମାନେ ଏକ ମାସ ମଧ୍ୟରେ ଅନୁମୋଦନ କରିଛନ୍ତି। ତେବେ ପ୍ରଧାନ ବିଚାରପତି ଏହି ପରିସଂଖ୍ୟାନକୁ ବିବେଚନା କରିବାକୁ ମନା କରି କହିଛନ୍ତି, ଆମେ ପରିସଂଖ୍ୟାନ ନେବୁ ନାହିଁ, ଏହା ଆବେଦନକାରୀ ରାଜ୍ୟମାନଙ୍କ ପ୍ରତି ନ୍ୟାୟୋଚିତ ହେବ ନାହିଁ। ଆମେ ସେମାନଙ୍କ ପରିସଂଖ୍ୟାନ ମଧ୍ୟ ଗ୍ରହଣ କରିନାହୁଁ ବୋଲି ପ୍ରଧାନବିଚାରପତି କହିଛନ୍ତି। ଶୁଣାଣି ସମୟରେ କୋର୍ଟ ପଡ଼ୋଶୀ ଦେଶଗୁଡ଼ିକରେ ଚାଲିଥିବା ଅଶାନ୍ତିକୁ ନେଇ ମନ୍ତବ୍ୟ ରଖିଥିଲେ। ନେପାଳରେ ଜେନ୍ ଜେଡ୍ (ଯୁବ ପିଢ଼ି) ନେତୃତ୍ୱାଧୀନ ଆନ୍ଦୋଳନ ସରକାରର ପତନ ଘଟାଇଛି। ଏହି ହିଂସାତ୍ମକ ଆନ୍ଦୋଳନ ସରକାରଙ୍କ ଦ୍ୱାରା ୨୬ଟି ସୋସିଆଲ୍ ମିଡିଆ ସାଇଟ୍ ଉପରେ ପ୍ରତିବନ୍ଧକ ଲଗାଇବାରୁ ଆରମ୍ଭ ହୋଇଥିଲା।

ଆନ୍ଦୋଳନକାରୀମାନେ ଶାସକ ଦଳ ଓ ବିରୋଧୀ ଦଳ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣି ଭୀଷଣ ଆକ୍ରମଣ ଓ ପୋଡ଼ାଜଳା କରିଛନ୍ତି। ସେହିପରି ବାଂଲାଦେଶରେ ଯୁବଗୋଷ୍ଠୀର ହିଂସାତ୍ମକ ଆନ୍ଦୋଳନ କିଭଳି ଶେଖ ହାସିନାଙ୍କ ସରକାରର ପତନ ଘଟାଇଥିଲା ସେ ସଂପର୍କରେ ମଧ୍ୟ ଖଣ୍ଡପୀଠ ଉଲ୍ଲେଖ କରିଥିଲେ। ସୂଚନାଯୋଗ୍ୟ, ବାଂଲାଦେଶ ଆନ୍ଦୋଳନ ଛାତ୍ର କୋଟା ବ୍ୟବସ୍ଥା ବିରୋଧରୁ ଆରମ୍ଭ ହୋଇ ସରକାର ବିରୋଧରେ ବ୍ୟାପିଥିଲା, ଯେଉଁଥିରେ ଶହ ଶହ ଲୋକଙ୍କ ମୃତ୍ୟୁ ଘଟିଥିଲା। ଅନ୍ତର୍ଜାତୀୟ ଚାପ ଓ ସେନା ହସ୍ତକ୍ଷେପ ପରେ ସେଠାରେ ଏବେ ଏକ ଅନ୍ତରୀଣ ସରକାର କାମ କରୁଛି। ସୁପ୍ରିମ୍‌କୋର୍ଟଙ୍କ ଆଜିର ମନ୍ତବ୍ୟ ଭାରତୀୟ ସଂବିଧାନର ସ୍ଥିରତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଆଲୋକପାତ କରୁଛି। ଭାରତରେ କୃଷକ ଆନ୍ଦୋଳନ ଓ ସିଏଏ-ଏନ୍ଆରସି ଭଳି ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ଭାବେ ସମାଧାନ ହୋଇଛି, ଯାହା ଭାରତୀୟ ଲୋକତନ୍ତ୍ରର ଶକ୍ତି ଦର୍ଶାଉଛି।

# ଭାରତ-ପାକିସ୍ତାନ ମ୍ୟାଚ୍ ପାଇଁ ବିକ୍ରି ହୋଇପାରୁନି ଟିକେଟ




ନୂଆଦିଲ୍ଲୀ: ୧୪ ସେପ୍ଟେମ୍ବର, ରବିବାର ଦିନ, ଏସିଆ କପରେ ଭାରତ ବନାମ ପାକିସ୍ତାନ ମ୍ୟାଚ୍ ଖେଳାଯିବ। ସାଧାରଣତଃ, ଭାରତ-ପାକିସ୍ତାନ ମ୍ୟାଚ୍ ପାଇଁ ଟିକେଟ୍ କିଛି ଘଣ୍ଟା ମଧ୍ୟରେ ବିକ୍ରି ହୋଇଯାଏ, କିନ୍ତୁ ଏହା ଦେଖାଯାଉଛି ଯେ ୧୪ ସେପ୍ଟେମ୍ବରରେ ହେବାକୁ ଥିବା ମ୍ୟାଚ୍ ପାଇଁ ପ୍ରଶଂସକଙ୍କ ମଧ୍ୟରେ କୌଣସି କ୍ରେଜ୍ ନାହିଁ। ଏହି ମ୍ୟାଚ୍‌ର ସମସ୍ତ ଟିକେଟ୍ ଏପର୍ଯ୍ୟନ୍ତ ବିକ୍ରି ହୋଇନାହିଁ, ଏହାର ମୁଖ୍ୟ କାରଣ ହେଉଛି ଟିକେଟ୍ ମୂଲ୍ୟ। ୨ଟି ଟିକେଟ୍ କିଣିବା ପାଇଁ ଲୋକଙ୍କୁ ୨.୫ ଲକ୍ଷ ଟଙ୍କା ଦେବାକୁ ପଡୁଛି।

ଯଦି ରିପୋର୍ଟଗୁଡ଼ିକୁ ବିଶ୍ୱାସ କରାଯାଏ, ତେବେ ଅଧିକ ଟିକେଟ୍ ମୂଲ୍ୟ ବିକ୍ରୟକୁ ପ୍ରଭାବିତ କରିଛି। ଦୁଇଟି ଭିଆଇପି ଟିକେଟ୍ ମୂଲ୍ୟ ୨.୫ ଲକ୍ଷ ଟଙ୍କା। ଏହି ଟିକେଟ୍ କିଣିବା ସମୟରେ, ଆପଣଙ୍କୁ ଖାଦ୍ୟ ଏବଂ ପାନୀୟ ମିଳିବ। ଏହି ଟିକେଟ୍ କିଣିବା ସମୟରେ, ଆପଣଙ୍କୁ ପାର୍କିଂ ପାସ୍, ଭିଆଇପି ଲାଉଞ୍ଜ ଏବଂ ଶୌଚାଳୟ ସୁବିଧା ମଧ୍ୟ ମିଳିବ।

ଯଦି ରିପୋର୍ଟଗୁଡ଼ିକୁ ବିଶ୍ୱାସ କରାଯାଏ, ତେବେ ରୟାଲ୍ ବକ୍ସରେ ଟିକେଟ୍ ମୂଲ୍ୟ ୨.୩ ଲକ୍ଷ ଟଙ୍କା, ସ୍କାଏ ବକ୍ସ ପାଇଁ ଆପଣଙ୍କୁ ୧.୬ ଲକ୍ଷ ଟଙ୍କା ଦେବାକୁ ପଡିବ। ପ୍ଲାଟିନମ ଟିକେଟ୍ ମୂଲ୍ୟ ମଧ୍ୟ ଆକାଶ ଛୁଆଁ, ଯାହା ୭୫,୬୫୯ ଟଙ୍କାରେ ଉପଲବ୍ଧ। ସବୁଠାରୁ ଶସ୍ତା ଟିକେଟ ବିଷୟରେ କହିବାକୁ ଗଲେ, ଦୁଇଟି ସିଟ୍ ବୁକ୍ କରିବା ପାଇଁ ଆପଣଙ୍କୁ ପ୍ରାୟ ୧୦,୦୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ତେବେ ଏନେଇ ଏମିରେଟ୍ସ କ୍ରିକେଟ୍ ବୋର୍ଡର ଜଣେ ଅଧିକାରୀ କହିଛନ୍ତି ଯେ ଭାରତ-ପାକିସ୍ତାନ ମ୍ୟାଚ୍ ପାଇଁ ଟିକେଟ୍ କମ ବିକ୍ରି ହେବା ସମସ୍ତ ଅଧିକାରୀଙ୍କୁ ଆଶ୍ଚର୍ଯ୍ୟ କରିଛି। ସେ କହିଛନ୍ତି ଯେ ଚାମ୍ପିଅନ୍ସ ଟ୍ରଫି ପାଇଁ ଟିକେଟ୍ ମାତ୍ର ୪ ମିନିଟ୍ ମଧ୍ୟରେ ବିକ୍ରି ହୋଇଥିଲା, କିନ୍ତୁ ଏଥର ପରିସ୍ଥିତି ବହୁତ ଖରାପ। ଅଧିକାରୀ ଆଶଙ୍କା ପ୍ରକାଶ କରି କହିଛନ୍ତି ଯେ କମ ଟିକେଟ ବିକ୍ରି ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ଅନୁପସ୍ଥିତି ହେତୁ ହୋଇପାରେ।

ଆପଣଙ୍କୁ ଜଣାଇ ଦେଉଛୁ ଯେ ଟିମ୍ ଇଣ୍ଡିଆ ଏସିଆ କପ୍ ରେ ଏହାର ପ୍ରଥମ ମ୍ୟାଚ୍ ୧୦ ସେପ୍ଟେମ୍ବରରେ ୟୁଏଇ ସହିତ ଖେଳିଥିଲା, ଯେଉଁଥିରେ ଏହା ୯ ୱିକେଟରେ ଜିତିଥିଲା। ଏବେ ଭାରତର ଦ୍ୱିତୀୟ ମ୍ୟାଚ୍ ୧୪ ସେପ୍ଟେମ୍ବରରେ ପାକିସ୍ତାନ ସହିତ ହେବ।

# ଦୃଷ୍ଟିବାଧିତ ଭାରତୀୟ ମହିଳା ଟି୨୦ ବିଶ୍ୱକପ୍ ଦଳରେ ଓଡ଼ିଶାରୁ ୪

ଭୁବନେଶ୍ୱର,୧୧।୯: ଆସନ୍ତା ନଭେମ୍ବର ୧୧ରୁ ୨୫ ତାରିଖ ପର୍ଯ୍ୟନ୍ତ ହେବାକୁ ଯାଉଥିବା ଦୃଷ୍ଟିବାଧିତ ମହିଳା ଟି୨୦ ବିଶ୍ୱକପ୍ ପାଇଁ ଗୁରୁବାର ୧୬ ଜଣିଆ। ଭାରତୀୟ ଦଳ ଘୋଷଣା କରାଯାଇଛି ଦଳରେ ଓଡ଼ିଶାରୁ ୪ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଯମୁନା ରାଣୀ ଟୁଡୁ, ବାସନ୍ତି ହାଂସଦା, ଫୁଲ ସୋରେନ ଓ ପାର୍ବତୀ ମାଣ୍ଡି।

ଏଥିରେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନେପାଳ, ପାକିସ୍ତାନ, ଶ୍ରୀଲଙ୍କା ଓ ଆମେରିକା ଦଳ ଅଂଶଗ୍ରହଣ କରିବେ ଏହି ଟୁର୍ନାମେଣ୍ଟର ସମସ୍ତ ମ୍ୟାଚ୍ ନୂଆଦିଲ୍ଲୀ ଓ ବେଙ୍ଗାଲୁରୁରେ ଖେଳାଯିବ ଟୁର୍ନାମେଣ୍ଟରେ ପାକିସ୍ତାନ ଖେଳିବାକୁ ଥିବାରୁ କାଠମାଣ୍ଡୁକୁ ତୃତୀୟ ଭେନ୍ୟୁ ଭାବେ ଚୟନ କରାଯାଇଥିଲା।।

ହେଲେ ବର୍ତ୍ତମାନ ନେପାଳରେ ଦେଖାଦେଇଥିବା ପରିସ୍ଥିତି କାରଣରୁ ବିକଳ୍ପ ଭେନ୍ୟୁ ଖୋଜା ଯାଉଛି। ଏହି ବିଶ୍ୱକପ୍‌ରେ ୨୧ଟି



ଲିଗ୍ ମ୍ୟାଚ୍ ସହିତ ୩ଟି ନକ୍‌ଆଉଟ୍ ମ୍ୟାଚ୍ ଖେଳାଯିବ ସମଗ୍ର ଦେଶରେ କରାଯାଇଥିବା ଖେଳାଳିଙ୍କ ଖୋଜା ପ୍ରକ୍ରିୟାରେ ୫୬ ଜଣଙ୍କୁ ଚୟନ କରାଯାଇଥିଲା। କଠିନ ଟ୍ରେନିଂ ଓ ଚୟନ ଶିବିର ପରେ ସେମାନଙ୍କ ମଧ୍ୟରୁ ୧୬ ଜଣିଆ। ଦଳ ଘୋଷଣା କରାଯାଇଛି। ପୂର୍ବରୁ ୨୦୨୩ ଆଇବିଏସ୍‌ଏ ୱାଲର୍ଡ ଗେମ୍ସରେ ଦୃଷ୍ଟି ବାଧିତ ମହିଳା ଗେମ୍ସ ପଦାର୍ପଣ କରିଥିବା ବେଳେ ଭାରତୀୟ ଦଳ ସ୍ୱର୍ଣ୍ଣ ପଦକ ଜିତି ଦେଶକୁ ଗର୍ବିତ କରିଥିଲା ବି୧ କ୍ୟାଟେଗୋରି: ସିମୁ ଦାସ, ପି କରୁଣା କୁମାରୀ, ଅନୁ କୁମାରୀ, ଯମୁନା ରାଣୀ ଟୁଡୁ, କାଭ୍ୟା ଭି ବି୨ କ୍ୟାଟେଗୋରି: ଅନେଖା ଦେବୀ, ବାସନ୍ତି ହାଂସଦା, ସିମରନଜୀତ କୌର, ସୁନିତା ସରାଥେ, ପାର୍ବତୀ ମାଣ୍ଡି ବି୩ କ୍ୟାଟେଗୋରି: ଦୀପିକା ଟି ସି (ଅଧିନାୟିକା), ଫୁଲ ସୋରେନ, ଗଙ୍ଗା ଏସ୍ କଦମ (ଉପ ଅଧିନାୟିକା), କାଭ୍ୟା ଏନ୍ ଆର, ସୁଷମା ପଟେଲ, ଦୁର୍ଗା ୟେଭଲେ ଖେଳାଳିଙ୍କ ପୂର୍ବ ପ୍ରଦର୍ଶନ ଆଧାରରେ ଅଧିନାୟିକା ଓ ଉପଅଧିନାୟିକା ଚୟନ କରାଯାଇଛି।

# ଟ୍ୱେଣ୍ଟି-୨୦ ବିଶ୍ୱକପରେ ୨୦ ଦଳ

ଦୁବାଇ: ଆସନ୍ତାବର୍ଷ ଭାରତ ଓ ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ୨୦୨୬ ଟ୍ୱେଣ୍ଟି-୨୦ ଲାଗି ଆଇସିସି ପ୍ରସ୍ତୁତି ଆରମ୍ଭ କରି ଦେଇଛି। ଆସନ୍ତା ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ୨୦ଟି ଦଳ ଅଂଶଗ୍ରହଣ କରିବା ଏକପ୍ରକାର ନିଶ୍ଚିତ ଥିଲା ବେଳେ ଫେବ୍ରୁଆରି ୭ରୁ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଏହି ବହୁରାଷ୍ଟ୍ରୀୟ ପ୍ରତିଯୋଗିତାକୁ ଆୟୋଜନ କରିବାକୁ ଆଇସିସି ନୀତିଗତ ନିଷ୍ପତ୍ତି ନେଇ ସାରିଥିବା ଜଣାପଡିଛି। ଉଭୟ ଭାରତ ଓ ଶ୍ରୀଲଙ୍କାକୁ ମିଶାଇ ମୋଟ ପାଞ୍ଚଟି ସ୍ଥାନରେ ବିଶ୍ୱକପ୍‌ର ଏହି ସଂସ୍କରଣ ଖେଳାଯିବ। ପାକିସ୍ତାନର ଖେଳିବାକୁ ଆଖି ଆଗରେ ରଖି ଫାଇନାଲ୍ ଅହମଦାବାଦ କିମ୍ବା କଲମ୍ବୋରେ ଆୟୋଜିତ ହେବ। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା ଏବଂ ତା'ପରେ ହୋଇଥିବା ଅପରେସନ୍ ସିନ୍ଦୂର ପରେ ଭାରତ ଓ ପାକିସ୍ତାନ ପରସ୍ପର ବିପକ୍ଷରେ ଖେଳିବାକୁ ଅମଙ୍ଗ ହେଉଛନ୍ତି। ହାଇବ୍ରିଡ୍ ମଡେଲକୁ ସମାଧାନର ବାଟ ଭାବେ ନିଆଯାଇଛି। ଚଳିତ ଏସିଆ କପ୍‌ରେ ସେଥିପାଇଁ ଉଭୟ ଦଳ ନିରପେକ୍ଷ ସ୍ଥାନ ୟୁଏଇରେ ମ୍ୟାଚ୍ ଖେଳୁଛନ୍ତି। ତଦନୁଯାୟୀ ଯଦି ପାକିସ୍ତାନ ଫାଇନାଲ୍ ଯାଏ, ତାହେଲେ ଏହି ମ୍ୟାଚ୍ କଲମ୍ବୋରେ ଖେଳାଯିବ। ଅନ୍ୟଥା ଅହମଦାବାଦରେ ଖେଳାଯିବ। ଏହି ବିଷୟରେ ଆଇସିସି ଆସନ୍ତା କିଛି ଦିନ ମଧ୍ୟରେ





ଆନୁଷ୍ଠାନିକ ଘୋଷଣା କରିବାର ସମ୍ଭାବନା ରହିଛି। ସଂପ୍ରତି ଭାରତ, ଶ୍ରୀଲଙ୍କା, ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ୟୁଏସ୍‌ଏ, ୱେଷ୍ଟଇଣ୍ଡିଜ୍, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଆୟର୍ଲାଣ୍ଡ, କାନାଡା, ନେଦରଲାଣ୍ଡ୍‌ସ ଓ ଇଟାଲି ଭଳି ୧୫ଟି ଦଳ ୨୦୨୬ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଲାଗି ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ୟୁରୋପୀୟ ଦେଶ ଇଟାଲି ପ୍ରଥମ ଥର ଲାଗି ବିଶ୍ୱକପ୍ ଲାଗି ଯୋଗ୍ୟତା ହାସଲ କରି ଇତିହାସ ରଚିଛି। ଅବଶିଷ୍ଟ ୫ଟି ଦଳ ମଧ୍ୟରୁ ଦୁଇଟି ଆଫ୍ରିକୀୟ ଏବଂ ତିନିଟି ଏସିଆ ପାସିଫିକ୍ ଯୋଗ୍ୟତା ପର୍ଯ୍ୟାୟରୁ ବଛାହେବେ।

ଏହି ବିଶ୍ୱକପ୍‌ର ଫର୍ମାଟ୍ ୨୦୨୪ରେ ୱେଷ୍ଟଇଣ୍ଡିଜ୍ ଓ ଆମେରିକାରେ ଆୟୋଜିତ ହୋଇଥିବା ୨୦୨୪ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ସହ ସମାନ ରହିବ। ୨୦ଟି ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ପ୍ରତି ଗ୍ରୁପ୍‌ରେ ୫ଟି ଦଳ ରହିବେ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ସୁପର-୮କୁ ଉନ୍ନୀତ ହେବେ। ସୁପର-୮ରେ ଦୁଇଟି ଗ୍ରୁପ୍‌ରେ ଚାରିଟି ଲେଖାଏଁ ଦଳ ସ୍ଥାନ ପାଇବେ। ଉଭୟ ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲ୍ ଟିକେଟ ହାସଲ କରିବେ। ଗତ ସଂସ୍କରଣରେ ଦକ୍ଷିଣ ଆଫ୍ରିକାକୁ ହରାଇ ଭାରତ ବିଜେତା ହୋଇଥିଲା। ସେହି ପ୍ରତିଯୋଗିତାରେ ୫୫ ମ୍ୟାଚ୍ ଖେଳାଯାଇଥିଲା। ଏଥର ମଧ୍ୟ ସେହି ୫୫ ମ୍ୟାଚ୍ ଖେଳାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଭାରତ ଶେଷ ଥର ଲାଗି ୨୦୧୬ ଏବଂ ଶ୍ରୀଲଙ୍କା ୨୦୧୨ରେ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଆୟୋଜନ କରିଥିଲା। ଆସନ୍ତାବର୍ଷର ପ୍ରଥମ ୪ ମାସରେ କିନ୍ତୁ ଭାରତ ଏକାଧିକ ପ୍ରତିଯୋଗିତା ଆୟୋଜନ କରିବ। ଜାନୁଆରି-ଫେବ୍ରୁଆରିରେ ଡବ୍ଲ୍ୟୁପିଏଲ୍ ଖେଳାଯିବା ପରେ ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍, ତା'ପରେ ଆଇପିଏଲ୍ ଖେଳାଯିବ। ଭାରତ ମଧ୍ୟ ଘରୋଇ ପରିବେଶରେ ଜାନୁଆରି ୧୧ରୁ ୩୧ ମଧ୍ୟରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଦିନିକିଆ ଓ ଟ୍ୱେଣ୍ଟି-୨୦ ଶୃଙ୍ଖଳା ଖେଳିବ।

# ଗମ୍ଭୀରଙ୍କ ନାମରେ ଗୁରୁତର ଅଭିଯୋଗ ଆଣିଲେ ଅଶ୍ୱିନ

ନୂଆଦିଲ୍ଲୀ,୧୧।୯: ଭାରତୀୟ ଦଳର ଏସିଆ କପ୍ ୨୦୨୫ ଯାତ୍ରା ଆରମ୍ଭ ହୋଇଛି। ବୁଧବାର, ୧୦ ସେପ୍ଟେମ୍ବରରେ ଖେଳାଯାଇଥିବା ମ୍ୟାଚ୍‌ରେ ୟୁନାଇଟେଡ୍ ଆରବ ଏମିରେଟ୍ସ (ଟଇର)କୁ ପରାସ୍ତ କରି ଟିମ୍ ଇଣ୍ଡିଆ ଏସିଆ କପ୍‌ରେ ପ୍ରଥମ ବିଜୟ ହାସଲ କରିଛି। କିନ୍ତୁ ଏହି ବିଜୟ ପରେ, ଟିମ୍ ଇଣ୍ଡିଆର ସମୀକ୍ଷା କରିବା ସମୟରେ, ପୂର୍ବତନ କ୍ରିକେଟର ରବିଚନ୍ଦ୍ରନ ଅଶ୍ୱିନ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଗୌତମ ଗମ୍ଭୀରଙ୍କ ପ୍ରଶିକ୍ଷଣ ଉପରେ ପ୍ରଶ୍ନ ଉଠାଇଛନ୍ତି। ଅଶ୍ୱିନ ଗମ୍ଭୀରଙ୍କ ବିଷୟରେ କହିଛନ୍ତି ଯେ ଯେବେଠାରୁ ସେ ମୁଖ୍ୟ ପ୍ରଶିକ୍ଷକ ହୋଇଛନ୍ତି, ସେବେଠାରୁ ଅର୍ଶଦୀପ ସିଂହଙ୍କୁ ଦଳ ପାଇଁ ଖେଳିବାର ସୁଯୋଗ ଦିଆଯାଉନାହିଁ।

ପୂର୍ବତନ ଭାରତୀୟ କ୍ରିକେଟର ରବିଚନ୍ଦ୍ରନ ଅଶ୍ୱିନ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ କହିଛନ୍ତି ଯେ 'ଏହା ବହୁତ ଆଶ୍ଚର୍ଯ୍ୟଜନକ ଯେ ଅର୍ଶଦୀପ ସିଂହଙ୍କୁ ବାଦ ଦିଆଯାଇଛି, କିନ୍ତୁ ଏହା କିଛି ନୂଆ ନୁହେଁ। ଗୌତମ ଗମ୍ଭୀର



କୋଚିଂ ଆରମ୍ଭ କରିବା ଦିନଠାରୁ ଏହା ଚାଲିଛି। ଅର୍ଶଦୀପ ସିଂହ ସମଗ୍ର ଚାମ୍ପିଅନ୍ସ ଟ୍ରଫିରେ ଗୋଟିଏ ବି ମ୍ୟାଚ୍ ଖେଳି ନାହାଁନ୍ତି। ଏହା ମଧ୍ୟ ହୋଇପାରେ ଯେ ଦୁବାଇର ପରିସ୍ଥିତିକୁ ବିଚାର କରି ସେ ସ୍ପିନରମାନଙ୍କୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଗମ୍ଭୀର କେକେଆର (କୋଲକାତା ନାଇଟ୍ ରାଇଡର୍ସ) ପାଇଁ ଟାଇଟଲ୍ ଜିତିବା ପରେ ମଧ୍ୟ, ସେ ସମ୍ପୂର୍ଣ୍ଣ ଭାବରେ ସ୍ପିନରମାନଙ୍କ ସହିତ ଥିଲେ।

ରବିଚନ୍ଦ୍ରନ ଅଶ୍ୱିନ ଆହୁରି କହିଛନ୍ତି ଯେ ଏଭଳି ନିଷ୍ପତ୍ତି ଏକ ଭଲ ଦଳ ବିପକ୍ଷରେ କାମ କରିବ। ଏହା ବିପଦପୂର୍ଣ୍ଣ ମଧ୍ୟ ହୋଇପାରେ। ଅର୍ଶଦୀପ ଜଣେ ଭଲ ଖେଳାଳି, ସେ ବିଶ୍ୱକପରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ମଧ୍ୟ ଭଲ ପ୍ରଦର୍ଶନ କରିଥିଲେ। ଏପରି ଖେଳାଳିଙ୍କୁ ଦୀର୍ଘ ସମୟ ପାଇଁ ଦଳରୁ ବାହାରେ ରଖିବା ବହୁତ କଷ୍ଟକର ହୋଇପାରେ। ଅଶ୍ୱିନ ଆହୁରି କହିଛନ୍ତି ଯେ ମୁଁ ଜାଣିଛି ଯେ ଶିବମ୍ ଦୁବେ କିଛି ୱିକେଟ୍ ନେଇଛନ୍ତି, କିନ୍ତୁ ଏହା ଏପରି ବୋଲିଂ ନୁହେଁ ଯାହା ଉପରେ ମୁଁ ସନ୍ତୁଷ୍ଟ ହୋଇଯିବି।

## କୁଲଦୀପ ନମ୍ବରୱାନ୍ ବୋଲର

ୟୁଏଇ,୧୧।୯: ଭାରତୀୟ କ୍ରିକେଟ ଦଳ ଏସିଆ କପ ୨୦୨୫ରେ ଏକ ବିସ୍ଫୋରକ ଆରମ୍ଭ କରିଛି। ପ୍ରଥମ ମ୍ୟାଚ୍‌ରେ ଟିମ ଇଣ୍ଡିଆ ୯ ଉଇକେଟରେ ୟୁଏଇକୁ ପରାସ୍ତ କରିଛି। ଭାରତ ଏହି ମ୍ୟାଚ୍ ମାତ୍ର ୨୭ ବଲରେ ଜିତିଛି, ଯାହା ଏକ ରେକର୍ଡ। ଏହି ରେକର୍ଡ ବିଜୟ ବାମହାତୀ ସ୍ପିନର କୁଲଦୀପ ଯାଦବଙ୍କ ପାଇଁ ସମ୍ଭବ ହୋଇଥିଲା। ସେହି ଖେଳାଳିଙ୍କ ଦ୍ୱାରା ହୋଇଥିଲା ଯିଏ ଥରେ କ୍ରିକେଟ ଛାଡି ଆତ୍ମହତ୍ୟା କରିବାକୁ ଚାହୁଁଥିଲେ। ସେ ପ୍ଲେୟାର ଅଫ ଦି ମ୍ୟାଚ୍ ପୁରସ୍କାର ମଧ୍ୟ ଜିତିଥିଲେ। କୁଲଦୀପ ୟୁଏଇ ବିପକ୍ଷରେ ମାତ୍ର ୭ ରନ ଦେଇ ୪ ଉଇକେଟ ନେଇଥିଲେ। ଏହା ସହିତ ସେ ନମ୍ବର ୧ ହୋଇଥିଲେ।

କୁଲଦୀପ ଯାଦବ ମାତ୍ର ୭ ରନ ଦେଇ ୪ ଉଇକେଟ ନେଇ ଏସିଆ କପରେ ସର୍ବଶ୍ରେଷ୍ଠ ସ୍ପିନର ହୋଇଛନ୍ତି। ଏହି ଖେଳାଳି ପାକିସ୍ତାନୀ ସ୍ପିନର ଶାଦାବ ଖାନଙ୍କୁ ପଛରେ ପକାଇ ଦେଇଛନ୍ତି, ଯିଏ ୨୦୨୨ ମସିହାରେ ହଂକଂ ବିପକ୍ଷରେ ୮ ରନ ଦେଇ ୪ ଉଇକେଟ ନେଇଥିଲେ। ତେବେ ଏହି ରେକର୍ଡ ଭୁବନେଶ୍ୱର କୁମାରଙ୍କ ନାମରେ ଅଛି, ଯିଏ ୨୦୨୨ରେ ଆଫଗାନିସ୍ତାନ ବିପକ୍ଷରେ ୪ ରନ ଦେଇ ୫ ଉଇକେଟ ନେଇଥିଲେ। କୁଲଦୀପ ଯାଦବ ଏକ ସାକ୍ଷାତକାରରେ ପ୍ରକାଶ କରିଥିଲେ, ଯେତେବେଳେ ସେ ୧୩ ବର୍ଷ ବୟସର ଥିଲେ, ସେତେବେଳେ ତାଙ୍କର ଆତ୍ମହତ୍ୟା କରିବାର ଚିନ୍ତା ଆସିଥିଲା। ଏହି ଖେଳାଳି ୟୁପିର ୧୫ ବର୍ଷରୁ କମ ଦଳରେ ସ୍ଥାନ ପାଇବା ପାଇଁ ସର୍ବଶ୍ରେଷ୍ଠ ଚେଷ୍ଟା କରୁଥିଲେ, କିନ୍ତୁ ତାଙ୍କର ପ୍ରଦର୍ଶନ ଭଲ ନ ଥିଲା, ଯାହା ପରେ ସେ ବହୁତ ନିରାଶ ହୋଇଗଲେ ଏବଂ ତାଙ୍କ ମନରେ ଆତ୍ମହତ୍ୟା କରିବାର ଚିନ୍ତା ଆସିବା ଆରମ୍ଭ ହେଲା। ତଥାପି, କୁଲଦୀପ ସେହି ଚିନ୍ତାଧାରା ଛାଡି କଠିନ ପରିଶ୍ରମ କଲେ ଏବଂ ଆଜି ଏହି ଖେଳାଳି ଶୀର୍ଷରେ ଅଛନ୍ତି।

# ଭାରତ ଓ ପାକିସ୍ତାନ ମ୍ୟାଚ୍‌କୁ ନେଇ ଭବିଷ୍ୟବାଣୀ କଲେ କପିଲଦେବ



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ କପିଲ ଦେବଙ୍କ ଭବିଷ୍ୟବାଣୀ ଚର୍ଚ୍ଚାରେ ରହିଛି।ରବିବାର ଭାରତ ଏବଂ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ସମ୍ପର୍କିତ ପ୍ରଶ୍ନରେ ପୂର୍ବତନ ଅଧିନାୟକ କପିଲ ଦେବ କହିଛନ୍ତି, 'ଖେଳାଳିମାନଙ୍କର କାମ କେବଳ ଖେଳିବା। ସେମାନଙ୍କୁ କିଛି କହିବାର ଆବଶ୍ୟକତା ନାହିଁ। ସେମାନେ ଖେଳିବାକୁ ଯାଇଛନ୍ତି। ଜିତିକି ଫେରି ଆସନ୍ତୁ, ଯାହା କିଛି କହିବାକୁ କିମ୍ବା କରିବାକୁ ପଡିବ, ସରକାର ନିଜ ସ୍ତରରେ କରୁଛନ୍ତି।'ଭାରତ ଏବଂ ପାକିସ୍ତାନ ମଧ୍ୟରେ ରବିବାର ଏସିଆ କପ୍ ୨୦୨୫ର ଲିଗ୍ ମ୍ୟାଚ୍ ଖେଳାଯିବ। ଏହାପରେ ଉଭୟ ଦଳ ୨୧ସେପ୍ଟେମ୍ବରରେ ଫାଇନାଲରେ ମଧ୍ୟ ପରସ୍ପର ସହିତ ମୁହାଁମୁହିଁ ହୋଇପାରନ୍ତି। ବର୍ତ୍ତମାନ ଭାରତ-ପାକିସ୍ତାନ ମ୍ୟାଚ୍‌କୁ ନେଇ ଦେଶରେ ପ୍ରତିବାଦର ସ୍ୱର ଉଠିବାରେ ଲାଗିଛି। ଦେଶର ଅନେକ ସାମାଜିକ ଏବଂ ରାଜନୈତିକ ସଂଗଠନ ଏହି ମ୍ୟାଚ୍‌କୁ ବିରୋଧ କରିଛନ୍ତି।

ମନୋଜ ତିୱାରୀଙ୍କ ପରି ଅନେକ ପୂର୍ବତନ କ୍ରିକେଟର ମଧ୍ୟ ଭାରତ-ପାକିସ୍ତାନ ମ୍ୟାଚ୍ ଉପରେ ପ୍ରଶ୍ନ ଉଠାଇଛନ୍ତି। ବିଶ୍ୱ ଚାମ୍ପିଅନସିପ୍ ଅଫ୍ ଲିଜେଣ୍ଡସ୍ ୨୦୨୫ ସମୟରେ, ପୂର୍ବତନ ଭାରତୀୟ କିମ୍ବଦନ୍ତୀମାନେ ପାକିସ୍ତାନ ସହିତ ଖେଳିବାକୁ ମନା କରିଥିଲେ। ଏସିଆ କପ୍ ଆରମ୍ଭ ହେବା ପୂର୍ବରୁ, ଭାରତ ସରକାର ସ୍ପଷ୍ଟ କରିଥିଲେ ଯେ ପାକିସ୍ତାନ ସହିତ କୌଣସି ଦ୍ୱିପାକ୍ଷିକ ସିରିଜ୍ ଖେଳାଯିବ ନାହିଁ, ଉଭୟ ଦଳ କେବଳ ଆଇସିସି ଏବଂ ଏସିସି ଟୁର୍ଣ୍ଣାମେଣ୍ଟରେ ଏକାଠି ଖେଳିବେ।

# ହଂକଂ ଓପନ୍: ପ୍ରିକ୍ୱାର୍ଟରରେ ପଣ୍ଡା ଭଉଣୀ, ସିନ୍ଧୁଙ୍କୁ ହରାଇଲେ ଅଣସିଡେଡ୍ ଲିନ୍

ହଂକଂ: ହଂକଂ ଓପନ୍ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାର ରାଉଣ୍ଡ୍ ଅଫ୍-୩୨ରେ ଦୁଇ ଥର ଅଲିମ୍ପିକ୍ସ ପଦକ ବିଜୟିନୀ ଭାରତୀୟ ତାରକା ପିଭି ସିନ୍ଧୁଙ୍କୁ ବହୁତ ବଡ ଝଟ୍‌କା ଲାଗିଛି। ଡେନମାର୍କର ଅଣସିଡେଡ୍ ଖେଳାଳି ଲିନ୍ କ୍ରିଷ୍ଟୋଫେରସେନ୍ ୨୧-୧୫, ୧୬-୨୧, ୧୯-୨୧ରେ ପରାସ୍ତ କରି ବିଦାୟର ପଥ ଦେଖାଇଛନ୍ତି। ଗତମାସରେ ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିଅନସିପ୍‌ର କ୍ୱାର୍ଟରଫାଇନାଲ୍‌ରେ ପରାଜିତ ହୋଇଥିବା ସିନ୍ଧୁ ପୁଣି ଥରେ ନିଜ ଦକ୍ଷତାମୂଳକ ଖେଳ ପ୍ରଦର୍ଶନ କରି ନପାରି ଘଣ୍ଟାକରୁ କମ୍ ସମୟ ଭିତରେ ନବାଗତ ଲିନ୍‌ଙ୍କଠାରୁ ହାରି ଯାଇଥିଲେ। ଗତ ୬ଟି ମୁକାବିଲା



ମଧ୍ୟରେ ଲିନ୍‌ଙ୍କଠାରୁ ତାଙ୍କର ଏହା ପ୍ରଥମ ପରାଜୟ। ଏହା ପୂର୍ବରୁ ସ୍ୱିସ୍ ଓପନ୍ ଓ ଜାପାନ ଓପନ୍‌ରେ ମଧ୍ୟ ସିନ୍ଧୁ ଦୁର୍ବଳ ପ୍ରଦର୍ଶନ କରିଥିଲେ। ଦୁଇ ଓଡିଆ ତାରକା ରତାପର୍ଣ୍ଣା ଓ ଶ୍ୱେତାପର୍ଣ୍ଣା ପଣ୍ଡା




ପ୍ରିକ୍ୱାର୍ଟରଫାଇନାଲ୍‌ରେ ପ୍ରବେଶ କରି ରାଜ୍ୟ ଓ ଦେଶ ପାଇଁ ଗେରବ ଆଣିଛନ୍ତି। ମହିଳା ଯୁଗଳ ପ୍ରଥମ ରାଉଣ୍ଡ ମୁକାବିଲାରେ ଏହି ଦୁଇ ଭଉଣୀ ୨୧-୧୭, ୨୧-୯ରେ ସ୍ଥାନୀୟ ଯୋଡି ଓଇ କି ଭାନେଶା ପାଙ୍ଗ ଓ ସମ୍ ୟୁ ୱଙ୍ଗଙ୍କୁ ପରାସ୍ତ କରିଛନ୍ତି। ଉଭୟ ମାତ୍ର ୨୮ ମିନିଟ୍ ଭିତରେ ଏହି ମ୍ୟାଚ୍ ଜିତି ପରବର୍ତ୍ତୀ ରାଉଣ୍ଡରେ ପହଞ୍ଚିଥିଲେ। ପୁରୁଷ ଏକକରେ ଏଚ୍‌ଏସ୍ ପ୍ରଣୟ ୨୧-୧୭, ୨୧-୧୪ରେ ଚୀନ୍‌ର ଲୁ ଗାଙ୍ଗ ଜୁଙ୍କୁ, କିରଣ ଜର୍ଜ ୨୧-୧୬, ୨୧-୧୧ରେ ସିଙ୍ଗାପୁରର ଜି ହାଙ୍ଗ ଜାସଦ ତେହଙ୍କୁ, ଲକ୍ଷ୍ୟ ସେନ୍ ୨୨-୨୦, ୧୬-୨୧, ୨୧-୧୫ରେ ଚାଇନିଜ୍ ତାଇପେର ୱାଙ୍ଗ ଚିଜୁ ୱେଇଙ୍କୁ ଏବଂ ଆୟୁଷ ସେଟ୍ଟୀ ୧୫-୨୧, ୨୧-୧୯, ୨୧-୧୩ରେ ଚାଇନିଜ୍ ତାଇପେର ସୁ ଲି ୟାଙ୍ଗଙ୍କୁ ହରାଇ ଆଗକୁ ବଢିଛନ୍ତି। ଭାରତର ଶୀର୍ଷ ମାନ୍ୟତାପ୍ରାପ୍ତ ପୁରୁଷ ଯୁଗଳ ଯୋଡି ସାଇସାତ୍ୱିକ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ନିଜ ପ୍ରତିପକ୍ଷ ତାଇୱାନର ଚିୟୁ ହିଆଙ୍ଗ ଚି ଓ ୱାଙ୍ଗ୍ ଚି ଲିନ୍‌ଙ୍କୁ ହରାଇ ଆଗକୁ ବଢିଛନ୍ତି। ଭାରତୀୟ ପୁରୁଷ ଯୁଗଳ ଯୋଡି ଧ୍ରୁବ କପିଳ ଓ ତନିଷା କ୍ରାଷ୍ଟୋ ମାତ୍ର ୩୧ ମିନିଟ୍ ଭିତରେ ଚାଇନିଜ୍ ତାଇପେଇ ଯୋଡି ଚେନ୍ ଚେଙ୍ଗ୍ କୁଆନ ଓ ହୁ ୟିନ୍ ହୁଇଙ୍କଠାରୁ ୧୬-୨୧, ୧୧-୨୧ରେ ହାରି ଯାଇଥିଲେ।

## ଭାରତ-ପାକ୍ ମ୍ୟାଚ୍‌କୁ ନେଇ ସୁପ୍ରିମକୋର୍ଟଙ୍କ ବଡ଼ ନିଷ୍ପତ୍ତି

ନୂଆଦିଲ୍ଲୀ,୧୧।୯:ସେପ୍ଟେମ୍ବର ୧୪ରେ ହେବାକୁ ଥିବା ଭାରତ-ପାକିସ୍ତାନ ଟି-୨୦ ମ୍ୟାଚ୍ ବାତିଲ କରିବା ପାଇଁ ଦାୟର ଆବେଦନର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। କୋର୍ଟ କହିଛନ୍ତି, ମ୍ୟାଚ୍ ହେବାକୁ ଦିଅ। ଆମେ ଏହାକୁ ବନ୍ଦ କରିବୁ ନାହିଁ। ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ଅନ୍ୟାନ୍ୟ ଘଟଣାକୁ ଉଲ୍ଲେଖ କରି ୪ ଜଣ ଏଲଏଲବି ଛାତ୍ରଙ୍କ ଆବେଦନରେ ପାକିସ୍ତାନ ସହିତ ମ୍ୟାଚ୍‌କୁ ଜାତୀୟ ଭାବନାର ଉପହାସ ବୋଲି କୁହାଯାଇଥିଲା।

ଗୁରୁବାର ସୁପ୍ରିମକୋର୍ଟକୁ ଆବେଦନ ଉପରେ ଜରୁରୀ ଶୁଣାଣି ପାଇଁ ଅନୁରୋଧ କରାଯାଇଥିଲା। ସେପ୍ଟେମ୍ବର ୧୪ ତାରିଖରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଦୁବାଇରେ ଏସିଆ କପ ଟି୨୦ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହେବାକୁ ଯାଉଛି। ଏହି ମାମଲା ବିଚାରପତି ଜେକେ ମାହେଶ୍ୱରୀ ଏବଂ ବିଚାରପତି ବିଜୟ ବିଷ୍ଣୋଇଙ୍କ ସମ୍ମୁଖରେ ରଖାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଓକିଲ ଖଣ୍ଡପୀଠକୁ କହିଥିଲେ, ମ୍ୟାଚ୍ ରବିବାର ହେବାକୁ ଅଛି, ତେଣୁ ଆବେଦନ ଶୁକ୍ରବାର ତାଲିକାଭୁକ୍ତ କରାଯିବା ଉଚିତ। ଏହା ଉପରେ କୋର୍ଟ କହିଥିଲେ ଯେ, ଏହା ମ୍ୟାଚ୍ ବନ୍ଦ ହେବ ନାହିଁ, ଏହାକୁ ହେବାକୁ ଦିଅ। ଓକିଲ ପୁଣି ଥରେ କୋର୍ଟକୁ ମାମଲା ତାଲିକାଭୁକ୍ତ କରିବାକୁ ଅନୁରୋଧ କରିଥିଲେ, କିନ୍ତୁ କୋର୍ଟ ମନା କରିଦେଇଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ